ସାଧାରଣତନ୍ତ୍ର ଦିବସର ଅନେକ ଅନେକ ଶୁଭେଚ୍ଛା

# ଓଡ଼ିଶା ଏକ୍ସପ୍ରେସ୍

ସର୍ବେ ଭଦ୍ରାଣି ପଶ୍ୟନ୍ତୁ...

ODISHA EXPRESS

SIGHTS TRUTH WRITES TRUTH

ଠିକ୍ ଦେଖେ ଠିକ୍ ଲେଖେ

ଆଠ ପୃଷ୍ଠା
ମୂଲ୍ୟ : ₹ ୫.୦୦
ବର୍ଷ-୧୭, ସଂଖ୍ୟା: ୨୬୦
୨୬ ଜାନୁଆରୀ, ୨୦୨୬ ସୋମବାର
କେନ୍ଦ୍ରାପଡ଼ା

Pages-8
Price ₹ 5.00
Vol. 17, Issue No. : 260
26th January, 2026 Monday
Kendrapara

Website : www.odishaexpress.in E-mail : odishaexpress@gmail.com RNI Regd. No. ODIODI/2009/28880 ଭୁବନେଶ୍ୱର ଏବଂ କେନ୍ଦ୍ରାପଡ଼ାରୁ ଏକସଙ୍ଗେ ପ୍ରକାଶିତ

## ଛୁଟି

ସାଧାରଣତନ୍ତ୍ର ଦିବସ ଉପଲକ୍ଷେ 'ଓଡ଼ିଶା ଏକ୍ସପ୍ରେସ୍' କାର୍ଯ୍ୟାଳୟ ବନ୍ଦ ରହୁଥିବାରୁ ଏହାର ପରବର୍ତ୍ତୀ ସଂସ୍କରଣ ୨୮ ତାରିଖରେ ପ୍ରକାଶ ପାଇବ।

- ପରିଚାଳକ

## ନୀତିବାଣୀ

ଦୁଃଖେ ଷ୍ୱନୁ ଦବିଗ୍ନମନାଃ ସୁଖେଷୁ ବିଗତ ସ୍ପୃହଃ ।
ବୀତରାଗ ଭୟ କ୍ରୋଧଃ ସ୍ଥିତିଧୀର୍ମୁନିରୁଚ୍ୟତେ ॥

ଦୁଃଖ ମିଳିଲେ ଯାହା ମନରେ ଉଦ୍‌ବେଗ ଜାତ ହୁଏ ନାହିଁ ଏବଂ ସୁଖ ମିଳିଲେ ଯାହା ମନରେ ସ୍ପୃହା ଆସେ ନାହିଁ ତଥା ଯିଏ ରାଗ ଆସକ୍ତି, ଭୟ ଓ କ୍ରୋଧରୁ ମୁକ୍ତ ସେହି ମନନଶୀଳ ମନୁଷ୍ୟକୁ ସ୍ଥିର ବୁଦ୍ଧି କୁହାଯାଏ

ଉପଦେଶ

... ବାଜିଗଲେ ଦୋଷ ନାହିଁ

ସଂପୂର୍ଣ୍ଣ କାକତାଳୀୟ

# ଓଡ଼ିଶାର ୪ ଜଣଙ୍କୁ ପଦ୍ମ

**ନୂଆଦିଲ୍ଲୀ,୨୫।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

୨୦୨୬ ମସିହା ପାଇଁ ରବିବାର ଘୋଷଣା କରାଯାଇଛି ପଦ୍ମ ପୁରସ୍କାର। ୫ ଜଣଙ୍କୁ ପଦ୍ମ ବିଭୂଷଣ, ୧୩ ଜଣଙ୍କୁ ପଦ୍ମ ଭୂଷଣ ଓ ୧୧୩ ଜଣଙ୍କୁ ପଦ୍ମଶ୍ରୀ ପୁରସ୍କାର ପ୍ରଦାନ କରାଯିବା ବୋଲି କେନ୍ଦ୍ର ଗୃହ ମନ୍ତ୍ରଣାଳୟ ପକ୍ଷରୁ ଜାରି କରାଯାଇଥିବା ପ୍ରେସ୍ ରିଲିଜ୍ ଜାରି କରାଯାଇଛି।

କଳା କ୍ଷେତ୍ରରେ ଅବଦାନ ପାଇଁ ବଲିଉଡ୍ ଅଭିନେତା ଧର୍ମେନ୍ଦ୍ରଙ୍କୁ ମରଣୋତ୍ତର ଭାବେ ପଦ୍ମ ବିଭୂଷଣ ପୁରସ୍କାର ପ୍ରଦାନ କରାଯିବ। କେରଳର ୩ ଜଣଙ୍କୁ ପ୍ରଦାନ କରାଯିବ ପଦ୍ମ ବିଭୂଷଣ ପୁରସ୍କାର। ସେମାନେ ହେଉଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ଭି ଏସ୍ ଅଚ୍ୟୁତାନନ୍ଦନ, କେ.ଟି ଥୋମାସ ଓ ପି ନାରାୟଣନ। ଭି ଏସ୍ ଅଚ୍ୟୁତାନନ୍ଦନଙ୍କୁ



ମରଣୋତ୍ତର ଭାବେ ଏହି ପୁରସ୍କାର ପ୍ରଦାନ କରାଯିବ। କେ.ଟି ଥୋମାସଙ୍କୁ ପବ୍ଲିକ୍ ଆଫାୟର୍ସ କ୍ଷେତ୍ର ପାଇଁ ଏବଂ ପି ନାରାୟଣନଙ୍କୁ ଶିକ୍ଷା ଓ ସାହିତ୍ୟ କ୍ଷେତ୍ର ପାଇଁ ମିଳିବ ପଦ୍ମ ବିଭୂଷଣ ପୁରସ୍କାର। ସେହିପରି କଳା କ୍ଷେତ୍ରରେ ଅବଦାନ ପାଇଁ ଉତ୍ତର ପ୍ରଦେଶର ଏନ୍ ରାଜମଙ୍କୁ କଳା କ୍ଷେତ୍ରରେ ଅବଦାନ ପାଇଁ ପଦ୍ମ ବିଭୂଷଣ ପୁରସ୍କାର ପ୍ରଦାଦ କରାଯିବ।

୧୩ ଜଣଙ୍କୁ ପଦ୍ମ ଭୂଷଣ ପୁରସ୍କାର ପ୍ରଦାନ କରାଯିବାକୁ ଥିବା ବେଳେ ସେମାନଙ୍କ ମଧ୍ୟରେ ଅଛନ୍ତି ଗାୟିକା ଅଲକା ୟାଗ୍ନିକ, ଅଭିନେତା ମାମ୍ମୁଟୀ, ପୀୟୁଷ ପାଣ୍ଡେ (ମରଣୋତ୍ତର), ଭିକେ ମାଲହୋତ୍ରା (ମରଣୋତ୍ତର), ଟେନିସ୍ ଖେଳାଳି ବିଜୟ ଅମୃତରାଜ ଓ ଝାଡଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଶିବୁ ସୋରେନ (ମରଣୋତ୍ତର)। ବ୍ୟବସାୟ ଓ ଶିଳ୍ପ କ୍ଷେତ୍ରରେ ଅବଦାନ ପାଇଁ ଉଦୟ କୋଟାକଙ୍କୁ ମଧ୍ୟ ପ୍ରଦାନ କରାଯିବ ପଦ୍ମ ଭୂଷଣ ପୁରସ୍କାର।

ପଦ୍ମଶ୍ରୀ ପୁରସ୍କାର ପାଇବାକୁ ଥିବା ୧୧୩ ଜଣଙ୍କ ମଧ୍ୟରେ ଅଛନ୍ତି ଭାରତୀୟ କ୍ରିକେଟ୍ ଟିମ୍ର ପୂର୍ବତନ ଅଧିନାୟକ ରୋହିତ ଶର୍ମା। ତାଙ୍କ ସହିତ ମହିଳା ହକି ଖେଳାଳି ସବିତା ପୁନିଆ ଓ ଭାରତୀୟ ମହିଳା କ୍ରିକେଟ୍ ଟିମ୍ର ଅଧିନାୟିକା ହରମନପ୍ରୀତ କୌର ଭୁଲ୍ଲାର ମଧ ପାଇବେ ପଦ୍ମଶ୍ରୀ ପୁରସ୍କାର। ବଲିଉଡ୍ ଅଭିନେତା ସତୀଶ ଶାହଙ୍କୁ ମଧ ପ୍ରଦାନ କରାଯିବ ପଦ୍ମଶ୍ରୀ ପୁରସ୍କାର। ତାଙ୍କୁ ମରଣୋତ୍ତର ଭାବେ ଏହି ପୁରସ୍କାର ପ୍ରଦାନ କରାଯିବ।

ସେହିପରି ଓଡିଶାରୁ ୪ ଜଣଙ୍କ ପଦ୍ମଶ୍ରୀ ପୁରସ୍କାର ପାଇଁ ଘୋଷଣା କରାଯାଇଛି। ସେମାନେ ହେଉଛନ୍ତି ଚରଣ ହେମ୍ବ୍ରମ, ମହେନ୍ଦ୍ର କୁମାର ମିଶ୍ର, ଶରତ କୁମାର ପାତ୍ର ଓ ସୀମାଞ୍ଚଳ ପାତ୍ର। ଚରଣ ହେମ୍ବ୍ରମ ଓ ମହେନ୍ଦ୍ର *(ଶେଷ ପୃଷ୍ଠା ଦେଖନ୍ତୁ)*

# ୧୨୮ ଜଣଙ୍କୁ ସାହସିକତା ଏବଂ ସେବା ପଦକ

**ନୂଆଦିଲ୍ଲୀ,୨୫।୧: ଏକ୍ସପ୍ରେସ୍ ନ୍ୟୁଜ୍**

ଓଡିଶାର ମୋଟ୍ ୪ ଜଣଙ୍କୁ ସାହସିକତା ପଦକ, ଦୁଇ ଜଣଙ୍କୁ ବିଶିଷ୍ଟ ସେବା ପାଇଁ ରାଷ୍ଟ୍ରପତିଙ୍କ ପଦକ ଏବଂ ୧୧ ଜଣଙ୍କୁ ପ୍ରଶଂସନୀୟ ସେବା ପଦକ ପ୍ରଦାନ କରାଯାଇଛି। ପ୍ରଶଂସନୀୟ ସେବା ପାଇଁ ଓଡିଶା ପୁଲିସ ଆଇଜି ଡକ୍ଟର ସାର୍ଥକ ଷଡଙ୍ଗୀ, କମାଣ୍ଡାଣ୍ଟ ଶ୍ରୀପ୍ରସାଦ ତମାଙ୍ଗ, ଅତିରିକ୍ତ ଏସପି ଶୁଭନାରାୟଣ ମୁଦୁଲି, ଡିଏସପି ପ୍ରଦୀପ କୁମାର ଆଇନ୍ଦ, ଡିଏସପି ପ୍ରଣୀତା କୁମାରୀ ରାୟ, କମାଣ୍ଡାଣ୍ଟ ଅଶୋକ କୁମାର ମହାନ୍ତି, ଇନ୍ସପେକ୍ଟର ଅରୁଣ କୁମାର ନାୟକ, ମହମ୍ମଦ ହଫିଜ୍, ହାବିଲଦାର ଲତା ନାୟକ, ଏଏସଆଇ ନିଗମାନନ୍ଦନ ମହାପାତ୍ର, ଇନ୍ସପେକ୍ଟର ଲକ୍ଷ୍ମୀ ନାରାୟଣ ମୁଦୁଲି।

ଏମାନଙ୍କ ବ୍ୟତୀତ ବିଶିଷ୍ଟ ସେବା ପାଇଁ ଏଡିଜି ପ୍ରତୀକ ମହାନ୍ତି, ଡିସିପି ପ୍ରମୁଖ କୁମାର ସିଂ ପଦକ ପାଇବାକୁ ମନୋନିତ ହୋଇଛନ୍ତି। ସାହସିକତା ପଦକ ପାଇଛନ୍ତି ଓଡିଶା ପୁଲିସ ଡିଏସପି ଅତୁଲ କୃଷ୍ଣ ଦାସ, ଏଏସଆଇ ପୂର୍ଣ୍ଣ ଚନ୍ଦ୍ର ପ୍ରଧାନ, କନଷ୍ଟେବଲ ଥବିର ମାଝୀ ଓ ଘନଶ୍ୟାମ ସାହୁ। ଜୀବନ ଏବଂ ସମ୍ପତ୍ତି ରକ୍ଷା, ଅପରାଧ ନିୟନ୍ତ୍ରଣ କିମ୍ବା ଅପରାଧୀମାନଙ୍କୁ ଧରିବାରେ ଅସାଧାରଣ ସାହସିକତା ଏବଂ ଉଲ୍ଲେଖନୀୟ ସାହସିକତା କାର୍ଯ୍ୟ ପାଇଁ ସାହସିକତା ପଦକ (ଜିଏମ) ପ୍ରଦାନ କରାଯାଏ। ବିପଦର ମୂଲ୍ୟାଙ୍କନ ସମ୍ପୃକ୍ତ ଅଧିକାରୀଙ୍କ ଦାୟିତ୍ୱ ଏବଂ କର୍ତ୍ତବ୍ୟକୁ ବିଚାରକୁ ନେଇ କରାଯାଏ।

୧୨୫ ସାହସିକତା ପୁରସ୍କାର ମଧ୍ୟରୁ ୩୫ ଜଣଙ୍କୁ ବାମପନ୍ଥୀ ଉଗ୍ରବାଦ ପ୍ରଭାବିତ ଅଞ୍ଚଳରେ, ୪୫ ଜଣଙ୍କୁ ଜମ୍ମୁ କଶ୍ମୀର କ୍ଷେତ୍ରରୁ, ୫ ଜଣଙ୍କୁ ଉତ୍ତର-ପୂର୍ବରୁ ଏବଂ ୪୦ ଜଣଙ୍କୁ ଅନ୍ୟାନ୍ୟ ଅଞ୍ଚଳରେ *(ଶେଷ ପୃଷ୍ଠା ଦେଖନ୍ତୁ)*

# ଔପଚାରିକତାରେ ସୀମିତ ଜାତୀୟ ମତଦାତା ଦିବସ

**କେନ୍ଦ୍ରାପଡ଼ା,୨୫।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଭାରତ ବର୍ଷ ଭଳି ଏକ ବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ରରେ ପ୍ରତ୍ୟେକ ନାଗରିକ ବିନା ଭୟ,ବିନା ପକ୍ଷପାତିତା ଓ ବିନା ପ୍ରଲୋଭନରେ ବିବେକାନୁମୋଦିତ ମତଦାନ କରିବାର ଯତେଷ୍ଟ ଆବଶ୍ୟକତା ରହିଛି । ଯାହା ଦେଶର ବିକାଶକୁ ତ୍ୱରାନ୍ୱିତ କରିବା ସହିତ ଦେଶବାସୀଙ୍କ ପାଇଁ କଲ୍ୟାଣକାରୀ ହେବ । ଏହା ହିଁ ଦେଶର ଗଣତାନ୍ତ୍ରିକ ବ୍ୟବସ୍ଥାକୁ ଅଧିକ ସୁଦୃଢ କରିପାରିବା କିନ୍ତୁ ଦେଶ ସ୍ୱାଧୀନତାର ୭୯ବର୍ଷ ପରେ ବି ତାହା ସମ୍ଭବ ହୋଇ ପାରିଲା ନାହିଁ । ଦେଶବାସୀଙ୍କୁ ଏଥିନେଇ ସଚେତନ କରାଇବା ସକାଶେ ପ୍ରତିବର୍ଷ ଜାନୁୟାରୀ ୨୫ତାରିଖରେ ପାଳିତ ହେଉଛି ଜାତୀୟ ମତଦାତା ଦିବସ । ହେଲେ ବର୍ଷ ବର୍ଷ ଧରି ଏହା କେବଳ ଔପଚାରିକତାରେ ସୀମିତ ରହିଛି । ବିଭିନ୍ନ ଗଣମାଧ୍ୟମରେ ସରକାରୀ ବିଜ୍ଞାପନ ପ୍ରସାରଣ ଓ ସରକାରୀ ଭାବେ ରାଜ୍ୟ ତଥା ଜିଲ୍ଲା ସ୍ତରରେ କିଛି ସରକାରୀ ବାବୁ ମାନଙ୍କର ସଭାରେ ଜାତୀୟ ମତଦାତା ଦିବସ ପାଳିତ ହୋଇ ଚାଲିଛି । ଯେଉଁଥିରେ ସାଧାରଣ ମତଦାତାଙ୍କର କୌଣସି ସଂପର୍କ ନାହିଁ। ଏହି ଭଳି ଯଦି ଯାବତ୍ ଚନ୍ଦ୍ରାକେ ଜାତୀୟ ମତଦାତା ଦିବସ ପାଳିତ ହେଉଥିବ ତା'ର କୌଣସି ସୁଫଳ ଯେ ମିଳିବ ନାହିଁ ତାହା ଜଳ ଜଳ ହୋଇ ଦିଶୁଛି ବୋଲି ବୁଦ୍ଧିଜୀବି ମହଲରେ ମତପ୍ରକାଶ ପାଇଛି । ଅନେକଙ୍କ କହିବା କଥାଯେ, ଦେଶ ସ୍ୱାଧୀନତା ପରଠାରୁ ଯେତେ ଥର ନିର୍ବାଚନ ହୋଇଛି କୌଣସି ଥର କୌଣସି ନିର୍ବାଚନରେ ବି ଶତ ପ୍ରତିଶତ ମତଦାନ ହେବାର ନଜିର ନାହିଁ । ହାରାହାରି ସର୍ବନିମ୍ନ୫୦ରୁ ସର୍ବାଧିକ୮୦ ପ୍ରତିଶତ ଲୋକେ ବିଭିନ୍ନ ସମୟରେ ନିଜର ମତାଧିକାର ସାବ୍ୟସ୍ତ କରିଛନ୍ତି । କିନ୍ତୁ ସବୁଠାରୁ ଦୁର୍ଭାଗ୍ୟର ବିଷୟ ଯେ ପ୍ରକୃତରେ ମତଦାନ ସର୍ବାଧିକ ୫% ଲୋକଙ୍କୁ ଛାଡ଼ିଦେଲେ ନିର୍ଭୀକ ଭାବେ ଓ ବିନା ପ୍ରଲୋଭନରେ ନିରପେକ୍ଷ ମତଦାନ କରିବା ମତଦାତାଙ୍କୁ ଦେଖିବାକୁ ମିଳେ ନାହିଁ। ଗଣତନ୍ତ୍ର ପରିପକ୍ୱ ହେଉଥିଲେ ମଧ୍ୟ ନିରପେକ୍ଷ ମତଦାତାଙ୍କ *(ଶେଷ ପୃଷ୍ଠା ଦେଖନ୍ତୁ)*

# ୧୭ବର୍ଷ ପୂର୍ବରୁ ଜାନୁଆରୀ ୨୬କୁ ସ୍ୱାଧୀନତା ଦିବସ ରୂପେ ପାଳନ କରାଯାଉଥିଲା

**ଭୁବନେଶ୍ୱର,୨୫।୧: ତଥ୍ୟ**

ଦେଶ ସ୍ୱାଧୀନ ହେବାର ୧୭ବର୍ଷ ପୂର୍ବରୁ ଜାନୁଆରୀ ୨୬କୁ ସ୍ୱାଧୀନତା ଦିବସ ଭାବେ ପାଳନ କରାଯାଉଥିଲା । ତେବେ ପରବର୍ତ୍ତୀ ସମୟରେ ୧୯୪୭ ଅଗଷ୍ଟ ୧୫ତାରିଖରେ ଭାରତ ସ୍ୱାଧୀନ ହେବାପରେ ଆମ ଦେଶର ସମ୍ବିଧାନ ୧୯୫୦ ଜାନୁଆରୀ ୨୬ରେ ଲାଗୁ ହେବାରୁ ଏହି ଦିନଟିକୁ ସାଧାରତନ୍ତ୍ର ଦିବସ ଭାବେ ପାଳନ କରାଯାଉଛି ।

ଇତିହାସର ଦସ୍ତାବିଜ ଅନୁଯାୟୀ ୧୯୨୮-୨୯ର କଲିକତା କଂଗ୍ରେସ ଅଧିବେଶନରେ ପୂର୍ଣ୍ଣ ସ୍ୱରାଜ ସଂକଳ୍ପ ପାରିତ କରାଯାଇ ବ୍ରିଟିଶ ସରକାରଙ୍କୁ ବର୍ଷେ ସମୟ ଦିଆଯାଇଥିଲା । ୧୯୨୯-୩୦ର କଂଗ୍ରେସ ଅଧିବେଶନ ଲାହୋରରେ ଅନୁଷ୍ଠିତ ହେବାବେଳେ ୧୯୨୯ ଡିସେମ୍ବର ୩୧ ରାତି ୧୨ଟାରେ ତ୍ରିରଙ୍ଗା ଝଣ୍ଡା ଉତ୍ତୋଳନ କରାଯାଇ ସେଠାରେ ପୂର୍ଣ୍ଣ ସ୍ୱାଧୀନତା ଘୋଷଣା କରାଯାଇଥିଲା । ତେବେ ୧୯୩୦ ଜାନୁଆରୀ ୨ ତାରିଖରେ ଲାହୋର କଂଗ୍ରେସ ଅଧିବେଶନରେ ପୂର୍ଣ୍ଣ ସ୍ୱାଧୀନତାର ଶପଥପତ୍ର ଗାନ୍ଧୀଜୀ ଉପସ୍ଥାପନ କରିଥିଲେ ଏବଂ ସେଦିନ ନିଷ୍ପତ୍ତି ନିଆଯାଇଥିଲା ଯେ ପ୍ରତିବର୍ଷ ଜାନୁଆରୀ ୨୬କୁ ସ୍ୱାଧୀନତା ଦିବସ ଭାବେ ପାଳିବା ସହିତ ଲୋକେ ବ୍ରିଟିଶ



ଶାସନର ଅବସାନ ପାଇଁ ସଂକଳ୍ପପତ୍ର ଦୋହରାଇବେ ବୋଲି ।

୧୯୩୦ ଜାନୁଆରୀ ୨୬ରେ ଦେଶର ବିଭିନ୍ନ ସ୍ଥାନରେ ସ୍ୱାଧୀନତା ଦିବସ ଅବସରରେ ଚରଖା ଚିହ୍ନିତ ତ୍ରିରଙ୍ଗା ଝଣ୍ଡା ଉତ୍ତୋଳନ କରି ଲୋକେ ସଙ୍କଳ୍ପ ଗ୍ରହଣ କରିଥିଲେ । ଏହି ଅବସରରେ କଟକ କାଠଗଡା ସାହି ସ୍ଥିତ ରାଜକୃଷ୍ଣ ବୋଷଙ୍କ ଲୋକସେବା ପ୍ରେସ ପରିସରରେ ପ୍ରଥମେ ପତାକା ଉତ୍ତୋଳନ କରାଯାଇଥିଲା ଏବଂ ମ୍ୟୁନିସିପାଲିଟି ପଡିଆରେ ଶପଥଗ୍ରହଣ ସମାରୋହ ହେବବୋଲି କାର୍ଯ୍ୟକ୍ରମ ସ୍ଥିର ହୋଇଥିଲା। ତେବେ ଶେଷ ମୁହୂର୍ତ୍ତରେ ସରକାର ମ୍ୟୁନିସିପାଲଟି ପଡିଆରେ ୧୪୪ ଧାରା ଜାରି କରିବାରୁ କାଠଯୋଡି ନଦୀ କୂଳବର୍ତ୍ତୀ ଗୋପବନ୍ଧୁ ଚୌଧୁରୀଙ୍କ ଘର ହତା ଓ ସନସାଇନ୍ ପଡିଆରେ ଶପଥପାଠ କାର୍ଯ୍ୟକ୍ରମ ହୋଇଥିଲା । ଏଥିରେ ସେତେବେଳେ ୫ହଜାରରୁ ଅଧିକ ଲୋକ *(ଶେଷ ପୃଷ୍ଠା ଦେଖନ୍ତୁ)*

# ଜମିବାଡି ବିବାଦ: ପରିବାରର ୩ଜଣଙ୍କୁ ହତ୍ୟା

**ଘଷିପୁରା,୨୫।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ପାରିବାରିକ ସଂପର୍କରେ କଳହ ଦେଖାଯିବା ପରେ ଏହା ଉଗ୍ରରୂପ ଧାରଣ କରିଛି। ଅତୀତର ସ୍ନେହମମତା ଭୁଲିଯାଇ ବଡ ଭାଇ କୁରାଢ଼ୀରେ ସାନଭାଇ, ବୋହୂ ଏବଂ ଝିଆରୀଙ୍କୁ ଅତି ନୃଶଂସ ଭାବେ ହତ୍ୟା କରିଛି। କେନ୍ଦୁଝର ଜିଲ୍ଲା ଘଷିପୁରା ଥାନା ଅଧୀନ ଖାଳିଆମେଣ୍ଟା ପଞ୍ଚାୟତର ନିଆଳିଝରଣ ଗ୍ରାମରେ ଆଜି ଏହି ଜଘନ୍ୟ ହତ୍ୟାକାଣ୍ଡ ଘଟିଛି। ମୃତକମାନେ ହେଲେ ଜିତେନ୍ଦ୍ର ସୋରେନ (୪୫), ଜିତେନ୍ଦ୍ରଙ୍କ ପତ୍ନୀ ମାଳତୀ (୩୫) ଏବଂ ସେମାନଙ୍କର ଝିଅ ସସ୍ମିତା (୧୫)।

ପୁଲିସ କହିବା ଅନୁସାରେ ଖାଳିଆମେଣ୍ଟା ପଞ୍ଚାୟତ ଅଧୀନ ନିଆଳିଝରଣ ଗ୍ରାମରେ ରାମ ସୋରେନ ଏବଂ ଜିତେନ୍ଦ୍ର ସୋରେନଙ୍କ ପରିବାର ରୁହନ୍ତି। ତେବେ ଜମିବାଡ଼ି ବିବାଦ ସହ ପାରିବାରିକ ପ୍ରସଙ୍ଗକୁ ନେଇ ଦୁଇ ଭାଇଙ୍କ ପରିବାର ମଧ୍ୟରେ ବହୁଦିନ ହେଲା ମତମତାନ୍ତର ଦେଖାଯାଇଥିଲା, ଯାହା ଆଜି ଉଗ୍ରରୂପ ନେଇଥିଲା।

ରାମ ସୋରେନ(୫୨) ନିଜର ଜଣେ ପୁତୁରା ଲକ୍ଷ୍ମଣ ସୋରେନ ସହିତ ମିଳିତ ଭାବେ ଜିତେନ୍ଦ୍ର ସୋରେନ, ଜିତେନ୍ଦ୍ରଙ୍କ ପତ୍ନୀ ମାଳତୀ ଓ ଜିତେନ୍ଦ୍ରଙ୍କ ଝିଅ ସସ୍ମିତାଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିଥିଲେ। ବାପା, ମା' ଓ ଭଉଣୀଙ୍କୁ ବଡବାପା ଟାଙ୍ଗିଆରେ ହାଣୁଥିବା ବେଳେ ଭୟଭୀତ ହୋଇ ଜିତେନ୍ଦ୍ରଙ୍କର ଅନ୍ୟ ୨ ଝିଅ ସେଠାରୁ *(ଶେଷ ପୃଷ୍ଠା ଦେଖନ୍ତୁ)*

# ସଂଗୀତ ନିର୍ଦ୍ଦେଶକ ଅଭିଜିତ ମଜୁମ୍‌ଦାର୍‌ଙ୍କ ପରଲୋକ

**କଟକ,୨୫।୧: ଏକ୍ସପ୍ରେସ୍ ନ୍ୟୁଜ୍**

ଚିର ନିଦ୍ରାରେ ଓଡ଼ିଆ ସଂଗୀତ ଜଗତର ଯାଦୁକର । ଆଉ ଶୁଭିବନି ମେଲୋଡ଼ି କିଙ୍ଗଙ୍କ ସ୍ୱର । ଲୋକପ୍ରିୟ ସଂଗୀତ ନିର୍ଦ୍ଦେଶକ ଅଭିଜିତ ମଜୁମ୍‌ଦାର୍‌ଙ୍କ ପରଲୋକ ହୋଇଯାଇଛି । ୫୪ବର୍ଷ ବୟସରେ ଭୁବନେଶ୍ୱର ଏମସ୍‌ରେ ଚିକିତ୍ସାଧୀନ ଅବସ୍ଥାରେ ଅଭିଜିତଙ୍କ ରବିବାର ସକାଳେ ଦେହାନ୍ତ ଘଟିଛି । ଲିଭରଜନିତ ସମସ୍ୟା ପାଇଁ ସେ ଦୀର୍ଘଦିନ ଧରି ଏମସରେ ଚିକିତ୍ସାଧୀନ ଥିଲେ । ତାଙ୍କ ମୃତ୍ୟୁ ଖବର ଶୁଣି ଓଡ଼ିଆ ସିନେମା ତଥା ଆଲବମ ଜଗତରେ ଶୋକର ଛାୟା ଖେଳି ଯାଇଛି ।

୧୯୯୧ ମସିହାରେ ଅଭିଜିତ ମଜୁମ୍‌ଦାର୍ ସଂଗୀତ କ୍ୟାରିଅର ଆରମ୍ଭ କରିଥିଲେ। "ଧକ୍କି ଗଲା" ଅଭିଜିତଙ୍କ



ପ୍ରଥମ ସମ୍ବଲପୁରୀ ଆଲବମ ଥିଲା । ଅନେକ ଓଡ଼ିଆ ଆଲବମ ଓ ଫିଲ୍ମ ପାଇଁ ଅଭିଜିତ ମଜୁମ୍‌ଦାର୍ ସଂଗୀତ ନିର୍ଦ୍ଦେଶନା ଦେଇଛନ୍ତି । ୨୦୦୦ ମସିହାରେ "କାଶିଆ କପିଳା" ଜରିଆରେ ଫିଲ୍ମ *(ଶେଷ ପୃଷ୍ଠା ଦେଖନ୍ତୁ)*




सत्यमेव जयते

## ପବିତ୍ର ସାଧାରଣତନ୍ତ୍ର ଦିବସ-୨୦୨୬ ଅବସରରେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ସାଧାରଣତନ୍ତ୍ର ଦିବସ-୨୦୨୬ ପାଳନ ଅବସରରେ ମୁଁ ଓଡ଼ିଶାବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି ।

ଓଡ଼ିଶାକୁ ଦେଶର ଏକ ସମୃଦ୍ଧ, ଅଗ୍ରଣୀ ଏବଂ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ଏହି ପବିତ୍ର ଦିବସରେ ସମସ୍ତେ ଶପଥ ନେବାକୁ ମୁଁ ଆହ୍ୱାନ ଜଣାଉଛି ।

(ଡ. ହରି ବାବୁ କମ୍ଭମପାଟି)

OIPR-

DADLS-83



## ପବିତ୍ର ସାଧାରଣତନ୍ତ୍ର ଦିବସ-୨୦୨୬ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

ପବିତ୍ର ସାଧାରଣତନ୍ତ୍ର ଦିବସ ଅବସରରେ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ଆଜିର ଦିବସ ହେଉଛି ଗର୍ବ, ଗୌରବ ଓ ସଂକଳ୍ପର ଦିବସ ।

ଆସନ୍ତୁ, ସମ୍ବିଧାନର ମୂଲ୍ୟବୋଧକୁ ଆଧାର କରି ଦେଶର ଶକ୍ତି, ସାମର୍ଥ୍ୟ ଓ ସମ୍ମାନ ବଢ଼ାଇବା ସହିତ ୨୦୩୬ ସୁଦ୍ଧା ଏକ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ସମସ୍ତେ ସଂକଳ୍ପବଦ୍ଧ ହୋଇ କାମ କରିବା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

## ସ୍ତ୍ରୀଙ୍କୁ ମରଣାନ୍ତକ ଆକ୍ରମଣ: ସ୍ୱାମୀ ଗିରଫ

**ବୁଗୁଡା: ଏକ୍ସପ୍ରେସ ନ୍ୟୁଜ୍**

ବୁଗୁଡ଼ା ଥାନା ବାଲିପଦର ଫାଣ୍ଡି ଅନ୍ତର୍ଗତ ଗହଙ୍ଗୁପାଟଣା ଗ୍ରାମରେ ସ୍ତ୍ରୀକୁ ମରଣାନ୍ତକ ଆକ୍ରମଣ କରି ସ୍ୱାମୀ ଗିରଫ ହୋଇଥିବା ଜଣାଯାଇଛି । ଗିରଫ ସ୍ୱାମୀ ଜଣକ ହେଲେ ଶ୍ରୀକାନ୍ତ ପଣ୍ଡା (୩୪) ଆହତ ସ୍ତ୍ରୀ ଜଣକ ହେଲେ ରୋଜି କୁମାରୀ ସ୍ୱାଇଁ (୨୯) । ଏ ନେଇ କେସ୍ ନଂ ୩୨/୨୬ରେ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କଠାରୁ ପ୍ରକାଶ ପାଇଛି । ପ୍ରକାଶ ଯେ, ଶୁକ୍ରବାର ରାତି ଆଠଟା ବେଳେ ଶ୍ରୀକାନ୍ତ ମାତାଲ ଅବସ୍ଥାରେ ଘରକୁ ଆସି ସ୍ତ୍ରୀ ରୋଜିକୁ ଅଭଦ୍ର ଭାଷାରେ ଗାଳି ଗୁଲଜ ସହ ମାଡ ମାରିଲା । ଏଥିରେ ପ୍ରତିବାଦ କରିବାରୁ ରୋଜିଙ୍କୁ ତଳେ ପକାଇ ପୁଣି ମୁହଁକୁ ମାଡ ମାରିଲା । ଛୁରି ଦେଖାଇ ଜୀବନରେ ମାରି ଦେବାକୁ ଧମକ ଦେବା ସହ ଦଶ ମାସର ଝିଅ ସହ ସ୍ତ୍ରୀକୁ ବଳପୂର୍ବକ ଟାଣି ଘରୁ ବାହାର କରିଦେଲା । ସେ ଭୟଭୀତ ହୋଇ ୧୧୨କୁ ଫୋନ କରିବା ପରେ ବାଲିପଦର ଫାଣ୍ଡିର ୨ ଜଣ କନଷ୍ଟେବଲ ଯାଇ ସେଠାରେ ପହଞ୍ଚି ଉଭୟ ମାଆ ଓ ଝିଅକୁ ଘର ବାହାରେ ଶୀତରେ ଥରୁଥିବା ଦେଖିବାକୁ ପାଇଲେ । ଜଣେ କନେଷ୍ଟବଲ ଶ୍ରୀକାନ୍ତକୁ ଡାକିବାରୁ ସେ ପୁଣି ତାଙ୍କୁ ମଧ ଛୁରିରେ ଆକ୍ରମଣ କରିବାକୁ ଉଦ୍ୟମ କରିବାରୁ ସେ କୌଣସି ମତେ ସେଠାରୁ ଖସି ପଳାଇ ଆସିଲେ । ଏ ନେଇ ଅଭିଯୋଗ ପରେ ପୋଲିସ ଶ୍ରୀକାନ୍ତକୁ ଶନିବାର ଦିନ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି ।

## ଅଜଣା ଗାଡ଼ି ଧକ୍କାରେ ଯୁବକ ମୃତ

**ପାଟଣା: ଏକ୍ସପ୍ରେସ ନ୍ୟୁଜ୍**

କେନ୍ଦୁଝର ଜିଲ୍ଲା ପାଟଣା ଥାନା ସାହାରପଡ଼ା ବ୍ଲକ ବରବେଢ଼ା ଆମ୍ବ ବାଗାନ ନିକଟ ଗଡ଼ିଆରୁ ରବିବାର ସାହାରପଡ଼ା ଫାଣ୍ଡି ପୋଲିସ ଜଣେ ୨୧ ବର୍ଷୀୟ ଯୁବକଙ୍କ ମୃତଦେହ ଜବତ କରିଛି । ମୃତକ ଜଣକ ହେଉଛନ୍ତି ଉକ୍ତ ଫାଣ୍ଡି ଗଣ୍ଡ ବେଢ଼ା ପଞ୍ଚାୟତ ଅନ୍ତର୍ଗତ ଲକ୍ଷ୍ମୀପଶି ଗ୍ରାମର କିଶୋର ମୁଣ୍ଡାଙ୍କ ପୁଅ ଚନ୍ଦନ । ମିଳିଥିବା ସୂଚନାନୁଯାୟୀ, ଶନିବାର ଚନ୍ଦନ ବାଇକ୍ ଯୋଗେ ଚାତରପାଣିକୁ ଟୁସୁ ଯାତ୍ରା ଦେଖାଇବାକୁ ଯାଇ ରାତିରେ ଲକ୍ଷ୍ମୀପଶିକୁ ଫେରୁଥିବା ବେଳେ ବରବେଢ଼ା ସ୍କୁଲ ନିକଟରେ ଅଜଣା ଗାଡ଼ି ଧକ୍କା ଦେଇଚାଲି ଯାଇଥିଲା । ଯାହାଫଳରେ ଚନ୍ଦନ ବାଇକ୍ ସହିତ ପୋଖରୀ ଭିତରେ ପଡ଼ି ପଡ଼ିଯାଇଥିଲେ । ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା । ରବିବାର ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେବା ପରେ ସାହାରପଡ଼ା ଫାଣ୍ଡି ଅଧିକାରୀ ପାର୍ଥ ଓରାମ ପହଞ୍ଚି ମୃତଦେହ ଉଦ୍ଧାର କରି ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କରାଇ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି ।






## ଋଷିକୂଲ୍ୟା କେନାଲରେ ବୁଡି ଯୁବକଙ୍କ ମୃତ୍ୟୁ

**ଶେରଗଡ: ଏକ୍ସପ୍ରେସ ନ୍ୟୁଜ୍**



ରବିବାର ଏକ ଘଟଣା କ୍ରମେ ପାଣିରେ ବୁଡି ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ପୋଲିସ ସୂତ୍ରରୁ ପ୍ରକାଶ । ଘଟଣା କ୍ରମେ, ଶେରଗଡ ଥାନା ଅନ୍ତର୍ଗତ କିର୍ତ୍ତୀପୁର ଗ୍ରାମର ବିଶ୍ୱନାଥ ବେହେରାଙ୍କ ପୁଅ କେଦାର (୨୭) ଗାଈ, ଛେଳି ଚରାଇ ପରିବାରର ଗୁଜୁରାଣ ମେଣ୍ଟାନ୍ତି । ପ୍ରତ୍ୟେକ ଦିନ ଭଳି କାଲି ମଧ କେଦାର ଗାଈ, ଛେଳି ଚରାଇବା ଲାଗି ଗାଁ ନିକଟସ୍ଥ ଋଷିକୂଲ୍ୟା କେନାଲ ପାର୍ଶ୍ୱକୁ ଯାଇଥିଲେ । ଏହି ସମୟରେ କେଦାର ଝାଡା ଯାଇ ଶୌଚ ହେବା ଲାଗି କେନାଲ ମଧ୍ୟକୁ ପ୍ରବେଶ କରିଥିଲେ । ଅସାବଧାନତା ବଶତଃ କେନାଲରେ ଶୌଚ ହେବା ସମୟରେ କେଦାରଙ୍କ ଗୋଡ ଦଳ ମଧରେ ଅଟକି ଯାଇଥିଲା ଏବଂ ପାଣି ଅଧିକ ଥିବାରୁ ବୁଡି ଯାଇଥିଲେ । ସନ୍ଧ୍ୟା ହେବାରୁ କେଦାର ଘରକୁ ଗାଈ, ଛେଳି ଚରାଇବା ପରେ ଘରକୁ ନଫେରିବାରୁ ପରିବାର ଲୋକ କେନାଲ ପାଖକୁ ଆସି କେଦାରଙ୍କ ଚପଲ ଦେଖିବା ସହ ଖୋଜାଖୋଜି କରିଥିଲେ । ରାତିରେ ଅଗ୍ନିଶମ ବାହିନୀ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ବହୁ ଖୋଜାଖୋଜି କରିଥିଲେ ମଧ ପାଣି ଅଧିକ ଥିବାରୁ ସନ୍ଧାନ ପାଇ ପାରିନଥିଲେ । ରବିବାର ପାଣି କମିବାରୁ ଗ୍ରାମବାସୀ କେଦାରଙ୍କୁ କେନାଲ ମଧ୍ୟରୁ ବାହାର କରି ହୁଡାକୁ ଆଣିଥିଲେ । ପରେ କେଦାରଙ୍କୁ ଶେରଗଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣାଯାଇଥିଲା ଏବଂ ଡାକ୍ତର ମୃତ ଘୋଷଣା କରିଥିଲେ । ଶେରଗଡ ପୋଲିସ ପହଞ୍ଚି ୧/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହିତ ଶବ ଜବତ କରି ବ୍ରହ୍ମପୁର ଏମକେସିଜି ମେଡ଼ିକାଲକୁ ବ୍ୟବଚ୍ଛେଦ ଲାଗି ପଠାଇଥିଲେ । ବ୍ୟବଚ୍ଛେଦ ପରେ କେଦାରଙ୍କ ଶବ ପରିବାରକୁ ହସ୍ତାନ୍ତର କରାଯିବ ବୋଲି ଥାନାଧିକାରୀ ବରେନ୍ଦ୍ର ସିଅଳ ପ୍ରକାଶ କରିଛନ୍ତି । କେଦାର ଦେଢ ବର୍ଷ ପୂର୍ବରୁ ବିବାହ କରିଥିଲେ ଏବଂ ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ସରକାରୀ ସହାୟତା ଯୋଗାଇ ଦେବା ଲାଗି ପ୍ରଶାସନ ନିକଟରେ ଗ୍ରାମବାସୀ ନିବେଦନ କରିଛନ୍ତି ।

## ଆମିଷ କଟକଣାରେ ଜିଲ୍ଲାପାଳଙ୍କ ୟୁଟର୍ଣ୍ଣ

**କୋରାପୁଟ: ଏକ୍ସପ୍ରେସ ନ୍ୟୁଜ୍**

କୋରାପୁଟ ଜିଲ୍ଲାରେ ଆମିଷ କଟକଣା ଉପରେ ଜିଲ୍ଲାପାଳଙ୍କ ୟୁଟର୍ଣ୍ଣ । ଲୋକଙ୍କ ବିରୋଧ ଏବଂ ସୋସିଆଲ୍ ମିଡିଆ ଚାପରେ ଚେପା ହେଲେ କଲେକ୍ଟର । ଲୋକଙ୍କ ଉପରେ ଲଦିଥିବା ଆମିଷ କଟକଣାକୁ ହଟାଇଛନ୍ତି । ଗଣତନ୍ତ୍ର ଦିବସରେ ଆମିଷ ବିକ୍ରି ଉପରେ ଜାରି ହୋଇଥିବା କଟକଣା ପ୍ରତ୍ୟାହାର କରିଛନ୍ତି କୋରାପୁଟ ଜିଲ୍ଲାପାଳ । ତାଙ୍କ ନିଷ୍ପତ୍ତିକୁ ବିଭିନ୍ନ ମହଲରେ ନାପସନ୍ଦ କରାଯାଇଥିଲା । ଏହାକୁ ବ୍ୟକ୍ତିଗତ ସ୍ୱାଧୀନତାର ଉଲ୍ଲଂଘନ ବୋଲି ଅନେକ କହିଥିଲେ । ଏହାର ପରେ ନିଜ ନିଷ୍ପତ୍ତିରୁ ୟୁଟର୍ଣ୍ଣ ମାରିଛନ୍ତି କଲେକ୍ଟର ମନୋଜ ସତ୍ୟଓ୍ୱାନ ମହାଜନ ।

୭୭ତମ ଗଣତନ୍ତ୍ର ଦିବସ ୨୦୨୬ ଉତ୍ସବ ଅବସରରେ କୋରାପୁଟ ଜିଲ୍ଲାରେ ମାଂସ, ଚିକେନ, ମାଛ, ଅଣ୍ଡା ଓ ଅନ୍ୟାନ୍ୟ ଆମିଷ ଖାଦ୍ୟ ସାମଗ୍ରୀ ବିକ୍ରୟ ଉପରେ ନିଷେଧ ହୋଇଥିଲା । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରକୁ ଏନେଇ ଏକ ନିର୍ଦ୍ଦେଶାନାମା ଜାରି ହୋଇଥିଲା । ଉକ୍ତ ନିର୍ଦ୍ଦେଶ ଜିଲ୍ଲାସ୍ତରୀୟ ଗଣତନ୍ତ୍ର ଦିବସ ପ୍ରସ୍ତୁତି କମିଟିର ସୁପାରିଶ ଆଧାରରେ ହୋଇଥିଲା । ମାତ୍ର ଲୋକଙ୍କ ବିରୋଧ ପରେ ଜିଲ୍ଲାପାଳ ଏହି ନିଷ୍ପତ୍ତିରୁ ୟୁଟର୍ଣ୍ଣ ମାରିଛନ୍ତି । ପରିସ୍ଥିତିକୁ ବିଚାର କରି ଆମିଷ ନିଷେଧ ନିଷ୍ପତ୍ତିକୁ ରଦ୍ଦ କରିଛନ୍ତି ।












## ବଜାରରେ ଗୁଟଖା କଳାବଜାରୀ

**ଢେଙ୍କାନାଳ: ଏକ୍ସପ୍ରେସ ନ୍ୟୁଜ୍**

ଢେଙ୍କାନାଳ ଜିଲ୍ଲା ଗଁଦିଆ ବଜାର ଓ ଏହାର ଆଖପାଖ ଅଞ୍ଚଳରେ ଏବେ ଗୁଟଖାର କଳାବଜାରୀ ଚରମ ସୀମାରେ ପହଞ୍ଚିଛି । ସରକାରୀ ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରି କେତେକ ଅସାଧୁ ବ୍ୟବସାୟୀ ଗୁଟଖା ଗଚ୍ଛିତ ରଖି କୃତ୍ରିମ ଅଭାବ ସୃଷ୍ଟି କରୁଥିବା ବେଳେ, ଚଢ଼ା ଦରରେ ଏହାକୁ ବିକ୍ରି କରି ମାଲାମାଲ ହେଉଛନ୍ତି । ବଜାରରେ ୫ ଟଙ୍କାର ଗୁଟଖା ପ୍ୟାକେଟକୁ ୭ରୁ ୧୦ ଟଙ୍କାରେ ବିକ୍ରି କରାଯାଉଛି । ହୋଲସେଲ ମୂଲ୍ୟରେ ମଧ ବ୍ୟାପକ ଅନିୟମିତତା ଦେଖାଦେଇଛି । ରାଜ୍ୟରେ ଗୁଟଖା ବାରଣ ଥିଲେ ହେଁ, ଅନ୍ୟ ରାଜ୍ୟରୁ ଚୋରା ଚାଲାଣ ହୋଇ ଗୁପ୍ତ ସ୍ଥାନରେ ଏହା ମହଜୁଦ ରଖାଯାଉଛି । ଗଁଦିଆର ଗଳିକନ୍ଦିରେ ଥିବା ପାନ ଦୋକାନଠାରୁ ଆରମ୍ଭ କରି କ୍ୟାବିନ ପର୍ଯ୍ୟନ୍ତ ସବୁଠି ଏହା ବେଆଇନ ଭାବେ ଉପଲବ୍ଧ ହେଉଛି । ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତର ଏହି ଗୁଟଖା ସେବନ ଯୋଗୁଁ ଅଞ୍ଚଳରେ ମୁଖ କ୍ୟାନ୍ସର ଭଳି ଭୟଙ୍କର ରୋଗ ବଢ଼ିବାରେ ଲାଗିଛି । ବିଶେଷ କରି ଯୁବପିଢ଼ୀ ଏହାର ପ୍ରଧାନ ଶିକାର ହେଉଛନ୍ତି । ଏଥିସହିତ ଅସାଧୁ ବ୍ୟବସାୟୀମାନେ ଅଧିକ ମୁନାଫା ଆଶାରେ ନକଲି ଓ ନିମ୍ନମାନର ଗୁଟଖା ମଧ ବଜାରକୁ ଛାଡୁଛନ୍ତି, ଯାହା ଜନସ୍ୱାସ୍ଥ୍ୟ ପାଇଁ ଏକ ବଡ଼ ଧରଣର ବିପଦ ସୃଷ୍ଟି କରିଛି । ଏହି ବେଆଇନ କାରବାର ଉପରେ ରୋକ ଲଗାଇବା ପାଇଁ ଜିଲ୍ଲା ପ୍ରଶାସନ ଓ ଖାଦ୍ୟ ସୁରକ୍ଷା ବିଭାଗ ତୁରନ୍ତ ବିଭିନ୍ନ ଅଞ୍ଚଳରେ ଚଢ଼ାଉ କରିବାକୁ ସାଧାରଣରେ ଦାବି ହେଉଛି । ଯଦି ଶୀଘ୍ର କଠୋର ପଦକ୍ଷେପ ନିଆନଯାଏ, ତେବେ ଆଗାମୀ ଦିନରେ ଏହା ଜନ ଅସନ୍ତୋଷର ରୂପ ନେବ ବୋଲି ସ୍ଥାନୀୟ ବୁଦ୍ଧିଜୀବୀମାନେ ଚେତାବନୀ ଦେଇଛନ୍ତି ।

### ବାଣିଜ୍ୟ

## ରୁଷୀୟ ତୈଳ ଆମଦାନୀରେ ହ୍ରାସ

**ନୂଆଦିଲ୍ଲୀ: ଏକ୍ସପ୍ରେସ ନ୍ୟୁଜ୍**



ଆମେରିକୀୟ ଅର୍ଥ ସଚିବ ସ୍କଟ୍ ବେସେଣ୍ଟ ଭାରତୀୟ ରୁଷୀୟ ତୈଳ ଆମଦାନୀରେ ତୀବ୍ର ହ୍ରାସ ପରେ ଭାରତ ଉପରେ ଅତିରିକ୍ତ ୨୫ ପ୍ରତିଶତ ଶୁଳ୍କ ପ୍ରତ୍ୟାହାର କରିବାର ସମ୍ଭାବନାକୁ ସଙ୍କେତ ଦେଇଛନ୍ତି ।

'ଭାରତୀୟମାନେ ସେମାନଙ୍କର ରିଫାଇନାରୀ ଦ୍ୱାରା ରୁଷୀୟ ତୈଳ କ୍ରୟ ଭୁଶୁଡ଼ି ପଡ଼ିଛି । ତେଣୁ ଏହା ଏକ ସଫଳତା । ଶୁଳ୍କ ଏବେ ବି ଜାରି ଅଛି । ରୁଷୀୟ ତୈଳ ପାଇଁ ୨୫ ପ୍ରତିଶତ ଶୁଳ୍କ ଏବେ ବି ଜାରି ଅଛି । ମୁଁ କଳ୍ପନା କରିବି ଯେ ସେଗୁଡ଼ିକୁ ପ୍ରତ୍ୟାହାର କରିବାର ଏକ ରାସ୍ତା ଅଛି,' ବେସେଣ୍ଟ ଡାଭୋସରେ ବିଶ୍ୱ ଅର୍ଥନୈତିକ ଫୋରମରେ ପଲିଟିକୋ ସହିତ ଏକ ସାକ୍ଷାତକାରରେ କହିଥିଲେ ।

ଅଗଷ୍ଟ ମାସରେ ବାଣିଜ୍ୟ ଉତ୍ତେଜନା ବୃଦ୍ଧି ପାଇଥିଲା ଯେତେବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତୀୟ ସାମଗ୍ରୀ ଉପରେ ଶୁଳ୍କ ଦ୍ୱିଗୁଣିତ କରି ୫୦ ପ୍ରତିଶତ କରିଥିଲେ । ଯେଉଁଥିରେ ଭାରତ ଦ୍ୱାରା ରୁଷୀୟ ଅଶୋଧିତ ତୈଳ ଆମଦାନୀର ଜବାବରେ ୨୫ ପ୍ରତିଶତ ଲେଭି ଅନ୍ତର୍ଭୁକ୍ତ ଥିଲା । ଡିସେମ୍ବରରେ ଭାରତର ଶସ୍ତା ରୁଷୀୟ ତୈଳ ଆମଦାନୀ ଦୁଇ ବର୍ଷ ମଧରେ ସର୍ବନିମ୍ନସ୍ତରରେ ପହଞ୍ଚିଥିଲା, ଯାହା ଓପିଇସିର ଭାରତୀୟ ତୈଳ ଆମଦାନୀର ଅଂଶକୁ ୧୧ ମାସର ସର୍ବୋଚ୍ଚସ୍ତରରେ ପହଞ୍ଚାଇ ଦେଇଥିଲା । ବେସେଣ୍ଟଙ୍କ ମନ୍ତବ୍ୟ ଟ୍ରମ୍ପଙ୍କ ଚାପ ବୃଦ୍ଧି ପାଇଥିବାବେଳେ ଆସିଥିଲା, ଯିଏ ପୂର୍ବରୁ ଚେତାବନୀ ଦେଇଥିଲେ ଯେ ଭାରତ ତା'ର ରୁଷୀୟ ତୈଳ କ୍ରୟକୁ ହ୍ରାସ ନକଲେ ଶୁଳ୍କ ଆହୁରି ବୃଦ୍ଧି ପାଇପାରେ ।

ତଥାପି, ବେସେଣ୍ଟ ୟୁରୋପୀୟ ସଂଘର ଦାବିକୁ ସମାଲୋଚନା କରିଥିଲେ ଯେ ଆର୍ଥିକ ବ୍ଲକ ଦୀର୍ଘ ଦିନ ଧରି ଆଲୋଚନା ହୋଇଥିବା ମୁକ୍ତ ବାଣିଜ୍ୟ ଚୁକ୍ତିକୁ ପ୍ରାଥମିକତା ଦେବା ପାଇଁ ଭାରତରୁ ରୁଷୀୟ ତୈଳ ଆମଦାନୀ ଉପରେ ମିଳିତ ଶୁଳ୍କରେ ଯୋଗଦେବାକୁ ବିରୋଧ କରିଛି, ଯାହା ପରବର୍ତ୍ତୀ ସପ୍ତାହରେ ଚୂଡ଼ାନ୍ତ ହେବାର ଆଶା କରାଯାଉଛି । ବେସେଣ୍ଟଙ୍କ ମନ୍ତବ୍ୟ ୟୁରୋପୀୟ କମିଶନ ଅଧକ୍ଷ ଉର୍ସୁଲା ଭନ୍ ଡେର୍ ଲେଏନ୍‌ଙ୍କ ଭାରତ ଗସ୍ତ ପୂର୍ବରୁ ମଧ ଆସିଛି, ଯାହାର ଲକ୍ଷ୍ୟ ସେ 'ସମସ୍ତ ଚୁକ୍ତିର ଜନନୀ' ଭାବରେ ବର୍ଣ୍ଣନା କରିଥିବା ବିଷୟକୁ ସିଲ୍ କରିବା । ୨୦୨୫ ମସିହାରୁ ତୃତୀୟ-ଦେଶ କ୍ରେତାଙ୍କ ଉପରେ ୨୫ ପ୍ରତିଶତ ଦଣ୍ଡ ଲାଗୁ କରିବା ପାଇଁ ଆମେରିକାର ପ୍ରୟାସକୁ ସଫଳତା ଭାବରେ ବର୍ଣ୍ଣନା କରି ବେସେଣ୍ଟ ପଲିଟିକୋକୁ କହିଥିଲେ, 'ମୁଁ ଏହା ମଧ ଦର୍ଶାଇବି ଯେ ଆମର ସଦଗୁଣ ସଂକେତ ଦେଉଥିବା ୟୁରୋପୀୟ ସହଯୋଗୀମାନେ ଏହା କରିବାକୁ ମନା କରିଥିଲେ । କାରଣ ସେମାନେ ଭାରତ ସହିତ ଏହି ବଡ଼ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷର କରିବାକୁ ଚାହୁଁଥିଲେ ।'

ସେ ଭାରତରେ ପରିଷ୍କୃତ ରୁଷୀୟ ତୈଳ ଉତ୍ପାଦ କ୍ରୟ କରି ୟୁରୋପକୁ ନିଜ ବିରୁଦ୍ଧରେ ଯୁଦ୍ଧକୁ ଆର୍ଥିକ ସହାୟତା ଦେବାର ଅଭିଯୋଗ କରିଥିଲେ । ବିଡ଼ମ୍ବନା ଏବଂ ମୂର୍ଖତାର ଚୂଡ଼ାନ୍ତ କାର୍ଯ୍ୟରେ, ଅନୁମାନ କରନ୍ତୁ ଯେ ରିଫାଇନ୍ ହୋଇଥିବା ଉତ୍ପାଦଗୁଡ଼ିକ କିଏ କିଣୁଥିଲା ? ବେସେଣ୍ଟ କହିଥିଲେ । ୟୁରୋପୀୟମାନେ, ସେ ଆହୁରି ମଧ କହିଥିଲେ । ଏହି ସମୟରେ, ରିପବ୍ଲିକାନ୍ ସେନେଟର ଲିଣ୍ଡସେ ଗ୍ରାହାମ୍ ରୁଷୀୟ ତୈଳର ଦ୍ୱିତୀୟ କ୍ରୟ ଏବଂ ପୁନଃବିକ୍ରୟ ଉପରେ ୫୦୦ ପ୍ରତିଶତ ଶୁଳ୍କ ଲାଗୁ କରିବା ପାଇଁ ଏକ ବିଲ୍ ପ୍ରସ୍ତାବ ଦେଇଛନ୍ତି । ଫକ୍ସ ନ୍ୟୁଜରେ ପ୍ରସ୍ତାବ ବିଷୟରେ କହିବାକୁ ଗଲେ, ବେସେଣ୍ଟ କହିଛନ୍ତି, ଆମେ ଦେଖିବୁ ଯେ ଏହା ପାସ୍ ହେଉଛି କି ନାହିଁ । ଆମେ ବିଶ୍ୱାସ କରୁନାହୁଁ ଯେ ରାଷ୍ଟ୍ରପତି ଟ୍ରମ୍ପଙ୍କୁ ସେହି ଅଧିକାରର ଆବଶ୍ୟକତା ଅଛି, ଯେ ସେ ଏହା ଆଇଇଇପିଏ ଅଧୀନରେ କରିପାରିବେ, କିନ୍ତୁ ସେନେଟ୍ ତାଙ୍କୁ ସେହି ଅଧିକାର ଦେବାକୁ ଚାହୁଁଛି । ଡିସେମ୍ବରରେ, ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଏବଂ ରାଷ୍ଟ୍ରାୟତ୍ତ ରିଫାଇନର୍ସମାନେ ମସ୍କୋରୁ ଅଶୋଧିତ ତୈଳ ଆମଦାନୀକୁ ତୀବ୍ର ହ୍ରାସ କରିବା ପରେ ଭାରତ ରୁଷୀୟ ଜୀବାଶ୍ମ ଇନ୍ଧନର କ୍ରେତାଙ୍କ ମଧରେ ତୃତୀୟ ସ୍ଥାନକୁ ଖସିଗଲା ।





### ସିନେମାଫିନେମା ଟିଭିଫିଭି

## ମାନହାନି ମାମଲାରେ କୁମାର ସାନୁଙ୍କୁ ଆଶ୍ୱସ୍ତି

ବଲିଉଡର ପ୍ରସିଦ୍ଧ ଗାୟକ କୁମାର ସାନୁ ଏବଂ ତାଙ୍କ ପୂର୍ବ ପତ୍ନୀ ରୀତା ଭଟ୍ଟାଚାର୍ଯ୍ୟଙ୍କ ମଧରେ ବିବାଦ ଖୁବ୍‌ଶୀଘ୍ର ଶେଷ ହେବା ପରି ମନେ ହେଉଛି । ନିକଟରେ, କୁମାର ସାନୁ ତାଙ୍କ ପୂର୍ବ ପତ୍ନୀଙ୍କ ବିରୋଧରେ ମାନହାନି ମାମଲା ଦାୟର କରିଥିଲେ । ଯାହା ଫଳରେ ସେ ଏବେ ଏହି ମାମଲା ଜିତିଛନ୍ତି । ହାଇକୋର୍ଟ ଗାୟକଙ୍କ ବିରୋଧରେ ରୀତା ଭଟ୍ଟାଚାର୍ଯ୍ୟଙ୍କ କହିବାର କ୍ଷମତା ଉପରେ ଏକ ସୀମା ଧାର୍ଯ୍ୟ କରିଛନ୍ତି । ଯାହା ତାଙ୍କୁ କୌଣସି ବିବାଦୀୟ ସାକ୍ଷାତକାର ଦେବାରୁ ମନା କରାଯାଇଛି ।

ଗତବର୍ଷ କୁମାର ସାନୁ ଦାୟର କରିଥିବା ମାନହାନି ମାମଲାରେ ବୁଧବାର ବମ୍ବେ ହାଇକୋର୍ଟ ତାଙ୍କୁ ମଧ୍ୟବର୍ତ୍ତୀକାଳୀନ ଆଶ୍ୱସ୍ତି ପ୍ରଦାନ କରିଛନ୍ତି । ସାନୁ ଅଭିଯୋଗ କରିଥିଲେ ଯେ ତାଙ୍କ ପୂର୍ବ ପତ୍ନୀ ରୀତା ଭଟ୍ଟାଚାର୍ଯ୍ୟ ଦେଇଥିବା ଅନେକ ସାକ୍ଷାତକାର ତାଙ୍କ ଭାବମୂର୍ତ୍ତିକୁ କ୍ଷତି ପହଞ୍ଚାଇଛି । ଜଷ୍ଟିସ୍ ମିଲିନ୍ଦ ନିର୍ଦ୍ଦେଶ ଦେଇଛନ୍ତି ଯେ ରୀତା ଭଟ୍ଟାଚାର୍ଯ୍ୟ ଏବଂ କିଛି ସ୍ୱାଧୀନ ଗଣମାଧ୍ୟମ ପ୍ଲାଟଫର୍ମକୁ ସାନୁ କିମ୍ବା ତାଙ୍କ ପରିବାର ବିଷୟରେ କୌଣସି ପ୍ରକାରର ମାନହାନିଜନକ, ମିଥ୍ୟା କିମ୍ବା ଅପମାନଜନକ ଲେଖିବା, କହିବା, ପୋଷ୍ଟ କରିବା, ପ୍ରକାଶ କରିବା କିମ୍ବା ପ୍ରସାରଣ କରିବାରୁ ମନା କରାଯାଉ ।

ଏହି ମାମଲାରେ ତାଙ୍କ ସପକ୍ଷରେ ରାୟ ଆସିବା ପରେ କୁମାର ସାନୁ ଏବେ ବହୁତ ଖୁସି । କୁମାର ସାନୁ କହିଛନ୍ତି, 'ମୋର ମର୍ଯ୍ୟାଦା ବଜାୟ ରଖିବା ପାଇଁ ମୁଁ ମାନ୍ୟବର ବମ୍ବେ ହାଇକୋର୍ଟ ଏବଂ ମୋର ଓକିଲଙ୍କ ପ୍ରତି କୃତଜ୍ଞ । ମୋର ସମର୍ପଣ ବର୍ଷ ବର୍ଷର କଠିନ ପରିଶ୍ରମର ଫଳାଫଳ । ମୋ ଫେମ୍ ଏବଂ ଆମର ସମ୍ମାନକୁ କ୍ଷୁର୍ଣ୍ଣ କରୁଥିବା ଅପମାନଜନକ ବୟାନ ଯୋଗୁଁ ମୋ ପରିବାର କେବେ ବି କଷ୍ଟ ପାଇବା ଉଚିତ୍ ନୁହେଁ ।' ଏହା ଉଲ୍ଲେଖନୀୟ ଯେ କୁମାର ସାନୁଙ୍କ ପୂର୍ବ ପତ୍ନୀ ରୀତା ଭଟ୍ଟାଚାର୍ଯ୍ୟ ସାକ୍ଷାତକାରରେ ତାଙ୍କ ଗର୍ଭାବସ୍ଥାରେ ତାଙ୍କୁ ନିର୍ଯାତନା ଦେବା, ତାଙ୍କୁ ଖାଦ୍ୟ ଏବଂ ଚିକିତ୍ସା ପ୍ରଦାନ କରିବାକୁ ମନା କରିବା ଅଭିଯୋଗ କରିଛନ୍ତି । ସାନୁଙ୍କ ଆଇନଗତ ଦଳ ଏହି ଅଭିଯୋଗ ଗୁଡ଼ିକୁ ମିଥ୍ୟା ବୋଲି କହି ପ୍ରତ୍ୟାଖ୍ୟାନ କରିଛନ୍ତି ।




ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ
କେନ୍ଦ୍ରାପଡ଼ା । ୨୬ ଜାନୁଆରୀ ୨୦୨୬ । ସୋମବାର

# ନିୟମଗିରିକୁ ଫେରିଲେ ନକ୍ସଲ: ଡଙ୍ଗରିଆଙ୍କ ଉପରେ କଟକଣା

**୧୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ରାୟଗଡା ନିୟମଗିରିରୁ ଫେରିଲେ ନକ୍ସଲ। ଡଙ୍ଗରିଆଙ୍କୁ ଗାଁ ବାହାରକୁ ଯିବା ମନା। ଶାନ୍ତ ପରିବେଶ ଅଶାନ୍ତ ହେବାକୁ ଯାଉଛି। ନିମୟଗିରି ପାହାଡକୁରେ ନକ୍ସଲ ଗତିବିଧିକୁ ବଢାଇବା ସହ ଡଙ୍ଗରିଆଙ୍କ ଉପରେ କଟକଣା ଲାଗୁ କରିଛନ୍ତି। ତେଣୁ ଆଦିମ ଜନଜାତିଙ୍କ ମଧ୍ୟରେ ପ୍ରତିକ୍ରିୟା ଦେଖିବାକୁ ମିଳିଛି। ବଡ ପରିବର୍ତ୍ତନ ପରିଲକ୍ଷିତ ହୋଇଥିଲା ବେଳେ ପୋଲିସ ପରିସ୍ଥିତି ସଂପର୍କରେ ଭଲ ରୂପେ ଅବଗତ ରହିଛି। ୧୫ବର୍ଷ ତଳେ ସଂପୂର୍ଣ୍ଣ ନିମୟଗିରି ଅଞ୍ଚଳକୁ ଅକ୍ତିଆର କରି ରଖିଥିଲେ ନକ୍ସଲ। ବିକାଶକୁ ସିଧାସଳଖ ବିରୋଧ କରିବା ସହ ଆଦିମ ଜନଜାତି ଡଙ୍ଗରିଆ କନ୍ଧଙ୍କୁ ନିୟନ୍ତ୍ରଣରେ ରଖିଥିଲେ। ସୁଯୋଗ ମିଳିଲେ ଡଙ୍ଗରିଆଙ୍କୁ ଢାଲ କରି ହିଂସା ଘଟାଉଥିଲେ। ତେବେ ଅପରେସନ୍ ବଢିବା ସହ କେନ୍ଦ୍ରୀୟ ସୁରକ୍ଷା ବଳ ବିଭିନ୍ନ ସ୍ଥାନରେ କ୍ୟାମ୍ପ କରିବାରୁ ନକ୍ସଲ ଏହି ଅଞ୍ଚଳ ଛାଡିବାକୁ ବାଧ୍ୟ ହୋଇଥିଲେ। ଏକାଧିକ ଟପ୍ ନକ୍ସଲ ନିହତ ହେବାରୁ ନିୟମଗିରିକୁ ଶାନ୍ତି ଫେରିଥିଲା। କାଁ ଭାଁ ଗତିବିଧି ରହିଥିଲେ ସୁଦ୍ଧା ହିଂସା ଘଟାଇବାକୁ ସୁଯୋଗ ପାଉନଥିଲେ ନକ୍ସଲ।

କିନ୍ତୁ ଗତ କିଛି ଦିନ ହେଲା ନିମୟଗିରି ଅଞ୍ଚଳରେ ଅଚାନକ ନିରବତା ଛାଇ ଯାଇଛି। ଆତଙ୍କର ବାତାବରଣ ଦେଖିବାକୁ ମିଳିଛି। କନ୍ଧମାଳ ଜିଲ୍ଲାରେ ସୁରକ୍ଷା ବାହିନୀ ଦ୍ୱାରା ନକ୍ସଲ ଅପରେସନ୍ ଜୋରଦାର ହେବାରୁ ବହୁ କ୍ୟାଡର ନକ୍ସଲ ନିହତ ହୋଇଛନ୍ତି। ଅଳ୍ପ କିଛି ନକ୍ସଲ ଜୀବନ ବଞ୍ଚାଇ ପୁନର୍ବାର ନିୟମଗିରି ଫେରିବା ସହ ପୁଣି ଡଙ୍ଗରିଆଙ୍କୁ ଢାଲ କରିଛନ୍ତି। ଯଦିଓ ଏଯାଏ କୌଣସି ହିଂସା ଘଟାଇ ନାହାନ୍ତି। କିନ୍ତୁ କିଛି ଦିନ ତଳେ ମୁନିଗୁଡା ବ୍ଲକ୍‌ରେ ବ୍ୟାନର ଲଗାଇ ଉପସ୍ଥିତି ଜାହିର କରିଥିଲେ। ସତ୍ୟତମ ସୂଚନା ଅନୁସାରେ ନିୟମଗିରି ଅଞ୍ଚଳର କିଛି ଡଙ୍ଗରିଆ କନ୍ଧ କଳାହାଣ୍ଡି ଜିଲ୍ଲାର ଗୋଟିଏ କଂପାନିକୁ ନିୟମିତ କାମ କରିବାକୁ ଯାଉଛନ୍ତି। ଏହି ଯୁବକଙ୍କୁ କାମ କରିବାକୁ କଂପାନି ନ ଯିବା ଲାଗି କୁହାଯାଉଛି। ଗାଁରେ ରହି ପାହାଡରେ ଚାଷ କରିବାକୁ ଚାପ ପକାଯାଉଛି। କେଶରପାଡି, ସେରକାପାଡି, ବାଟୁଡି, ଖାମ୍ବେସି ଓ ଜାରପା ଆଦି ଗାଁର ଯୁବକଙ୍କୁ ଗାଁ ବାହାରକୁ ନଯିବା ପାଇଁ ନକ୍ସଲ ବାରମ୍ବାର କହୁଥିବା ସୂଚନା ମିଳିଛି। ଭୟରେ ଡଙ୍ଗରିଆ ଯୁବକ ମୁହଁ ଖୋଲୁନାହାନ୍ତି। ତେବେ ଡଙ୍ଗରିଆ ଗାଁ ଗୁଡିକରେ ନକ୍ସଲଙ୍କ ଏଭଳି ବାରଣ ପରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଚାଷ କଲେ ଆମକୁ କ'ଣ ମିଳୁଛି ବୋଲି ପ୍ରଶ୍ନ କରିବା ସହ କାମକୁ ଯିବା ଜାରି ରଖିଛନ୍ତି। ସେହିପରି ଏବେ ମଧ୍ୟ ନକ୍ସଲଙ୍କୁ କିଛି ଗ୍ରାମବାସୀ ପୂର୍ଣ୍ଣ ସମର୍ଥନ କରୁଥିବା ଜଣାପଡିଛି।



## ଆଜିର ରାଶିଫଳ

| ତାରିଖ | ସୋମବାର– ଅଷ୍ଟମୀ |
|---|---|
| ୨୬.୧.୨୦୨୬ | ନକ୍ଷତ୍ର– ଅଶ୍ୱିନୀ, ମେଷଚନ୍ଦ୍ର |



| | | |
|---|---|---|
| ମେଷ | : | ନୂତନ ଆୟ ହେବ। |
| ବୃଷ | : | ବ୍ୟୟ ବୃଦ୍ଧି ହେବ। |
| ମିଥୁନ | : | ପ୍ରଶଂସିତ ହେବେ। |
| କର୍କଟ | : | କର୍ମେ ଖୁସିରେ କଟିବ। |
| ସିଂହ | : | ପ୍ରତିଘାତ ଘଟିପାରେ। |
| କନ୍ୟା | : | ଅର୍ଥଲାଭ ହେବାର ସୁଯୋଗ ରହିଛି। |
| ତୁଳା | : | ଅସ୍ଥିରତା ରହିପାରେ। |
| ବିଛା | : | ବିଭିନ୍ନ ଦିଗରୁ ଲାଗ ମିଳିପାରେ। |
| ଧନୁ | : | ବ୍ୟତିବ୍ୟସ୍ତ ହୋଇପାରେ। |
| ମକର | : | କଳହ ଲାଗି ରହିପାରେ। |
| କୁମ୍ଭ | : | ପ୍ରତ୍ୟେକ ସ୍ଥାନରୁ ଲାଭ ହିଁ ଲାଭ ମିଳିପାରେ। |
| ମୀନ | : | ଦିନଟି ବିପଦ ଓ ଅର୍ଥହାନିରେ କଟିବ। |

# ଯୁବକକୁ ନିର୍ମମ ହତ୍ୟା

**ଜଳେଶ୍ୱର, ୧୧୧ ଏକ୍ସପ୍ରେସ୍ ନ୍ୟୁଜ୍**



ଜଳେଶ୍ୱରର ଅବିବାହିତ ଯୁବକକୁ ପୁରୀ ସହରରେ ନିର୍ମମ ଭାବେ ହତ୍ୟା କରାଯାଇଥିବା ଚାଞ୍ଚଲ୍ୟକର ଘଟଣା ସାମ୍ନାକୁ ଆସିଛି। ସୂଚନା ଅନୁସାରେ ଜଳେଶ୍ୱର ପୌରାଞ୍ଚଳ ଅଧିନ ୧୫ ନଂ ୱାର୍ଡ ନହଞ୍ଜରା ଗାଁର ମଧୁସୂଦନ ସିଙ୍କ ବଡ଼ ପୁଅ ଟୁକୁ ସି(୩୬) ଏକ ମାସ ଧରି ପୁରୀ ସହରର ଏକ ହୋଟେଲରେ କାର୍ଯ୍ୟ କରୁଥିଲେ। ଶୁକ୍ରବାର ରାତ୍ରିରେ ନିକଟରେ ଥିବା ଦୋକାନକୁ ଯାଇଥିବା ବେଳେ ପୁରୀ ଚନ୍ଦ୍ର ଶେଖର ସ୍ୱୟଂଶାସିତ କଲେଜ ନିକଟ ମିଶନ ଶକ୍ତି ଗୃହ ଠାରୁ ବିଭତ୍ସ ଭାବେ ହତ୍ୟା ହୋଇଥିବା ମୃତ ଶରୀର ଠାବ ହୋଇଥିଲା। ସୂଚନା ପାଇ ତାଙ୍କର ଆତ୍ମୀୟ ସ୍ୱଜନ ଶନିବାର ସନ୍ଧ୍ୟାରେ ପୁରୀରେ ପହଞ୍ଚି ପୋଲିସ ଠାରୁ ଘଟଣା ସମ୍ପର୍କରେ ବୁଝିଥିଲେ। ପୁରୀ ସିଟିର ଉଚ୍ଚପଦସ୍ଥ ପୋଲିସ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ହୋଟେଲ ମାଲିକ ଓ କର୍ମଚାରୀଙ୍କୁ ଅଟକ ରଖି ପଚାରାଉଚୁରା କରୁଛନ୍ତି। ବ୍ୟବଚ୍ଛେଦ ପରେ ପୁରୀ ସ୍ୱର୍ଗ ଦ୍ୱାରାରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ସମ୍ପର୍କୀୟ ଗୋପାଳ ଚନ୍ଦ ସୂଚନା ଦେଇଛନ୍ତି। କେଉଁ କାରଣରୁ ଏଭଳି ବିଭତ୍ସ ହତ୍ୟା ଘଟଣା ଘଟିଲା ସେନେଇ ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛନ୍ତି। ଖବର ପ୍ରସାରିତ ହେବା ପରେ ଜଳେଶ୍ୱର ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

# ଶିଳ୍ପାଞ୍ଚଳରେ ବଢୁଛି ବେଆଇନ ନିଶା କାରବାର, ଜଣେ ଗିରଫ

**କଳିଙ୍ଗନଗର, ୧୧୧ ଏକ୍ସପ୍ରେସ୍ ନ୍ୟୁଜ୍**



କଳିଙ୍ଗନଗର ଶିଳ୍ପାଞ୍ଚଳରେ ବ୍ୟାପକ ଭାବେ ବେଆଇନ ନିଶା ଦ୍ରବ୍ୟ ବ୍ୟବସାୟ ଚାଲିଥିବା ମଧ୍ୟରେ ଯାଜପୁର ରୋଡ଼ ପୋଲିସ ଏକ ବଡ଼ ସଫଳତା ହାସଲ କରିଛି। ମିଲିଟାରି ଛକ ଅଞ୍ଚଳରୁ ବ୍ରାଉନ୍ ସୁଗର ବେପାରରେ ଜଡିତ ଥିବା ଜଣେ ଯୁବକକୁ ଗିରଫ କରାଯାଇଛି। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଯାଜପୁର ରୋଡ଼ ଥାନା କେସ୍ ନଂ–୫୫/୨୬, ଧାରା ୨୧(ବି) ଏନ୍‌ଡିପିଏସ୍ ଆକ୍ଟ ଅନୁସାରେ ମାମଲା ରୁଜୁ ହୋଇଛି। ଡାନଗଦି ବିଏଚ୍‌ର ସବ୍‌ଇନ୍ସପେକ୍ଟର ଅମୁଲ୍ୟ କୁମାର ମିଶ୍ରଙ୍କ ଅଭିଯୋଗ ଆଧାରରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଗିରଫ ଅଭିଯୁକ୍ତଙ୍କ ପରିଚୟ ବାବୁଲୁ ଅଦିବ୍ୟଜ୍ୟୋତି ସାହୁ (୨୫), ପିତା–ପ୍ରଦୀପ ସାହୁ, ନିବାସୀ–ଡାନଗଦି, ଥାନା–ଯାଜପୁର ରୋଡ଼, ଜିଲ୍ଲା–ଯାଜପୁର ବୋଲି ପୋଲିସ ଜଣାଇଛି। ଗୁପ୍ତ ସୂଚନା ଆଧାରରେ ୨୪ ଜାନୁଆରୀ ସକାଳେ ପୋଲିସ ଟିମ୍ ମିଲିଟାରି ଛକ ନିକଟରେ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଧରିଥିଲେ। ତାଙ୍କ ପାଖରୁ ୬ ଗ୍ରାମ ୬୦୦ ମିଲିଗ୍ରାମ ବ୍ରାଉନ୍ ସୁଗର ଓ ଏକ ପଲ୍ସର ମୋଟର ସାଇକେଲ୍ (ନମ୍ବର– ଓଡି-୩୪ଟି - ୧୬୯୪) ଜବତ କରାଯାଇଛି। ଏହି ଜବତୀ କାର୍ଯ୍ୟ ଏକ୍ଜିକ୍ୟୁଟିଭ୍ ମ୍ୟାଜିଷ୍ଟ୍ରେଟ୍ ଓ ସାକ୍ଷୀମାନଙ୍କ ସମ୍ମୁଖରେ କରାଯାଇଥିଲା। ପୋଲିସ ପଚାରାଉଚାରରେ ଅଭିଯୁକ୍ତ ସ୍ୱୀକାର କରିଥିଲେ ଯେ, ସେ ସାଧାରଣ ଲୋକଙ୍କୁ ଅବୈଧ ଭାବେ ବିକ୍ରି କରିବା ଉଦ୍ଦେଶ୍ୟରେ ଏହି ନିଶା ଦ୍ରବ୍ୟ ରଖିଥିଲେ। ଗିରଫ ପରେ ତାଙ୍କୁ ଆଦାଲତରେ ହଜିର କରାଯାଇଛି। କଳିଙ୍ଗନଗର ଶିଳ୍ପାଞ୍ଚଳ ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ନିଶା କାରବାର ଦିନକୁ ଦିନ ବଢୁଥିବାରୁ ସବୁଠାରୁ ଅଧିକ ପ୍ରଭାବିତ ହେଉଛନ୍ତି ଷୋଳ ବୟସର କିଶୋର ଓ ଯୁବକମାନେ। ଶିଳ୍ପ କାରଖାନା, ଶ୍ରମିକ ବସତି, ଚା' ଦୋକାନ, ରେଳସାଇଡିଂ ଓ ରାସ୍ତା ଛକଗୁଡ଼ିକରେ ଏହି ଅବୈଧ ବ୍ୟବସାୟ ଗୁପ୍ତ ଭାବେ ଚାଲିଥିବା ସୂଚନା ମିଳୁଛି। ସ୍ଥାନୀୟ ଲୋକମାନଙ୍କ କହିବାନୁସାରେ, ନିଶା ବେପାରୀମାନେ କମ୍ ବୟସର ପିଲାମାନଙ୍କୁ ଲକ୍ଷ୍ୟ କରି ଆକର୍ଷଣୀୟ ଦାମରେ ନିଶା ଦ୍ରବ୍ୟ ଯୋଗାଇ ଦେଉଛନ୍ତି, ଯାହା ତାଙ୍କ ଭବିଷ୍ୟତକୁ ଅନ୍ଧକାର ଦିଗକୁ ଠେଲି ଦେଉଛି। ଯାଜପୁର ରୋଡ଼ ପୋଲିସ ଅଧିକାରୀ ଆଶିଷ କୁମାର ସାହୁ ବେଆଇନ ନିଶା ବେପାରୀମାନଙ୍କ ଉପରେ ଆହୁରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଜାରି ରହିବ ବୋଲି ସୂଚନା ଦେଇଛନ୍ତି। ତଥାପି, ବୁଦ୍ଧିଜୀବୀମାନଙ୍କ ମତାନୁସାରେ କେବଳ ପୋଲିସ କାର୍ଯ୍ୟାନୁଷ୍ଠାନ ପର୍ଯ୍ୟାପ୍ତ ନୁହେଁ, ପରିବାର, ଶିକ୍ଷାନୁଷ୍ଠାନ, ସାମାଜିକ ସଂଗଠନ ଓ ପ୍ରଶାସନଙ୍କ ସମିଳିତ ଉଦ୍ୟମ ମାଧ୍ୟମରେ ଯୁବ ପିଢ଼ିକୁ ନିଶାରୁ ଦୂରେ ରଖିବା ଅତ୍ୟନ୍ତ ଆବଶ୍ୟକ।

# କୋଡ୍ ବାତିଲ୍ ଦାବିରେ ଏଆଇଟିୟୁସି



**ଢେଙ୍କାନାଳ, ୧୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ସ୍ଥାନୀୟ ଯାଉଁଳିପୋଖରୀ ମଠ ପ୍ରାଙ୍ଗଣରେ ଏଆଇଟିୟୁସିର ଜିଲ୍ଲା ବୈଠକ ରବି ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଏଆଇଟିୟୁସିର ରାଜ୍ୟ ସାଧାରଣ ସଂପାଦକ ବିଜୟ ଜେନା, ରାଜ୍ୟ ସଭ୍ୟ ହରପ୍ରିୟା ସ୍ୱାଇଁ, ଅଙ୍ଗନୱାଡି କର୍ମୀ ସଂଘର ଜିଲ୍ଲା ସମ୍ପାଦିକା ମଳୟ ମରୀ ଜେନା, ସଦର ବ୍ଲକ୍‌ର ସଭାପତି ସୁଜାତା ନାୟକ, ଜିଲ୍ଲା ସଂପାଦକ ନାରାୟଣ ନାୟକ ପ୍ରମୁଖ ଯୋଗଦେଇ ଆସନ୍ତା ଫେବୃଆରୀ ୧୨ ତାରିଖରେ ଦେଶର ୧୦ଟି କେନ୍ଦ୍ରୀୟ ଶ୍ରମିକ ସଂଗଠନ ଆହ୍ୱାନରେ ସର୍ବଭାରତୀୟ ଧର୍ମଘଟକୁ ସଫଳ କରିବା ପାଇଁ ଆଲୋଚନା କରାଯାଇଥିଲା। ଦାବି ମଧ୍ୟରେ ୪ଟି ଶ୍ରମକୋର୍ଡ ବାତିଲ୍ କରିବା, ସ୍କିମ୍ ୱାର୍କରଙ୍କୁ ଶ୍ରମିକ ମାନ୍ୟତା ସର୍ବନିମ୍ନ ମଜୁରୀ, ଖାଲି ପଡିଥିବା ପଦବୀକୁ ପୂରଣ କରିବା, ରାଷ୍ଟ୍ରାୟତ ଉଦ୍ୟୋଗକୁ ଘରୋଇକରଣ ବନ୍ଦ କରିବା, କୃଷି ଶ୍ରମିକମାନଙ୍କୁ ବର୍ଷସାରା କାମ ଯୋଗାଇଦେବା, ବେକାର ହୋଇ ରହିଥିବା ଯୁବକଯୁବତୀମାନଙ୍କୁ ନିଯୁକ୍ତି ଦେବା ପ୍ରଭୃତି ବିଭିନ୍ନ ଦାବି ଉପରେ ଏହି ସାଧାରଣ ଧର୍ମଘଟ ଅନୁଷ୍ଠିତ ହେବ। ଏହି ଧର୍ମଘଟରେ ଜିଲ୍ଲା ଅଣସଂଗଠିତ ଶ୍ରମିକମାନେ ସାମିଲ୍ ହେବାକୁ ଆହ୍ୱାନ ଦିଆଯାଇଥିଲା।

# ବୈପାରୀଗୁଡା ମଣ୍ଡିରୁ ଉଠୁନି ଧାନ

**କୋରାପୁଟ, ୧୧୧ ଏକ୍ସପ୍ରେସ୍ ନ୍ୟୁଜ୍**



ମୁଣ୍ଡବିନ୍ଧା କାରଣ ପାଲଟିଛି ମଣ୍ଡି। ପଶ୍ଚିମରୁ ଦକ୍ଷିଣ ଯେଉଁଠି ଦେଖିବେ ମଣ୍ଡି ସମସ୍ୟା। କେଉଁଠି ଟୋକେନ୍, କେଉଁଠି ଟାର୍ଗେଟ୍, ଆଉ କେଉଁଠି ସବୁ ଥାଇ ଧାନ ଉଠୁନି। କୋରାପୁଟ ବୈପାରିଗୁଡା ବ୍ଲକରେ ଦୀର୍ଘ ୫ ଦିନ ଧରି ମଣ୍ଡିରୁ ଧାନ ଉଠୁନି। ଶୀତ କାକରରେ ଚାଷୀ ଫସଲକୁ ଜଗି ବସିଛି। ମିଲର୍ସ ଓ ଲ୍ୟାମ୍ପସ୍ କର୍ମଚାରୀ ଆସୁନଥିବାରୁ ଧାନ ଉଠିପାରୁନଥିବା ଅଭିଯୋଗ ଆସିଛି।

ଅନ୍ଧାର ଶୀତ କାକର ରାତି। ଗଦା ଗଦା ବସ୍ତା ଥୁଆ ହୋଇଛି। ଏ ବସ୍ତା ସବୁକୁ କିଛି ଲୋକ ଜଗି ବସିଛନ୍ତି। ଏମାନେ ହେଉଛନ୍ତି ଅସହାୟ ଚାଷୀ। ଯେଉଁ ଶୀତରେ ଘରୁ ବାହାରିବାକୁ ଭୟ ଲାଗୁଛି, ସେଥିରେ ଏମାନେ ଗାମୁଛା ଖଣ୍ଡେ ଘୋଡାଇ ହୋଇ ନିଜ ଅମଳକୁ ଜଗିଛନ୍ତି।

ଜାନୁଆରୀ ୧ରୁ କିଛି ଚାଷୀ ମଣ୍ଡିରେ ଧାନ ବିକ୍ରି କରିବା ପାଇଁ ଟୋକନ ପାଇଥିଲେ। କିନ୍ତୁ ଆଜି ପର୍ଯ୍ୟନ୍ତ ମଣ୍ଡିରୁ ଧାନ ଉଠିପାରିନି। ଆଉ କିଛି ଚାଷୀ ଗତ ସୋମବାର ଠାରୁ ମଣ୍ଡିରେ ଧାନ ଗଦା କରି ରଖିଛନ୍ତି। କିନ୍ତୁ ମିଲର୍ସଙ୍କ ଦେଖା ମିଳୁନି। ଆର୍‌ଏମ୍‌ସି କିମ୍ବା ଲ୍ୟାମ୍ପ୍‌ସ କର୍ମଚାରୀ ମଧ୍ୟ ମଣ୍ଡିକୁ ଆସୁନଥିବା ଅଭିଯୋଗ କରିଛନ୍ତି ଚାଷୀ।

ମଣ୍ଡିରେ ୨ଶହ ଚାଷୀଙ୍କ ୯ ହଜାର କ୍ୱିଣ୍ଟାଲ୍ ଧାନ ପଡିଛି। ଧାର ଉଧାର କରି ଚାଷ କରିଥିବା ଚାଷୀ ଏବେ ବିକ୍ରିକୁ ନେଇ ଚିନ୍ତାରେ ପଡିଛି। ତୁରନ୍ତ ମଣ୍ଡିରୁ ଧାନ ନଉଠିଲେ ରାଜରାସ୍ତାକୁ ଓହ୍ଲାଇବା ନେଇ ଚେତାବନୀ ଦେଇଛନ୍ତି। ଅନ୍ୟପଟେ ମାସ୍ ନଥିବାରୁ ମଣ୍ଡିରୁ ଧାନ ଉଠା ଯାଇପାରିନାହିଁ, ସୋମବାର ସମସ୍ତ ଧାନ ଉଠିବ ବୋଲି କହିଛନ୍ତି ଲ୍ୟାମ୍ପସ କର୍ମଚାରୀ। ତୁରନ୍ତ ସରକାର ମଣ୍ଡି ସମସ୍ୟା ଦିଗରେ ଗୁରୁତ୍ୱ ଦେଇ ପଦକ୍ଷେପ ନେବା ଆବଶ୍ୟକ।

# ଲୁଟ୍ ଉଦ୍ୟମ ବିଫଳ

**କନ୍ଧମାଳ, ୧୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ଜୟପୁର ସହରରେ ବର୍ତ୍ତମାନ ଲୁଟେରାଙ୍କ ସଂଖ୍ୟା ବଢିବାରେ ଲାଗିଲାଣି। ଜୟପୁର ଟାଉନ ପୋଲିସ ଗୋଟିଏ ପଟେ ଆଇନଶୃଙ୍ଖଳାରେ ସୁଧାର ଆସିଲାଣି କହି ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରୁଥିବା ବେଳେ ଅନ୍ୟପଟେ ଲୁଟେରାଙ୍କ ସଂଖ୍ୟା ମଧ୍ୟ ବଢିବାରେ ଲାଗିଲାଣି। ସ୍ଥାନୀୟ ଶ୍ରୀରାମନଗର ନିକଟରେ ଫ୍ଲିପକାର୍ଟ ଡେଲିଭରି ବୟ ଠାରୁ କିଛି ଦୁର୍ବୃତ୍ତ ୨୭ଶହ ଟଙ୍କା ଲୁଟି ନେଇଥିବା ବେଳେ ଶନିବାର ମଧ୍ୟ ଜଣେ ବ୍ୟକ୍ତିଙ୍କଠାରୁ ଲୁଟ ହେଉଥିବା ଦେଖିବାକୁ ମିଳିଥିଲା। ଜୟନଗର ଠାରୁ ଫିସରି ଅଫିସ ଦେଇ ନୂଆସାହି ରାସ୍ତାକୁ ବାହାରିବା ରାସ୍ତାରେ ଶନିବାର ସାଢେ ୨ଟା ସମୟରେ ବବୁଲା ସାହୁ ନାମକ ଜଣେ ବ୍ୟକ୍ତି ଜୟନଗରଠାରୁ ଜୟପୁର ସହରକୁ ଆସୁଥିବା ସମୟରେ ଫିସରି ବନ୍ଧ ନିକଟରେ କିଛି ଯୁବକ ଗାଡିକୁ ଅଟକାଇ ଫୋନ ମାଗିଥିଲେ। ବାବୁଲା ମନା କରିବାରୁ ସେମାନେ ନିଜ ସମ୍ପର୍କିୟଙ୍କୁ ଫୋନ କରିବୁ ବୋଲି କହି ଛୁରି ଦେଖାଇ ଫୋନ ମାଗିଥିଲେ। ସେହି ସମୟର ସେହି ରାସ୍ତା ଦେଇ ଜଣେ ଶିକ୍ଷୟତ୍ରୀ ସୌଦାମିନୀ ତ୍ରିପାଠୀ ଓ ତାଙ୍କ ପୁଅ ସ୍କୁଲରୁ ଘରକୁ ଫେରୁଥିବା ସମୟରେ ହଠାତ ଗହଳି ଦେଖି ଗାଡି ଅଟକାଇ ଘଟଣା ସମ୍ପର୍କରେ ପଚାରି ବୁଝିଥିଲେ। ଦୁର୍ବୃତ୍ତମାନେ ଶିକ୍ଷୟତ୍ରୀ ଓ ତାଙ୍କ ପୁଅକୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଧମକ ଦେବା ସମୟରେ ସେହି ବାଟଦେଇ ଅନେକ ଗାଡି ଯାତାୟତ କରିବାରୁ ସେମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଦେଖଣାହାରିଙ୍କ କହିବାନୁଯାୟୀ ଯୁବକମାନେ ନିଶାରେ ରହି ଏହିପରି ଧମକ ଦେଉଥିବା ଜଣାପଡିଛି।

ପ୍ରକାଶ ଥାଉକି ଏହି ରାସ୍ତାଟି ସଂକୀର୍ଣ୍ଣ ହୋଇଥିବା ଯୋଗୁଁ ବଡ ବଡ ଗାଡି ଯାତାୟତ ହୋଇପାରୁ ନାହିଁ। କେବଳ ଦୁଇଚକିଆ ଗାଡି ଯାତାୟତ ହେଉଛି। ରାସ୍ତା କଡରେ ଲାଇଟ ବ୍ୟବସ୍ଥା ନଥିବା ଯୋଗୁଁ ଅନେକ ସମୟରେ ରାତିରେ ରାହାଜାନି ହେଉଛି। ଏପରିକି ରାସ୍ତାର ଉଭୟ ପାର୍ଶ୍ୱରେ ଜଙ୍ଗଲ ହୋଇଥିବା ଯୋଗୁଁ ଚୋରମାନଙ୍କୁ ଚୋରିକରିବା ସହଜ ହେଉଛି। ବିଗତ ଦିନରେ ସେହି ରାସ୍ତାରେ ହିଁ ଗାଇ ଚୋରମାନେ ଗାଇ କାଟି ବିକ୍ରି କରୁଥିବା ଦେଖିବାକୁ ମିଳିଥିଲା। ତେଣୁ ପୌରପ୍ରଶାସନ ଏବଂ ଉପଜିଲ୍ଲାପାଳ ଏଥିପ୍ରତି ଧ୍ୟାନ ଦେଇ ଏହି ରାସ୍ତାରେ ଆଲୋକିକରଣ କରିବାକୁ ସାଧାରଣରେ ଦାବି ହେଉଛି।

# ହତ୍ୟା ଘଟଣାର ପର୍ଦ୍ଦାଫାସ, ପୁରୀରୁ ଅଭିଯୁକ୍ତଙ୍କୁ ବାନ୍ଧିଲା ପୋଲିସ

**ରାୟଗଡ଼ା, ୧୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ବକ୍ସାଇଟ ପାଇଁ ବିଶ୍ୱ ପ୍ରସିଦ୍ଧ ରାୟଗଡ଼ା ଜିଲ୍ଲାର କାଶୀପୁର ବ୍ଲକ। ହେଲେ ଆଜିବି ସେଠାକାର ବାସିନ୍ଦା ଗୁଣିଗାରେଡି ଭଳି ଅନ୍ଧବିଶ୍ୱାସରେ ପଡ଼ି ହତ୍ୟା କରିବାକୁ ପଛାଉ ନାହାନ୍ତି। ଏଭଳି ଏକ ଘଟଣାକ୍ରମରେ କାଶୀପୁର ବ୍ଲକ ଦୋରାଗୁଡ଼ା ଥାନା ଅର୍ନ୍ତଗତ ହାଡ଼ିଗୁଡ଼ା ପଞ୍ଚାୟତର ଦୋରାଗୁଡ଼ା ଗ୍ରାମରେ। ଗ୍ରାମର ଗୋପାଳ ଦୋରାଙ୍କୁ ଗୁଣିଗାରେଡ଼ି କରୁଥିବା ସନ୍ଦେହରେ ହତ୍ୟା କରାଯାଇଛି। ଏନେଇ ପର୍ଦ୍ଦାଫାଶ କରି ପୋଲିସ ୬ ଜଣଙ୍କୁ ଗିରଫ କରିଛି। ସେଥିମଧ୍ୟରୁ ୫ଜଣଙ୍କୁ ଦୋରାଗୁ ଅଞ୍ଚଳରେ ଗିରଫ କରିଥିବା ବେଳେ ଜଣଙ୍କୁ ପୁରୀରୁ ଗିରଫ କରାଯାଇଥିବା ରାୟଗଡ଼ା ଏସ୍‌ଡିପିଓ ଗୌରହରି ସାହୁ ସୂଚନା ଦେଇଛନ୍ତି। ପୁରୀରୁ ଈଶ୍ୱର ଦୋରା ନାମକ ବ୍ୟକ୍ତିଙ୍କୁ ଗିରଫ କରିଥିବା ପୋଲିସ ସୂଚନା ଦେଇଛି। ଗିରଫ ଅନ୍ୟ ୫ଜଣ ହେଲେ ଇନୋ ଦୋରା, ରାମାରାଓ ଦୋରା, ନାଚି ଦୋରା, ରାଜୁ ଦୋରା, ମୋହନରାଓ ଦୋରା।

ପୋଲିସ ସୂଚନା ମୁତାବକ, ଜାନୁଆରୀ ୨୧ ତାରିଖରେ ଦୋରାଗୁଡ଼ା ଗ୍ରାମର ଗଙ୍ଗାମା ଦୋରା ତାଙ୍କ ବାପା ଗୋପାଳ ଦୋରା (୬୫) ନିଖୋଜ ଥିବା ନେଇ ଥାନାରେ ଏତଲା ଦେଇଥିଲେ। ଗଙ୍ଗାମାଙ୍କ ଏତଲା ପ୍ରକାରେ ଗୋପାଳ ଗାଁ ଠାରୁ ୩୦୦ ମିଟର ଦୂରରେ ଏକ କୁଡ଼ିଆରେ ରହି ଗାଇ ଜଗୁଥିଲେ। ବେଳେବେଳେ ଘରୁ ଯାଇ ତିନିରୁ ଚାରି ଦିନ ପରେ ଫେରନ୍ତି। ହେଲେ ଗଙ୍ଗାମାଙ୍କ ଅଭିଯୋଗ ପ୍ରକାରେ ଗତ ୨୫ ଦିନ ହେଲା ତାଙ୍କ ବାପା ଗୋପାଳ ଯାଇ ଆଉ ଘରକୁ ଫେରି ନ ଥିଲେ। ହେଲେ ଗୁରୁବାର ଦୋରାଗୁଡ଼ା ନିକଟସ୍ଥ ନଦୀରୁ ଗୋପାଳଙ୍କ ହାତଗୋଡ଼ ଓ ଅଣ୍ଟାରେ ପଥର ବନ୍ଧା ହୋଇଥିବା ମୃତଦେହ ଗାଁ ଲୋକେ ଦେଖିବାକୁ ପାଇଥିଲେ। ଏହାପରେ ଏହାକୁ ହତ୍ୟା ସନ୍ଦେହ କରି ଗଙ୍ଗାମା ପୋଲିସରେ ଏତଲା ଦେଇଥିଲେ। ଉକ୍ତ ଏତଲାକୁ ଭିତ୍ତି କରି ଆଇଆଇସି କିରଣବାଳା ସାମଲ କେସନଂ ୮/୨୬ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ତଦନ୍ତରୁ ଏହା ଏକ ହତ୍ୟାକାଣ୍ଡ ଏବଂ ଏଥିରେ ଗିରଫ ୬ଜଣ ସାମିଲ ଥିବା ପୋଲିସ ଜାଣିବାକୁ ପାଇଥିଲା। ଏହାପରେ ୫ଜଣଙ୍କୁ ଦୋରାଗୁଡ଼ା ଗିରଫ କରିଥିବା ବେଳେ ଈଶ୍ୱର ଦୋରା ଓରଫ ଇଶପାଙ୍କୁ ପୁରୀରୁ ଗିରଫ କରିଥିଲା ପୋଲିସ। ହତ୍ୟାକାଣ୍ଡ ପରେ ଈଶ୍ୱର ନଭେମ୍ବର ମାସରେ ମୃତ୍ୟୁବରଣ କରିଥିବା ତାଙ୍କ ବାପାଙ୍କ ଅସ୍ଥି ବିସର୍ଜନ ପାଇଁ ପୁରୀ ଯାଇଥିଲେ। ମୃତଦେହ ଜବତ ହେବା ପରେ ସେଠାରୁ ଫେରାର ପାଇଁ ଯୋଜନା କରୁଥିବା ବେଳେ ପୋଲିସ ଧରିଥିବା ଏସଡିପିଓ ସାହୁ ସୂଚନା ଦେଇଛନ୍ତି। ପଚାରାଉଚୁରା ପରେ ଗୋପାଳ ଗୁଣିଗାରେଡ଼ି କରି ତାଙ୍କ ପରିବାରବର୍ଗକୁ ଆଘାତ ପହଞ୍ଚାଇଥିବା ସନ୍ଦେହରେ ହତ୍ୟା କରାଯାଇଥିବା ୬ ଅଭିଯୁକ୍ତ ପୋଲିସ ନିକଟରେ ସ୍ୱୀକାର କରିଥିବା ଏସଡିପିଓ ସାହୁ ସୂଚନା ଦେଇଛନ୍ତି। ଏହି ହତ୍ୟାକାଣ୍ଡରେ ବ୍ୟବହୃତ ଇଉକାଲିପଟାସ କାଠ, ପ୍ଲାଷ୍ଟିକ ବ୍ୟାଗ ଓ ଦଉଡ଼ିକୁ ପୋଲିସ ଜବତ କରିଥିବା ଏସଡିପିଓ ସାହୁ ସୂଚନା ଦେଇଛନ୍ତି। ଡାକ୍ତରୀ ମାଇନା ପରେ ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ଭଡ଼ା ଘରୁ ଯୁବକଙ୍କ ମୃତଦେହ ଉଦ୍ଧାର

**ପୁରୀ, ୧୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ଭଡ଼ା ଘରୁ ଉଦ୍ଧାର ହେଲା ଯୁବକଙ୍କ ମୃତଦେହ। କଣାସ ପୁରୀ ଜିଲ୍ଲା ଗଡ଼ିଶଗୋଦା ଥାନା ଅନ୍ତର୍ଗତ ବାକୁ ସ୍ଥିତ ଏକ ପେଟ୍ରୋଲ ଟାଙ୍କି ନିକଟ ଘରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ତରତୁଆ ଗ୍ରାମର କୃପାସିନ୍ଧୁ ମହାରଣା ନାମକ ଜଣେ ୨୪ ବର୍ଷୀୟ ଯୁବକ ନିଜ ସ୍ତ୍ରୀ ଓ ପୁଅ ସହ ଭଡ଼ାଘରେ ରହୁଥିଲେ। କୁହାଯାଉଛି ଯେ, ଘରେ ଝଗଡ଼ା ଲାଗିବାରୁ ସେ ସେଠାରେ ଆସି ଭଡ଼ାରେ ରହୁଥିଲେ। ନିରାକାରପୁର ନିକଟ ଏକ ପେଟ୍ରୋଲ ଟାଙ୍କିରେ ସେ କାମ କରୁଥିଲେ। ରାତିରେ ସମସ୍ତେ ଶୋଇଥିବା ସମୟରେ ସେ ନିଜ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ଅନୁମାନ କରାଯାଉଛି। କିନ୍ତୁ, ସ୍ଥାନୀୟ ଲୋକ ଏହା ହତ୍ୟାକାଣ୍ଡ ବୋଲି କହିଛନ୍ତି। ତାଙ୍କୁ ମାରି ଟାଙ୍ଗି ଦେଇଥିବା ଆଲୋଚନା ହେଉଛି। ମୃତ୍ୟୁ ସନ୍ଦେହ ଜନକ ରହିଛି।

# ବନ ବିଭାଗ ଦ୍ୱାରା ବାରହା ଉଦ୍ଧାର

**ଭୁବନ, ୧୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ଭୁବନ ବନ ବିଭାଗ ତରଫରୁ ଏକ ଜଙ୍ଗଲି ବାରହାକୁ ଉଦ୍ଧାର କରାଯାଇଛି। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ଶନିବାର ଅପରାହ୍ନ ପ୍ରାୟ ୩ ଘଟିକା ସମୟରେ ଭୁବନ ଫରେଷ୍ଟ ରେଞ୍ଜ ଅନ୍ତର୍ଗତ ଜିରାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଏକ ଜଙ୍ଗଲି ବାରହା ବୁଲୁଥିବା ଦେଖି ସ୍ଥାନୀୟ ଲୋକ ବନ ବିଭାଗକୁ ଖବର ଦେଇଥିଲେ। ଭୁବନ ବନ ବିଭାଗ ତରଫରୁ ଢେଙ୍କାନାଳ ବନଖଣ୍ଡ ଅଧିକାରୀଙ୍କୁ ତୁରନ୍ତ ସୂଚନା ଦିଆଯାଇ ଟ୍ରାଙ୍କୁଲାଇଜ ଟିମ୍‌କୁ ଡକାଯାଇଥିଲା। ଅପରାହ୍ନ ୫ ଘଟିକା ସମୟରେ ଢେଙ୍କାନାଳ ଟିମ୍ ପହଂଚି ବାରହାକୁ ଟ୍ରାଙ୍କୁଲାଇଜର ମାରି ଅଚେତ କରିଥିଲେ। ପରେ ଭୁବନ ବନାଞ୍ଚଳ ଅଧିକାରୀ ରାକେଶ କୁମାର ଦଳେଇ, ବନପାଳ କବିତା ବିଶ୍ୱାଳ, ଫରେଷ୍ଟ ଗାର୍ଡ ଶଶୀ ରେଖା ଦିଆନି ମୁକେଶ ରାଉତ ଓ ହାତୀ ସ୍କ୍ୱାର୍ଡମାନେ ବାରହାକୁ ଜାଲ ପକାଇ କାବୁ କରି କପିଳାସ ଜଙ୍ଗଲରେ ଛାଡିବା ପାଇଁ ନେଇଥିଲେ।

# ପ୍ରଦୂଷଣ ବଳୟରେ ସମ୍ବଲପୁର-ଝାରସୁଗୁଡା ରାସ୍ତା

**ସମ୍ବଲପୁର, ୧୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ପ୍ରଦ୍ୟୁଷଣର ବଳୟରେ ଲୋକେ ତ୍ରାହି ତ୍ରାହି ଡାକିଲେଣି, ହେଲେ ସୁରକ୍ଷା ଯୋଗାଇବ କିଏ? ଏହି ଦୃଶ୍ୟ ସମ୍ବଲପୁରୁ ଝାରସୁଗୁଡା ଯିବା ରାସ୍ତାର ଏସ୍ ଏମ୍ ୧୦ର ଅବସ୍ଥା। ଖଣି ଖାଦାନ ଅଛି, ତେଣୁ ବଡବଡ କଳ କାରଖାନା ବି ବସିଛି। ହେଲେ କଳ କାରଖାନାରୁ ନିର୍ଗତ ବିଷାକ୍ତ ବାଷ୍ପ ଓ ନିଷ୍କାସନ ଆବର୍ଜନାର ସଠିକ୍ ବିନିଯୋଗ ହୋଇ ପାରୁନଥିବା ଯୋଗୁଁ ଲୋକେ ବିଷ ବଳୟ ଭିତରକୁ ଠେଲି ହୋଇଯାଉଛନ୍ତି। ପ୍ରଦ୍ୟୁଷଣ ଯେ କେବଳ ବାୟୁ ମଣ୍ଡଳକୁ ନଷ୍ଟ କରୁଛି ତାହା ନୁହେଁ ଏତେ ମାତ୍ରାରେ ଆବର୍ଜନା ଧୂଳିଧୂସର ଓ ପାଉଁଶ ଉଡୁଛି ଯେ ରାଜରାସ୍ତାରେ ଯାନ ବାହାନ ଚଳାଚଳରେ ମଧ୍ୟ ବାଧକ ସାଜିଛି। ଗାଡି ଚାଳକଙ୍କୁ ଯେତେବେଳେ ରାସ୍ତା ସଠିକ୍ ଭାବେ ଦିଶୁନାହିଁ ସେଠାରେ ଦୁର୍ଘଟଣା ଘଟିବା ଏକ ସାଧାରଣ ଘଟଣା। ଏ ଦିଗରେ ଉଭୟ ଜିଲ୍ଲାର ଜିଲ୍ଲାପାଳଙ୍କ ସମେତ ରାଜ୍ୟ ସରକାର ଅନୁସନ୍ଧାନ କରି ବିହିତ ପଦକ୍ଷେପ ନେବା ପାଇଁ ସାଧାରଣରେ ଦାବି ହେଉଛି।

# ମରଣଜନ୍ତା ପାଲଟିଛି ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥ

**ହରଭଙ୍ଗା, ୧୧୧ ଏକ୍ସପ୍ରେସ୍ ନ୍ୟୁଜ୍**



ମରଣଜନ୍ତା ପାଲଟିଛି ରାସ୍ତା। କେଉଁଟି ରାସ୍ତାରେ ଖାଲ, ତ ଆଉ କେଉଁଠି ଫାଟ ଓ ଖାଲଖମା। ବୌଦ୍ଧ ଜିଲ୍ଲାର ହରଭଙ୍ଗା ବ୍ଲକ୍ ଦେଇ ଯାଇଥିବା ଖୋର୍ଦ୍ଧା–ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥ ଲୋକଙ୍କ ପାଇଁ ମରଣଯନ୍ତା ସାଜିଛି। ବଦଲାଠାରୁ ବୌଦ୍ଧ ପର୍ଯ୍ୟନ୍ତ ରାସ୍ତାର ବିଭିନ୍ନ ସ୍ଥାନରେ ଖାଲଖମା ଯୋଗୁଁ ଦୈନିକ ଦୁର୍ଘଟଣା ଘଟୁଥିବା ଖବର ସାମ୍ନାକୁ ଆସୁଛି।

ଆଡ଼େନିଗଡ଼, ଚାରିଛକ, ପୁରୁଣାକଟକ, ସରସରା ସମେତ ଅନେକ ସ୍ଥାନରେ ରାସ୍ତା ଅବସ୍ଥା ବେହାଲ। ଯଦି ବର୍ଷା ହୋଇଯାଏ ଖାଲଖମାଗୁଡ଼ିକ ପାଣିରେ ଭରିଯାଇଥିବାରୁ ଖାଲ ଖମାକୁ ଚିହ୍ନଟ ହୋଇପାରୁନାହିଁ। ଯାହାଫଳରେ ଦୁଇଚକିଆଯାନ ସହ ଚାରିଚକିଆ ଓ ଭାରି ଯାନ ଦୁର୍ଘଟଣାର ସାମ୍ନା ହେଉଛନ୍ତି। ଏହି ଜାତୀୟ ରାଜପଥ ଦେଇ ଦୈନିକ ହଜାର ହଜାର ଯାନ ଚଳାଚଳ କରୁଥିବା ସତ୍ତ୍ୱେ ରକ୍ଷଣାବେକ୍ଷଣ ପ୍ରତି ସମ୍ପୂର୍ଣ୍ଣ ଅବହେଳା ଦେଖାଯାଉଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି ରାଜପଥର ନିର୍ମାଣ ଓ ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା ଠିକା ସଂସ୍ଥା ପକ୍ଷରୁ ସଠିକ ଭାବରେ ମରାମତି କାମ ହୋଇପାରୁନାହିଁ। ସବୁଠାରୁ ବଡ଼ କଥା ହେଲା ସମ୍ପୃକ୍ତ ଠିକା ସଂସ୍ଥା ରାସ୍ତାର ମରାମତି ପାଇଁ ଦାୟିତ୍ୱ ନେଇଥିଲେ ମଧ୍ୟ ଅଥରଟି କନ୍ସଲଣ୍ଟ ଇଞ୍ଜିନିୟରିଂ ଅଧିକାରୀ ବାବୁ କିନ୍ତୁ ବୌଦ୍ଧରେ ରହିବା ବଦଳରେ ଭୁବନେଶ୍ୱରରେ ରହି କାର୍ଯ୍ୟ କରୁଥିବା ଜଣାପଡିଛି।

ଏନେଇ ସାଇଟ ଇଞ୍ଜିନିଅର ଏମ.ଖମାରୀଙ୍କୁ ପଚାରିବାରୁ ଆମେ ଦୈନିକ ବିଭିନ୍ନ ସ୍ଥାନ ପରିଦର୍ଶନ କରୁଛୁ ଓ ମରାମତି କାର୍ଯ୍ୟ ଜାରି ରଖୁଛୁ ବୋଲି କହିଛନ୍ତି। ପ୍ରଶାସନ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବି ହୋଇଛି। ଜାତୀୟ ରାଜପଥ ସମସ୍ୟା ନେଇ ବୌଦ୍ଧ ଜିଲ୍ଲାରେ ଦୈନିକ ଦୁର୍ଘଟଣା ଘଟୁଥିବା ବେଳେ ଜିଲ୍ଲାପାଳ ଓ ଏସପି ବାରମ୍ବାର ସଂସ୍ଥାକୁ ତାଗିଦ କଲେ ମଧ୍ୟ କର୍ଣ୍ଣପାତ କରୁନଥିବା କୁହାଯାଉଛି। ଏପଟେ ଦୁର୍ଘଟଣା ଘଟୁଥିବା ସ୍ଥାନଗୁଡ଼ିକରେ ସତର୍କତା ସୂଚକ ବୋର୍ଡ, ବାରିକେଡ଼ ନଥିବା ଯୋଗୁଁ ରାତି ସମୟରେ ଯାତ୍ରା ଆହୁରି ବିପଦଜ୍ଜନକ ହେଉଛି। ତେଣୁ ତୁରନ୍ତ ଏହି ରାସ୍ତାର ମରାମତି କାମ ଆରମ୍ଭ କରିବା ସହ ମଜବୁତ ରାସ୍ତା ନିର୍ମାଣ କରିବା ପାଇଁ ଦାବି ସାଧାରଣରେ ଦାବି ହୋଇଛି। ସମ୍ପୃକ୍ତ ଠିକା ସଂସ୍ଥା ଯଦି ଏଥିପ୍ରତି ଦୃଷ୍ଟି ନ ଦିଏ ତେବେ ଆଗାମୀ ଦିନରେ ଯାତ୍ରୀ ଅନେକ ଦୁର୍ଘଟଣାରେ ସାମ୍ନା ହେବା କଥାକୁ ଏଡାଇ ଦିଆଯାଇନପାରେ ବୋଲି ଅନୁମାନ କରାଯାଉଛି। ତେଣୁ ଏଥିପ୍ରତି ବୌଦ୍ଧ ଜିଲ୍ଲାପ୍ରଶାସନ ଦୃଷ୍ଟି ଦେବା ସହ ସଂପୃକ୍ତ ଠିକା ସଂସ୍ଥାକୁ ତାଗିଦ କରିବା ପାଇଁ ସାଧାରଣ ଦାବି ହେଉଛି।

ସ୍ୱାଧୀନତାର ୭୯ବର୍ଷ ପରେ ବି ଲୋକଙ୍କୁ ମୁନ୍ଦେ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯାଇପାରୁନି ଫଳରେ ଲୋକେ ରୋଗାକ୍ରାନ୍ତ ହେଉଛନ୍ତି । ଅନ୍ୟପଟେ ଅସଲି ମଦ ଦୋକାନ ସଂଖ୍ୟା ବଢ଼ିବଢ଼ି ଚାଲିଛି । ଲୋକଙ୍କ ହାତପାଆନ୍ତାରେ ଉନ୍ନତମାନର ଅସଲ ମଦ ମିଳୁଛି- ଏହା ହିଁ ଗଣତନ୍ତ୍ର ପ୍ରତିଟି ଆଉ ଏକ ଉପହାସ ।

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ | କେନ୍ଦ୍ରାପଡ଼ା | ୨୬ ଜାନୁଆରୀ, ୨୦୨୬ | ସୋମବାର

# ଓଡ଼ିଶା ଏକ୍ସପ୍ରେସ

## ସମ୍ବିଧାନ ପୃଥୁଳ : ଗଣ ଦୁର୍ବଳ

ଗଣତନ୍ତ୍ର ଶାସନରେ ଗଣ କୁଆଡ଼େ ଖୁବ୍ ବଳୁଆ ! ଆମ ଦେଶରେ କେବଳ ନିର୍ବାଚନ ବେଳେ ହିଁ ଏହି ଲିଖିତ ସତ୍ୟଟିକୁ ଅନୁଭବ କରିହୁଏ । ତା'ପରେ କ'ଣ ହୁଏ ଏକଥା କାହାରିକୁ ଅଛପା ନାହିଁ ।

ଗଣତନ୍ତ୍ର ଶାସନର ୭୫ବର୍ଷ ପରେ ବି ଗଣ କେତେ ଅସହାୟ ଏହା ପ୍ରତିଦିନ ଗଣମାଧ୍ୟମରୁ ଜଣାଯାଏ । ବଜାରରେ ଦୁଇପ୍ରକାର ଖାଦ୍ୟ ସାମଗ୍ରୀ ଉପଲବ୍ଧ ଆମ ଦେଶରେ । ଯେତେ ଅଧିକ ଦାମ୍, ତା'ର ଗୁଣାତ୍ମକମାନ ସେତେ ଅଧିକ । ପକେଟରେ ପଇସା ନାହିଁ ମାନେ, କମ୍ ଗୁଣାତ୍ମକମାନର ଖାଦ୍ୟ ଆପଣଙ୍କୁ ଖାଇବାକୁ ପଡ଼ିବ । ନକଲି ଖାଦ୍ୟଠାରୁ ଆରମ୍ଭ କରି ନକଲି ଔଷଧର ଏକ ବଜାର ସୃଷ୍ଟି ହୋଇସାରିଛି ଆମ ଦେଶରେ । ବିଭିନ୍ନ ମାନର ସେବା ମଧ୍ୟ ରହିଛି । ଆମ ଦେଶରେ କିଏ ବଞ୍ଚିବାକୁ ସଂଗ୍ରାମ କରୁଛି ତ ପୁଣି କିଏ ଜୀବନକୁ ଉପଭୋଗ କରୁଛି । ଜୀବନକୁ ଉପଭୋଗ କରୁଥିବା ମଣିଷଙ୍କ ସଂଖ୍ୟା ଆମ ଦେଶରେ ଖୁବ୍ କମ୍ । ଏମାନଙ୍କ ଭୋଟ୍‌ରେ ଗଣତନ୍ତ୍ର ପ୍ରତିଷ୍ଠା ହୁଏନି । ପ୍ରତିଟି ଭୋଟରଙ୍କ ଭୋଟ୍‌ର ମୂଲ୍ୟ କିନ୍ତୁ ସମାନ । ଧନୀର ଯେତିକି- ଗରିବର ସେତିକି ।

ଗଣଙ୍କ ଦ୍ୱାରା ନିର୍ବାଚିତ ପ୍ରତିନିଧିମାନେ ଗଣଙ୍କୁ କେତେ ସମ୍ମାନ ଦିଅନ୍ତି ଏବଂ କେତେ ଗୁରୁତ୍ୱ ଦିଅନ୍ତି ଏକଥା କାହାରିକୁ ଅଛପା ନାହିଁ । ଆମ ରାଜ୍ୟର ନେତାମାନେ କହୁଛନ୍ତି- ପ୍ରଶାସନିକ ଅଧିକାରୀମାନେ କୁଆଡ଼େ ସେମାନଙ୍କୁ ଉପଯୁକ୍ତ ସମ୍ମାନ ଦେଉନାହାନ୍ତି । ସେଇ ଅଧିକାରୀମାନେ ସାଧାରଣ ଲୋକଙ୍କୁ କିଭଳି ସମ୍ମାନ ଦିଅନ୍ତି ଏକଥା ନିର୍ବାଚିତ ପ୍ରତିନିଧିମାନେ କେବେ ଚିନ୍ତା କରିଛନ୍ତି କି ?

ଗତକାଲି ପ୍ରକାଶିତ ଦୁଇଟି ଖବର ଆମ ଦେଶର ଗଣତନ୍ତ୍ର ପ୍ରତି ନିଶ୍ଚିତ ଭାବରେ ଏକ ପରିହାସ । ଏଇଭଳି ଖବର ସଂଖ୍ୟା ଆମ ଦେଶରେ କମିବା ବଦଳରେ ବଢ଼ିବାରେ ଲାଗିଛି । ସେ ଦୁଇଟି ଖବରରୁ ଅଳ୍ପ କିଛି ଏଠି ପ୍ରଦାନ କରାଗଲା ।

ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକ୍‌ର ଆଲଟପୁର ପଞ୍ଚାୟତରେ ପିଇବା ପାଣିରେ ରହିଛି ମାରାତ୍ମକ ଲିଡ୍, କ୍ୟାଡିମିୟମ, ଆର୍ସେନିକ, ମାଙ୍ଗାନିଜ, ଆଇରନ୍ ଭଳି ମାରାତ୍ମକ ରସାୟନିକ ଦ୍ରବ୍ୟ। ୧୬୦ଟି ନଳକୂପରୁ ସଂଗୃହୀତ ନମୁନାରୁ ୯୦ଟିରେ ଏସବୁ ଉପାଦାନ ରହିଥିବା ପରୀକ୍ଷାରୁ ସ୍ପଷ୍ଟ ହୋଇଛି । ଏହାହିଁ ଏଠାରେ କିଡ୍‌ନୀ ରୋଗ ଏବଂ କ୍ୟାନସର ବ୍ୟାପିବାର କାରଣ ବୋଲି ଜଣାଯାଇଛି ।

ଆଉ ଏକ ଖବର ଏଇଭଳି- ଦଶପଲ୍ଲା ବ୍ଲକ୍ ଅନ୍ତର୍ଗତ ଟାକରାଠାରେ ପ୍ରାୟ ୫୦୦ ପରିବାର ପାନୀୟ ଜଳରୁ ବଞ୍ଚିତ ହୋଇଛନ୍ତି । ପ୍ରତିବାଦରେ ଗ୍ରାମବାସୀମାନେ ଖୋର୍ଦ୍ଧା-ବଲାଙ୍ଗୀର ୫୭ନଂ ଜାତୀୟ ରାଜପଥକୁ ଅବରୋଧ କରି ପ୍ରତିବାଦ କରିଛନ୍ତି।

ସ୍ୱାଧୀନତାର ୭୯ବର୍ଷ ପରେ ବି ଲୋକଙ୍କୁ ମୁନ୍ଦେ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯାଇପାରୁନି ଫଳରେ ଲୋକେ ରୋଗାକ୍ରାନ୍ତ ହେଉଛନ୍ତି । ଅନ୍ୟପଟେ ଅସଲି ମଦ ଦୋକାନ ସଂଖ୍ୟା ବଢ଼ିବଢ଼ି ଚାଲିଛି । ଲୋକଙ୍କ ହାତପାଆନ୍ତାରେ ଉନ୍ନତମାନର ଅସଲ ମଦ ମିଳୁଛି- ଏହା ହିଁ ଗଣତନ୍ତ୍ର ପ୍ରତିଟି ଆଉ ଏକ ଉପହାସ ।

ବ୍ରିଟେନ, ଯୁକ୍ତରାଷ୍ଟ୍ର ଆମେରିକା, ଶୋଭିଏତ ସଂଘ, କାନାଡା, ଆୟାରଲାଣ୍ଡ, ଫ୍ରାନ୍ସ, ଜର୍ମାନୀ, ଦକ୍ଷିଣ ଆଫ୍ରିକା ଓ ଜାପାନ ଆଦି ଦେଶର ସମ୍ବିଧାନରୁ ନୀତିନିୟମ ଉଦ୍ଧୃତ କରାଯାଇ ସନ୍ନିବେଶିତ କରାଯାଇଛି ଭାରତୀୟ ସମ୍ବିଧାନରେ । ଏତେ ବଡ଼ ଲିଖିତ ସମ୍ବିଧାନ ବିଶ୍ୱରେ ଅନ୍ୟ କୌଣସି ଦେଶରେ ନାହିଁ । ରାଷ୍ଟ୍ରର ରାଜନୈତିକ ବ୍ୟବସ୍ଥା ସମ୍ବନ୍ଧୀୟ ମୌଳିକ ଢାଞ୍ଚା ଗଠନ କରିଥାଏ ସମ୍ବିଧାନ । ଦେଶବାସୀ କିଭଳି ଶାସିତ ହେବେ ଏବଂ ଜଣେ କିଭଳି ଅନ୍ୟାୟର ଶିକାର ନହେବ ସେସବୁ ସମ୍ବିଧାନରେ ଲିଖିତ ଭାବରେ ରହିଛି । ୧୯୪୯ ନଭେମ୍ବର ୨୬ ତାରିଖରେ ସମ୍ବିଧାନ ଗୃହୀତ ହୋଇଥିଲେ ବି ଭାରତୀୟ ସମ୍ବିଧାନ ପ୍ରଣୀତ ହୋଇଥିଲା ୧୯୫୦ ଜାନୁଆରୀ ୨୬ ତାରିଖ ଦିନ । ଗଣଙ୍କ ଅଧିକାର କିଭଳି କ୍ଷୁଣ୍ଣ ନହେବ ସେ ଦିଗକୁ ଗୁରୁତ୍ୱ ଦିଆଯାଇଛି ଆମ ସମ୍ବିଧାନରେ । କିନ୍ତୁ ପ୍ରଶ୍ନ ଉଠୁଛି ଆମ ଦେଶର ସମ୍ବିଧାନ ଖୁବ୍ ପୃଥୁଳ ହୋଇଥିଲେ ମଧ୍ୟ ଗଣ କାହିଁକି ଏତେ ଦୁର୍ବଳ, ପୁଷ୍ଟିହୀନତାର ଶିକାର କାହିଁକି ହେଉଛି ଶିଶୁ ? ସେଇଟା ହିଁ ମୂଳ ପ୍ରଶ୍ନ । ଯେଉଁସବୁ ବିକଶିତ ଦେଶମାନଙ୍କ ସମ୍ବିଧାନରୁ ଆମ ସମ୍ବିଧାନ ପାଇଁ ନୀତିନିୟମ ଉଦ୍ଧୃତ କରାଯାଇଛି ସେସବୁ ଦେଶରେ କ'ଣ ବିଶୁଦ୍ଧ ପାନୀୟ ଜଳ ପାଇଁ ଲୋକଙ୍କୁ ରାଜରାସ୍ତାକୁ ଆସିବାକୁ ପଡୁଛି କି ?

ଏଇ ପରିପ୍ରେକ୍ଷୀରେ ନୋବେଲ ପୁରସ୍କାର ବିଜେତା ଅର୍ଥନୀତିଜ୍ଞ ଅମର୍ତ୍ତ୍ୟ ସେନ ପଶ୍ଚିମବଙ୍ଗରେ ଚାଲିଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାକୁ ତରବରିଆ ଓ ଅପର୍ଯ୍ୟାପ୍ତ ବୋଲି ଦର୍ଶାଇ ସମାଲୋଚନା କରିଛନ୍ତି । ସେ ଚେତାବନୀ ଦେଇଛନ୍ତି ଯେ ଏଇ ତ୍ୱରାନ୍ୱିତ ପ୍ରକ୍ରିୟା ଗଣତନ୍ତ୍ରକୁ କ୍ଷତି ପହଞ୍ଚାଇପାରେ । ଭୋଟର ତାଲିକା ସଂଶୋଧନ ପାଇଁ ଯଥେଷ୍ଟ ସମୟ ଦିଆଯିବା ଉଚିତ୍ । ନହେଲେ ଅନେକ ବୈଧ ଭୋଟରଙ୍କ ନାମ ବାଦ୍ ପଡ଼ିପାରେ । ଏହା ନିର୍ବାଚନୀ ପ୍ରକ୍ରିୟାର ବିଶ୍ୱସନୀୟତା ହ୍ରାସ କରିବ ଏବଂ ଲୋକଙ୍କ ଅଧିକାରକୁ ଦୁର୍ବଳ କରିବ ବୋଲି ସେ ଆଶଙ୍କା ପ୍ରକାଶ କରିଛନ୍ତି ।

ଏସବୁ ତଥ୍ୟକୁ ବିଚାର କଲେ ସଚେତନ ମଣିଷଟିଏ ନିଶ୍ଚିତ ଭାବରେ ହତାଶ ହେବ । ସେ ନିଶ୍ଚିତ ଭାବିବ ଗଣତନ୍ତ୍ର ଶାସନରେ ଗଣ ସତରେ କେତେ ଦୁର୍ବଳ ଏକଥା ଅନୁଭବ କରିବ ।

# ସମ୍ପୂର୍ଣ୍ଣ କାକତାଳୀୟ

ଭରତବାବୁ ଥିଲେ ସେ ସମୟର ଜଣେ ନାମୀଦାମୀ ବିତ୍ତଶାଳୀ ବ୍ୟକ୍ତି । ସାରା ବିଶ୍ୱରେ ତାଙ୍କର ନାଁ ଡାକ ଥିଲା ।

ଭରତ ବାବୁଙ୍କର ଦୁଇଟି ସ୍ତ୍ରୀ । ଗଙ୍ଗା ଆଉ ଯମୁନା। ଏଇ ଦୁଇ ସ୍ତ୍ରୀଙ୍କ ୯ଟି ପିଲା । ବଡ଼ ପୁଅ ନାଁ ମୋହନ, ମଝିଆ ପୁଅ ସୁଭାଷ । ବଡ଼ପୁଅ ଶାନ୍ତ ସ୍ୱଭାବର । ହିଂସା କ'ଣ ଜାଣେନି । ଗୋଟିଏ ଗାଲକୁ ଜାବଡ଼ା ମାରିଲେ ଆର ଗାଲ ଦେଖାଇଦେବ ।

ମଝିଆ ପୁଅ କିନ୍ତୁ ଉଗ୍ର ସ୍ୱଭାବର । ନବାବ ପୁଅକୁ ଜବାବ ଦେବ । କହିବ ତମକୁ ଗାଲକୁ ଯଦି କିଏ ଗୋଟିଏ ଜାବଡ଼ା ମାରେ ତେବେ ତମେ ତାକୁ ଗଣ୍ଡାଏରେ ସୁଝାଇଦେବ ।

ଭରତବାବୁଙ୍କ ଘର ଦେଖିଲେ ଆଖି ଝଲସିଯିବ । ଏତେ ଘର ଗଣିହେବନି । ପ୍ରତ୍ୟେକ ଜିନିଷ ପାଇଁ ଅଲଗା ଅଲଗା ବଖରା । ଆଇଁଷ ଘର, ନିରାମିଷ ଘର, ଅଟା ଘର, ସୁଜି ଘର, ପରିବା ଘର, ମିଠା ଘର, ପିଠା ଘର, କ୍ଷୀର ଘର, ଗହଣା ଘର, ଗାଉଣା ଘର ଇତ୍ୟାଦି ଇତ୍ୟାଦି । ପ୍ରତ୍ୟେକ ଘର ଜଗିବା ପାଇଁ ଅଲଗା ଅଲଗା ଜଗୁଆଳି ।

ଭରତବାବୁଙ୍କ ଘରେ ଚାକର ବାକର, ନୌକର ପିଆଦାଙ୍କ ସଂଖ୍ୟା ଗଣିହେବନି । ଏଇ ଘରକୁ ଚବିଶ ଘଣ୍ଟା ଜଗିରହିଥାନ୍ତି ଜଗୁଆଳି । ପିମ୍ପୁଡ଼ି ପଶିପାରିବନି । ତେବେ ଏଇ କର୍ମଚାରୀମାନେ ଥିଲେ ଭୀଷଣ ଈର୍ଷାକାତର । ପରସ୍ପରର ସୁଖ ଦେଖିପାରୁନଥିଲେ ।

ଭରତବାବୁଙ୍କର ଏଇ ଘର ଏବଂ ତାଙ୍କର ଅସୁମାରି ଧନସମ୍ପତ୍ତି କଥା ତାଙ୍କ ଗାଁଠାରୁ ଆଠ ହଜାର ମାଇଲ ଦୂରରେ ଥିବା ଗୋଟିଏ ଗାଁର ମୁଖିଆ ଜାଣିବାକୁ ପାଇଲେ । ଏଇ ଗାଁର ଲୋକମାନଙ୍କ ମଧ୍ୟରୁ ଅଧିକାଂଶ ଥିଲେ ବେପାରୀ । ମସଲା ବେପାର କରୁଥିଲେ ସେମାନେ । ଗାଁ ମୁଖିଆ ସେମାନଙ୍କ ମଧ୍ୟରୁ କିଛି ବେପାରୀଙ୍କୁ ଡଙ୍ଗାରେ ବସାଇ ଭରତବାବୁଙ୍କ ଗାଁକୁ ପଠାଇଦେଲେ । ମସଲା ବେପାରୀମାନେ ଭରତବାବୁଙ୍କ ଗାଁରେ ପହଞ୍ଚିବା ପରେ ଦୋକାନ ଖୋଲି ମସଲା ବେପାର କଲେ । ତେବେ ଏଇ ସମୟ ମଧ୍ୟରେ ସେମାନେ ଭରତବାବୁଙ୍କ ଘରର କର୍ମଚାରୀମାନଙ୍କୁ ହାତ କରି ଘଟାଇଲେ ଅଘଟଣ । ଦିନେ ଭରତବାବୁଙ୍କ ଘରେ ପଶି ଭରତବାବୁଙ୍କ ସମେତ ତାଙ୍କ ପରିବାର ଲୋକଙ୍କୁ ଗଳାଧକ୍କା ଦେଇ ଘରୁ ବାହାର କରି ଘରକୁ ମାଡ଼ିବସିଲେ । ଭରତବାବୁଙ୍କ ପରିବାରକୁ ସେଇ ବିଶାଳ ଘରର ହତାରେ ଥିବା ଗୋଟିଏ ଆଉଟ୍ ହାଉସ୍‌ରେ ରହିବାକୁ ନିର୍ଦ୍ଦେଶ ଦେଲେ । କର୍ମଚାରୀମାନଙ୍କୁ ଟଙ୍କା ପଇସା ଦେଇ ନିଜ ଅକ୍ତିଆରକୁ ନେଇଗଲେ । ଭରତବାବୁ ଅନନ୍ୟୋପାୟ ହୋଇ ସେଇ ଛୋଟିଆ ଘରେ ରହିଲେ ।

> ଏଇ ସୁଯୋଗରେ ବଡ଼ପୁଅ ମୋହନ କର୍ମଚାରୀଙ୍କୁ ଏକଜୁଟ କରି କହିଲା- ଚାଲ ଆମେ ସମସ୍ତେ ଶାନ୍ତିପୂର୍ଣ୍ଣ ଉପାୟରେ ଏ ବାହାର ବେପାରୀଙ୍କୁ ଘର ଛାଡ଼ିଦେବାକୁ କହିବା । ସେମାନଙ୍କ ଆଗରେ ଭଜନ ଗାଇଲେ ସେମାନେ ପ୍ରଭାବିତ ହେବେ । ଜାଣିବେ ଯେ ଆମେ ସେମାନଙ୍କୁ ଶାରୀରିକ ଭାବେ ଆଘାତ ଦେବୁ ନାହିଁ । ତେଣୁ ତାଙ୍କ ଆଡୁ ମଧ୍ୟ ଆମ ପ୍ରତି ବିପଦ ରହିବ ନାହିଁ ।

ଏବେ ମସଲା ବେପାରୀମାନେ ଏଇ ବିଶାଳ ଘରର ଗୋଟିଏ ଅଂଶରେ ରହି ବାକି ଅଂଶକୁ ଭଡ଼ାରେ ଲଗାଇ ପ୍ରଚୁର ପଇସା ରୋଜଗାର କଲେ । ଭରତବାବୁଙ୍କ ବିଭିନ୍ନ ବଖରାରେ ଥିବା ଦାମୀ ଜିନିଷ ନିଜ ଗାଁକୁ ପଠାଇଦେଲେ ।

ହେଲେ କିଛିଦିନ ପରେ ଏଇ ବେପାରୀମାନେ ଭରତବାବୁଙ୍କ ପୂର୍ବତନ କର୍ମଚାରୀମାନଙ୍କୁ ଉପଯୁକ୍ତ ବେତନ ନଦେଇ ସେମାନଙ୍କୁ ଭୀଷଣ ଖଟାଇବାରେ ଲାଗିଲେ । ଫଳରେ ସେମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଲା । ଏଇ ସୁଯୋଗରେ ଭରତବାବୁଙ୍କ ମଝିଆ ପୁଅ ସୁଭାଷ ସେମାନଙ୍କୁ କହିଲା- ଚାଲ ଆମେ ଏଇ ବେପାରୀମାନଙ୍କୁ ବାଡ଼େଇକି ତଡିବା । ସେମାନଙ୍କୁ ଜୋର୍‌ରେ ଛେଚିଲେ ସେମାନେ ଡରିକି ପଳାଇବେ । ହେଲେ ସୁଭାଷର କଥାକୁ ସଂଖ୍ୟାଧିକ କର୍ମଚାରୀ ସମର୍ଥନ କଲେ ନାହିଁ । ସେମାନଙ୍କର ଭୟ ବାହାର ବେପାରୀଙ୍କ ପାଖେ ବନ୍ଧୁକ ଅଛି । ସେମାନେ ଫୁଟେଇଦେଲେ ପ୍ରାଣ ଚାଲିଯିବ । ଏଥିସହିତ କିଛି କର୍ମଚାରୀ ବାହାର ବେପାରୀଙ୍କ ସହିତ ଭିତିରିଆ ସମ୍ପର୍କ ରଖିଥିବାରୁ ସୁଭାଷ କଥାରେ ପ୍ରଭାବିତ ହେଲେନାହିଁ । ଜାଣିଲେ ସୁଭାଷ ଉଗ୍ର ସ୍ୱଭାବର । ତେଣୁ ତା' କଥାରେ ପଡ଼ି ବେପାରୀଙ୍କ ସହିତ ମୁକାବିଲା କଲେ ସେମାନେ ବହେ ଛେଚିବେ ।

ଏଇ ସୁଯୋଗରେ ବଡ଼ପୁଅ ମୋହନ କର୍ମଚାରୀଙ୍କୁ ଏକଜୁଟ କରି କହିଲା- ଚାଲ ଆମେ ସମସ୍ତେ ଶାନ୍ତିପୂର୍ଣ୍ଣ ଉପାୟରେ ଏ ବାହାର ବେପାରୀଙ୍କୁ ଘର ଛାଡ଼ିଦେବାକୁ କହିବା । ସେମାନଙ୍କ ଆଗରେ ଭଜନ ଗାଇଲେ ସେମାନେ ପ୍ରଭାବିତ ହେବେ । ଜାଣିବେ ଯେ ଆମେ ସେମାନଙ୍କୁ ଶାରୀରିକ ଭାବେ ଆଘାତ ଦେବୁ ନାହିଁ । ତେଣୁ ତାଙ୍କ ଆଡୁ ମଧ୍ୟ ଆମ ପ୍ରତି ବିପଦ ରହିବ ନାହିଁ ।

ଏମିତି ଦୀର୍ଘଦିନ ବୁଝାଇବା ପରେ ପୂର୍ବତନ କର୍ମଚାରୀମାନଙ୍କର ବୁଦ୍ଧି ଉଦୟ ହେଲା । ସେମାନେ ଦିନେ ଏକାଠି ହୋଇ ୮ହଜାର ମାଇଲ ଦୂରରୁ ତାଙ୍କ ଗାଁକୁ ଆସିଥିବା ସେଇ ବେପାରୀଙ୍କ ବିରୋଧରେ ସଂଗ୍ରାମ ଆରମ୍ଭ କଲେ । ଏତେବେଳକୁ ମୋହନ ଆଉ ସୁଭାଷ ଲୋକଙ୍କୁ ବାହାର ବେପାରୀଙ୍କ ବିରୋଧରେ ଭଲଭାବେ ମତାଇ ସାରିଥାନ୍ତି । ତେବେ ସମସ୍ତେ ମୋହନକୁ ପସନ୍ଦ କଲେ । କାରଣ ସେଇ ବେପାରୀଙ୍କ ପାଖରେ ବନ୍ଧୁକ ଥିଲା । କାଳେ ସେମାନେ ଫୁଟେଇଦେବେ ସେଇ ଭୟରେ ସେମାନେ ସୁଭାଷ କଥାରେ ପଡ଼ିଲେ ନାହିଁ । କହିଲେ- ଚାଲ ବେପାରୀଙ୍କୁ ଭଲରେ ବୁଝାଇ କହିବା, କହିଲେ ସେମାନେ ଛାଡ଼ି ପଳେଇବେ ।

ଏଥିରେ ସମସ୍ତେ ରାଜି ହେଲେ । ମୋହନ ସହିତ ମିଶି ସେହି ବାହାର ବେପାରୀଙ୍କୁ ଆମ ଘର ଛାଡ଼, ଆମ ଘର ଛାଡ଼, ଆମ ଘର ଛାଡ଼ ବୋଲି ଦିନରାତି ନେହୁରା ହେବାକୁ ଲାଗିଲେ । ତଥାପି ସେଇ ବେପାରୀମାନେ ଏଇମାନଙ୍କୁ ଟଣାଘୋଷଣା କରିବାକୁ ପଛାଇଲେ ନାହିଁ । ଏମିତି କିଛିଦିନ ସ୍ଲୋଗାନ ଦେଇ ଦେଇ ବେପାରୀଙ୍କଠୁ ମାଡ଼ଗାଳି ଗୋଇଠା ଖାଇବା ପରେ ସେଇ ବେପାରୀମାନେ ଦିନେ ଭରତବାବୁଙ୍କ ଘର ଛାଡ଼ି ନିଜ ଗାଁକୁ ପଳାଇଲେ ।

ଏବେ ଚାରିଆଡ଼େ ଖୁସିର ଜୁଆର । ଭରତବାବୁଙ୍କ ଗାଁଲୋକେ ଏତେ ଖୁସି ହୋଇଗଲେ ଯେ ଗୀତ ଫାନ୍ଦି ଗାଇବାରେ ଲାଗିଲେ । ଜୟହେ। ଜୟହେ। କହି ଭରତବାବୁଙ୍କର ପ୍ରଶଂସା କଲେ, ତାଙ୍କୁ ମହାନ ଲୋକ ବୋଲି କହିଲେ । ରଙ୍ଗିନ ପତାକା ତିଆରି କରି ଉଡ଼େଇଲେ । ସେଇ ପତାକା ତଳେ ଠିଆ ହୋଇ ଗୀତ ଗାଇଲେ ।

**ଆମ ଘରେ ଏବେ ଆମେ ରହିବୁ,**
**ତୁମ ଜୟଗାନ ଆମେ କରିବୁ,**
**ଆମ ଘର ଏବେ ଆମ ପାଖରେ**
**ନିଆରା ଏଥାନ ସାରା ସଂସାରେ ।**

ଏବେ ସେଇ ବିଶାଳ ପ୍ରାସାଦ ଭରତବାବୁଙ୍କ କବ୍‌ଜାକୁ ଆସିବା ପରେ ପୁରୁଣା କର୍ମଚାରୀମାନଙ୍କୁ ପୁନରାୟ ଥଇଥାନ କରାଗଲା । କିଏ ଚାକିରି କଲା ତ ଆଉ କିଏ ବେପାର କଲା । ଭରତବାବୁ ପୁରୁଣା ଉଆସର ରିମଡେଲିଂ କରି ଆଉ ବେଶି ବଖରା ରଖିଲେନି । ୨୦-୩୦ଟି ବଖରା ରଖିଲେ । ଗୋଟିଏ ବଡ଼ ହଲ୍ ଘରେ ନିଜେ ରହି ସେଇଠି ଥାଇ ସମସ୍ତଙ୍କ ଉପରେ ଦୃଷ୍ଟି ରଖିଲେ ।

ଏମିତି ବେଶ୍ କିଛିବର୍ଷ ଯିବା ପରେ ଏଇ ଗୀତ ଗାଉଥିବା ଲୋକମାନଙ୍କର ପୁଣି ବିକୃତି ଆରମ୍ଭ ହେଲା । ସେମାନେ ପରସ୍ପର ବିରୋଧରେ ଲାଗିପଡ଼ିଲେ । ଭରତବାବୁଙ୍କ ଘରେ ଥିବା ଜିନିଷ ଲୁଟିବାକୁ ଲାଗିଲେ । ଏଇ ସୁଯୋଗରେ କିଛି ବେପାରୀ ଭଲ ମୁନାଫା କମାଇଲେ । ତଥାପି ଗୋଟିଏ ଶାନ୍ତି ଯେ ସେମାନେ ନିଜ ଜିନିଷ ନିଜେ ଲୁଟୁଛନ୍ତି । ବାହାର ଲୋକ ଆସି ନେବାର ସୁଯୋଗ ପାଉନାହାନ୍ତି । ଏଇ କଥାକୁ ମନରେ ରଖି ସମସ୍ତେ ନିଜ ନିଜର ଧନ ସମ୍ପତ୍ତି ବଢ଼ାଇବାକୁ ଲାଗିଲେ ।

ସେତେବେଳେ ବାହାର ବେପାରୀ ଲୁଟୁଥିଲେ, ଏବେ ଭରତବାବୁଙ୍କ ଘରେ ଥାଇ ବେପାର କରୁଥିବା କିଛି ଲୋକ ଭରତବାବୁଙ୍କୁ ଲୁଟିବାରେ ଲାଗିଲେ । ତଥାପି ସମସ୍ତେ ମିଶି ଆମ ଭରତ ବାବୁ ଭାରି ମହାନ, ତାଙ୍କର ଜୟ ହୋ, ଜୟ ହୋ, ଜୟ ହୋ ବୋଲି ସ୍ଲୋଗାନ ଦେବାକୁ ଲାଗିଲେ । ଆଉ କିଛି ଲୋକ ଦିନକୁ ଦିନ ଧନୀ ହେବାକୁ ଲାଗିଲେ । ଅନ୍ୟମାନେ ସେମାନଙ୍କୁ ଜଳକା ଆଖିରେ ଚାହିଁ ରହିଲେ ।

ଉପରୋକ୍ତ ଗଳ୍ପଟି ସମ୍ପୂର୍ଣ୍ଣ କାଳ୍ପନିକ । ତେଣୁ ଏହା ସହିତ ଯଦି କୌଣସି ସ୍ଥାନ, କାଳ, ପାତ୍ରର ସାମଞ୍ଜସ୍ୟ ଥାଏ ତେବେ ତାହା ସମ୍ପୂର୍ଣ୍ଣ କାକତାଳୀୟ ।

# ଆମ ସମ୍ବିଧାନ, ଆତ୍ମବଳୀଦାନର ଅନୁଚିନ୍ତା

■ଡ. ଅରୁନ୍ଧତୀ ଦେବୀ■

ପିଲମାନେ ଆଜି ହେଉଛି ସାଧାରଣତନ୍ତ୍ର ଦିବସ । ତୁମ୍ଭେମାନେ ଏହି ଦିବସଟିକୁ ଭଲ ଭାବେ ଜାଣିଛ ଆଉ ଆମେ ସମସ୍ତେ ଏହି ଦିନଟିକୁ ଆମ ବିଦ୍ୟାଳୟରେ ଭାବ ଗମ୍ଭୀର ଓ ବଳୀଦାନକୁ ସ୍ମରଣ ପୂର୍ବକ ପାଳନ କରିଥାଉ । ଦୀର୍ଘ ଦୁଇଶହ ବର୍ଷର ଇଂରେଜ ଶାସନର ଉତ୍ପୀଡ଼ନ ପରେ ଭାରତରେ ଉଦିତ ହେଲା ସ୍ୱାଧୀନତାର ନବୀନ ପ୍ରଭାତର ସୂର୍ଯ୍ୟ। ଶତ ଆନ୍ଦୋଳନ ଓ ଆତ୍ମ ବଳିଦାନର ପ୍ରତୀକ ଆମର ସ୍ୱାଧୀନତା। ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ଆମ ଦେଶ ସ୍ୱାଧୀନ ହେବା ପରେ ଆମେ ଆମକୁ ଶାସନ କରିବାକୁ ଆମର ଏକ ନିଜସ୍ୱ ଖସଡ଼ା ପ୍ରସ୍ତୁତ କଲୁ। ତାକୁ ଆମ ଦେଶର ସମ୍ବିଧାନ ବୋଲି କୁହାଗଲା। ୧୯୫୦ ମସିହା ଜାନୁଆରୀ ୨୬ ତାରିଖରେ ଆମ ସମ୍ବିଧାନ କାର୍ଯ୍ୟକାରୀ ହୋଇଥିଲା। ଡକ୍ଟର ବି.ଆର୍.ଆମ୍ବେଦକର ଥିଲେ ଆମ ସମ୍ବିଧାନର ପ୍ରଣେତା। ଆଉ ଆଜି ଆମେ ଗର୍ବର ସହିତ କହିପାରୁଛେ ଯେ, ଆମେ ଭାରତୀୟ। ଆମ ସମ୍ବିଧାନିକ ବ୍ୟବସ୍ଥାରେ ଆମ ଅଧିକାର ଠାରୁ ଆରମ୍ଭ କରି ଦେଶ ଶାସନ ପର୍ଯ୍ୟନ୍ତ ପ୍ରତ୍ୟେକ ବିଷୟ ଉଲ୍ଲେଖ ରହିଛି । ଆବଶ୍ୟକ ସ୍ଥଳେ ଜନଗଣ ଓ ଦେଶର ସ୍ୱାର୍ଥ ଦୃଷ୍ଟିରୁ ଆମ ସମ୍ବିଧାନରେ ଅନେକ ସଂଶୋଧନ ମଧ୍ୟ ହୋଇଛି।

ସମ୍ବିଧାନ ଏପରି ଏକ ଶବ୍ଦ ଯେଉଁଠି ଅନ୍ୟ ଯେକୌଣସି ଶବ୍ଦର ଗୁରୁତ୍ୱ ମଧ୍ୟ ଫିକା ପଡ଼ିଯାଇଥାଏ। ସବୁକିଛି ଉପରେ ସମ୍ବିଧାନକୁ ସ୍ଥାନ ଦିଆଯାଇଛି। ସମ୍ବିଧାନ କହିଲେ କେତେକ ଆବଶ୍ୟକୀୟ ତଥା ଗୁରୁତ୍ୱପୂର୍ଣ୍ଣ ନିୟମାବଳୀ, ଯେଉଁଥିରେ ସମ୍ପୂର୍ଣ୍ଣ ଦେଶ ପରିଚାଳିତ ହୋଇଥାଏ। ଦେଶର ସମ୍ବିଧାନରେ ଉଲ୍ଲେଖ କରାଯାଇଥିବା ପ୍ରତ୍ୟେକ ନିୟମକୁ ସେହି ଦେଶର ବ୍ୟକ୍ତିବିଶେଷଙ୍କୁ ମାନିବାକୁ ହୋଇଥାଏ। ଦେଶର ସାଧାରଣଲୋକଙ୍କ ସୁରକ୍ଷା, ଅଧିକାର ଏବଂ କର୍ତ୍ତବ୍ୟ ପ୍ରତି ସେଠାକାର ସମ୍ବିଧାନ ସର୍ବଦା ଯତ୍ନବାନ ରହିଥାଏ । ସମ୍ପୂର୍ଣ୍ଣ ଗଣତନ୍ତ୍ର ପ୍ରକ୍ରିୟା ଏବଂ ଏହାର ୪ଟି ସ୍ତମ୍ଭ ମଧ୍ୟ ସମ୍ବିଧାନ ଅନ୍ତର୍ଗତ। ଇତିହାସ କହେ ଯେ ଯେଉଁ ଦେଶରେ ନିଜ ସମ୍ବିଧାନକୁ ଗୁରୁତ୍ୱ ଦିଆଯାଇ ଶାସନ ବ୍ୟବସ୍ଥା ପରିଚାଳିତ କରାଯାଇଛି ସେ ଦେଶ ସେତେ ବିକଶିତ, ଉନ୍ନତ ଓ ସଭ୍ୟ ରାଷ୍ଟ୍ର ଭାବେ ଖ୍ୟାତି ଲାଭ କରିଛି। ସମ୍ବିଧାନ ନଥିଲେ ଦେଶର ସବୁଆଡ଼େ ବିଶୃଙ୍ଖଳା, ଅରାଜକତା, ହିଂସା, ବିଦ୍ୱେଷ, ଦୁଷ୍କର୍ମ, ଚୋରି, ଡକାୟତି, ହତ୍ୟା ଆଦି ଅପରାଧ ବ୍ୟାପିଯିବ। କେହି କହିବାକୁ ମାନିବା ତ ଦୂରର କଥା, କାହା କଥା ମଧ୍ୟ କେହି ଶୁଣିବେନି। ଦୁର୍ବଳ ଉପରେ ସବଳର ଅତ୍ୟାଚାର ବଢ଼ିଯିବ। ଗରିବ ଆହୁରି ଗରିବ ହୋଇଯିବ ଏବଂ ଧନୀ ଆହୁରି ଧନୀ। ଦେଶ ଆଉ ଦେଶ ହୋଇ ରହିବ ନାହିଁ, ଏକ ଅପରାଧ ପୃଷ୍ଠଭୂମି ପାଲଟିଯିବ। ମାତ୍ର ସମ୍ବିଧାନ ଏସବୁକୁ ରୋକିବା ପାଇଁ ଗୋଟିଏ ମାତ୍ର ବାଟ। ସମ୍ବିଧାନ ଅନୁଯାୟୀ ପ୍ରତ୍ୟେକ ମଣିଷର ଏ ସମାଜରେ ନିଜ ହିସାବରେ ମୁଣ୍ଡ ଟେକି ବାଟ ଚାଲିବାର ଏବଂ ବଞ୍ଚିବାର ଅଧିକାର ରହିଛି। ଏହା ମଣିଷର ଜନ୍ମସିଦ୍ଧ ଅଧିକାର ବୋଲି ସମ୍ବିଧାନ କହିଛି। ତେଣୁ ଏହାକୁ କେହି ରୋକିପାରିବେ ନାହିଁ। ଅନ୍ୟ ଅର୍ଥରେ କହିଲେ ସମ୍ବିଧାନ ବ୍ୟକ୍ତିକୁ ନିଜ ଦେଶରେ ସୁରକ୍ଷା ଦେଇଥାଏ। ଏକ ସୁସ୍ଥ ସମାଜଭିକ ଦେଶରେ ଶାନ୍ତିରେ ନିଃଶ୍ୱାସ ପ୍ରଶ୍ୱାସ ନେବାକୁ ହେଲେ ଏକ ସୁସ୍ଥ ସମ୍ବିଧାନର ଆବଶ୍ୟକତା ରହିଛି । ତେବେ ଆମେ ନିଜକୁ ଭାଗ୍ୟବାନ ମନେ କରିବା ଉଚିତ ଯେ ଆମେ ଏପରି ଏକ ଦେଶରେ ନାଗରିକ ଯେଉଁ ଦେଶର ସମ୍ବିଧାନ ବିଶ୍ୱର ଏକ ଶକ୍ତିଶାଳୀ ସମ୍ବିଧାନ ଭାବେ ମାନ୍ୟତା ପାଇଛି। ପିଲାମାନେ ତୁମେ ତୁମ ଭାରତ ମାତାକୁ ତୁମେ ତୁମ ସମ୍ବିଧାନକୁ ତୁମେ ତୁମ ସମାଜକୁ ସର୍ବୋପରି ତୁମ ପିତାମାତା ଓ ତୁମ ବିଦ୍ୟାଳୟକୁ ଏହିପରି ଏକ ସ୍ମରଣୀୟ ଦିନରେ ମନେପକାଇବା ଉଚିତ।

ଦେଶରେ ଶାସନ ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ହେଲେ ଏକ ବିଧିବଦ୍ଧ ଆଇନ ବ୍ୟବସ୍ଥା ତଥା ସମ୍ବିଧାନର ଆବଶ୍ୟକତା ରହିଛି ବୋଲି ମାନବେନ୍ଦ୍ରନାଥ ରୟ ସର୍ବ ପ୍ରଥମେ ଚିନ୍ତା କରିଥିଲେ। ୧୮୮୭ରେ କଲିକତାର ଆରବେଲିଆ ଅଞ୍ଚଳର ଏକ ବ୍ରାହ୍ମଣ ପରିବାରରେ ଜନ୍ମ ଗ୍ରହଣ କରିଥିବା ମାନବେନ୍ଦ୍ରନାଥ ପ୍ରଥମେ କମ୍ୟୁନିଷ୍ଟ ଚିନ୍ତାଧାରାରେ ବିଶ୍ୱାସ ରଖୁଥିଲେ। ପରେ ସେ ବଙ୍କିମ ଚନ୍ଦ୍ର ଚଟ୍ଟୋପାଧ୍ୟାୟ ଏବଂ ସ୍ୱାମୀ ବିବେକାନନ୍ଦଙ୍କ ଲେଖାରେ ପ୍ରଭାବିତ ହୋଇଥିଲେ। ଦେଶରେ କିପରି ଏକ ସୁଶାସନ ବ୍ୟବସ୍ଥା ପ୍ରଚଳନ କରାଯିବ ସେ ନେଇ ଦିନ ରାତି ଭାବିବାକୁ ଲାଗିଲେ। ପରେ ଏହାକୁ ଏକ ଲିଖିତ ତଥା ଚରିତାର୍ଥ ରୂପ ଦେଇଥିଲେ ବି.ଆର. ଆମ୍ବେଦକର। ସେତେବେଳେ ଦେଶର ଜଣେ ଆଇନ ବିଶାରଦ ତଥା ଜଣେ ପ୍ରମୁଖ ଚିନ୍ତାଶୀଳ ବ୍ୟକ୍ତି ଭାବେ ବି.ଆର.ଆମ୍ବେଦକରଙ୍କ ଖ୍ୟାତି ଦେଶ ତଥା ଦେଶ ବାହାରେ ରହିଥିଲା। ୧୮୫୭ରୁ ୧୯୪୭ ପର୍ଯ୍ୟନ୍ତ ଦେଶରେ ଚାଲିଥିବା ବ୍ରିଟିଶ ଶାସନ ଅମଳରେ ଯେଉଁ ଯେଉଁ ନିୟମରେ ଦେଶ ପରିଚାଳିତ ହେଉଥିଲା ଏସବୁକୁ ଆମ୍ବେଦକର ନିଜ ରଚିତ ସମ୍ବିଧାନରେ ସ୍ଥାନ ଦେଇଥିଲେ। କେବଳ ସେତିକି ନୁହେଁ ଯୁକ୍ତ ରାଷ୍ଟ୍ର ଆମେରିକା, ଅଷ୍ଟ୍ରେଲିଆ, ଫ୍ରାନ୍ସ, କାନାଡ଼ା, ସୋଭିଏତ ୟୁନିଅନ ଆଦି ଦେଶର ନିୟମକୁ ମଧ୍ୟ ଭାରତୀୟ ସମ୍ବିଧାନରେ ସେ ପ୍ରଣୟନ କଲେ। ୧୯୪୯, ନଭେମ୍ବର ୨୬ ତାରିଖରେ ଏହାକୁ ସ୍ୱାଧୀନ ଭାରତର ସଂସଦରେ ଉପସ୍ଥାପନ କରାଯାଇଥିଲା। ଆଜିର ଦିନରେ ଭାରତର ସମ୍ବିଧାନ ବିଶ୍ୱର ସର୍ବଦୀର୍ଘ, ସର୍ବୋତ୍ତମ ଏବଂ ସର୍ବଶ୍ରେଷ୍ଠ ସମ୍ବିଧାନର ମାନ୍ୟତା ପାଇଛି। ୧୯୫୦ ଜାନୁଆରୀ ୨୬ ତାରିଖରେ ଏହାକୁ ଦେଶରେ କାର୍ଯ୍ୟକାରୀ କରାଯାଇଥିଲା। ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହରୁ ଏଥିରେ ଦସ୍ତଖତ କରି ଏହାକୁ ଗୃହୀତ କରିଥିଲେ ।

ପିଲାମାନେ ସାଧାରଣତନ୍ତ୍ର ଦିବସକୁ କେବଳ ବିଦ୍ୟାଳୟରେ ପାଳନ କରାଯାଉଥିବା ଏକ ଦିନଟିଏ ବୋଲି ଭାବିବ ନାହିଁ। ଏହି ଦିନର ଗୁରୁତ୍ୱ ଅତ୍ୟନ୍ତ ସ୍ମରଣୀୟ। ସମାଜ ପ୍ରତି ତୁମର ଉତ୍ତରଦାୟିତ୍ୱ ରହିଛି। ତୁମ ପିତାମାତାଙ୍କ ପ୍ରତି ତୁମର କର୍ତ୍ତବ୍ୟ ରହିଛି, ତୁମ ବିଦ୍ୟାଳୟ ପ୍ରତି ତୁମର ଦାୟିତ୍ୱ ମଧ୍ୟ ରହିଛି। ଯେଉଁ ସମାଜ ତୁମକୁ ସବୁକିଛି ଶିକ୍ଷା ଦେଇଛି ସେ ସମାଜ ପ୍ରତି ତୁମର ଯେଉଁ ଦାୟିତ୍ୱବୋଧ ତାହାକୁ ତୁମେ କେବେ ଭୁଲିବ ନାହିଁ। ଆମ ସମ୍ବିଧାନ ପାଇଁ ଆଜିର ଦିନଟି ସମ୍ମାନ, ଗର୍ବ ଓ ଗୌରବର ଦିବସଟି ଏହି ଚେତନା ଆମ ଜୀବନକୁ ସତ୍ କର୍ମର ଭାବନା ଗ୍ରହଣ କରି ଦେଶ ମାତୃକାର ସେବା ପାଇଁ ଉତ୍ସର୍ଗୀକୃତ ଗଢ଼ିତୋଳୁ ।

ମୋ. : ୯୯୩୭୧୭୨୮୧୦


ଭଗବାନଙ୍କୁ ସାଥି କରିନେଲେ ଭୟ ଦୂରେଇଯାଏ...
ସତ କହିବାକୁ କିଆଁ ଡରିବି

ମହାଶୟ,

'କରି କରାଉଥାଏ ମୁହିଁ, ମୋ ବିନୁ ଅନ୍ୟ ଗତି ନାହିଁ' । ଉତ୍ତମ ଲେଖା ।

**ନୀଳମୋହନ ତ୍ରିପାଠୀ,**
ଅବସରପ୍ରାପ୍ତ ପୋଲିସ ଅଧିକାରୀ, ଭୁବନେଶ୍ୱର

ମହାଶୟ,

ଆମ ଅଗୋଚରରେ ସମୟ ସମୟରେ ଏମିତି କିଛି ଘଟଣା ଘଟିଯାଏ, ଯାହାର କାରଣ ଖୋଜିବା ସାଧାରଣ ଲୋକଙ୍କ ପାଇଁ ଅସମ୍ଭବ ହୋଇପଡ଼େ । ନକାରାତ୍ମକ ଶକ୍ତିର ପ୍ରଭାବକୁ ରୋକିବା ପାଇଁ ଯଦି ସ୍ୱାଧୀ ରାସେଶ୍ୱରୀ ଦେବୀଙ୍କୁ ଯଜ୍ଞାନୁଷ୍ଠାନ କରିବାକୁ ପଡୁଥିଲା ତାହାଲେ ସେହି ଘରେ ଶ୍ରଦ୍ଧେୟ ଅମ୍ବିକାବାବୁ ଦୀର୍ଘ ପଚିଶ ବର୍ଷ କିପରି ନିର୍ଭିଘ୍ନରେ ରହି ପାରିଲେ ତାହା ଚିନ୍ତା କରିବାର ବିଷୟ । ମନର ମୂଳେ ଏ ଜଗତ । ମନ ଭଲ ଥିଲେ ଗଡ଼ିଆ ଗଙ୍ଗା । ଯେହେତୁ ସେ ଘରେ ବାସ କରିବା ବ୍ୟକ୍ତିଙ୍କ ମନ ସ୍ୱଚ୍ଛ ଥିଲା, ସେଠାରେ ଥିବା ନକାରାତ୍ମକ ଶକ୍ତି ସକାରାତ୍ମକ ଶକ୍ତିରେ ପରିବର୍ତ୍ତନ ହେବା କିଛି ବିଚିତ୍ର କଥା ନୁହେଁ ।

**କୈଳାସ ଚନ୍ଦ୍ର ସାମନ୍ତରାୟ**, ଅନ୍ତେଇ,ପାଟକୁରା

ମହାଶୟ,

ବହୁତ ସୁନ୍ଦର ପ୍ରସଙ୍ଗ ।

**ଆଶିଷ ପ୍ରିୟଦର୍ଶୀ**
**କେଉଁଝର**

ମହାଶୟ,

ପ୍ରବନ୍ଧଟି ସୁନ୍ଦର ହୋଇଛି।

**ସ୍ୱର୍ଣ୍ଣଲତା ମିଶ୍ର**
**ୟୁନିଟ୍-୬, ଭୁବନେଶ୍ୱର**

ମହାଶୟ,

ଲେଖାଟି ଖୁବ୍ ଭଲ ଲାଗିଲା।

**ନିର୍ମଳ ସାମଲ**
**ବରିଷ୍ଠ ସାମ୍ବାଦିକ, ଭୁବନେଶ୍ୱର**

# ସଦା ହସହସ, ପୁଣି ଫେରିଆସ



ଝିଙ୍କି ମହାକାଳି ଚକ୍କୁଳି

ସମରେନ୍ଦ୍ର ବଳିଆରସିଂହ

'ଜୀବନର ପଥେ ପାଦ ଥାପୁ ଥାପୁ, ସରି ସରି ଯାଏ ଦିନ।' ପଥ ଖୋଜେ ଯେଉଁ ପଥିକ ପାଦକୁ, ସେ ଏକା ସଂସାରେ ଧନ୍ୟ। ସେଦିନ କଟକ ମହାନଦୀ ବିହାର ଶ୍ରୀ ଶ୍ରୀ ରାଧାମୋହନ ଜୀଉ ମନ୍ଦିରରେ ପହଞ୍ଚିବା ପରେ ଫାଟକରେ ଦେଖିବାକୁ ମିଳିଥିଲା ଏଇ ଲେଖା । ସେ ଦିବଙ୍ଗତ, ହେଲେ ତାଙ୍କୁ ଖୋଜୁଛନ୍ତି ପ୍ରିୟପରିଜନ, ବନ୍ଧୁବାନ୍ଧବ ଓ ସାଙ୍ଗସାଥୀ । ପୁଣି ଫେରିଆସନ୍ତେ କି? ଏମିତି ଗୋଟେ ଚମତ୍କାରିତା ଘଟିଯାନ୍ତା କି ଏ ଧରାଧାମରେ! ସମସ୍ତେ ଜାଣନ୍ତି, ଯେ ଅଫେରା ପଥର ପଥିକ, ସେ ଆଉ ଲେଉଟିବେ ନାହିଁ । କାରଣ ଦେହାବସାନ ପରେ ମଣିଷ ଶରୀର ଅଣଲେଉଟା । ତେବେ ତାଙ୍କୁ ଝୁରୁଥିଲେ ସମସ୍ତେ, କାରଣ ସମସ୍ତଙ୍କୁ ସେ ପ୍ରିୟ କରିପାରିଥିଲେ, ନିଜର କରିନେଇଥିଲେ । ଜୀବନର ଚିରନ୍ତନ ସତ୍ୟକୁ କିଏବା ଟାଳିପାରିବ । ଶେଷରେ ସେଇ ଶାନ୍ତିର ମଣିଷ ଶାନ୍ତିର ଧାମକୁ ଚାଲିଗଲେ । ହଁ ପାଠକବନ୍ଧୁ, ସେ ଥିଲେ ଶାନ୍ତିଲତା ରାଉତରାୟ । କଟକ ଜିଲା ତୁଣ୍ଡୁପୁର ଗ୍ରାମର ବିଶିଷ୍ଟ ଶିକ୍ଷକ ତଥା ସରବରାକାର ବୃନ୍ଦାବନ ଚନ୍ଦ୍ର ଚୌଧୁରୀ ଓ ଉମାଦେବୀଙ୍କର କନ୍ୟା ଶାନ୍ତିଲତା ଥିଲେ ସପ୍ତମ ସନ୍ତାନ। ସେମାନେ ଚାରି ଭାଇ ଓ ଚାରି ଭଉଣୀ: ନରେଶ ଚନ୍ଦ୍ର ଚୌଧୁରୀ, ଚାରୁଲତା ଦେବୀ, ରମେଶ ଚନ୍ଦ୍ର ଚୌଧୁରୀ, ଡା. ଯୋଗେଶ ଚନ୍ଦ୍ର ଚୌଧୁରୀ, ଦିନମଣି ଦେବୀ, ଡା. ଉମେଶ ଚନ୍ଦ୍ର ଚୌଧୁରୀ, ଶାନ୍ତିଲତା ଦେବୀ ଓ ଶୈଳବାଳା ଦେବୀ । ଆଦର୍ଶ ପରିବାର । ସବୁ ଭାଇ ଭଉଣୀଙ୍କ ଭିତରେ ଥିଲା ଅନାବିଳ ସ୍ନେହ ସମ୍ପର୍କ । ଶାନ୍ତିଲତା ନିଜ ଗାଁ ତୁଣ୍ଡୁପୁରରେ ପ୍ରଥମରୁ ତୃତୀୟ ଯାଏଁ ପଢିଥିଲେ । ଏହାପରେ ଗୋପୀନାଥପୁରରେ ରାଣୀ ଅନ୍ନପୂର୍ଣ୍ଣା ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ପଢିଥିଲେ ଚତୁର୍ଥ ଓ ପଞ୍ଚମ । ଏହାପରେ ଷଷ୍ଠ ଓ ସପ୍ତମ ପଢିଥିଲେ ଗୋପୀନାଥପୁର ମଧ୍ୟଇଂରାଜୀ ବିଦ୍ୟାଳୟରେ । ସେ ମେଧାବୀ ଛାତ୍ରୀ ଥିଲେ । ତୃତୀୟ, ପଞ୍ଚମ, ସପ୍ତମ ବୃତ୍ତି ପାଇଥିଲେ । ବିଦ୍ୟାଳୟରେ ସେ ଥିଲେ ଶିକ୍ଷକମାନଙ୍କର ପ୍ରିୟ ଛାତ୍ରୀ । ଷଷ୍ଠ ଶ୍ରେଣୀରେ ପଢିଲାବେଳେ ସ୍କୁଲର ବାର୍ଷିକ ଉତ୍ସବରେ ଓଡ଼ିଆ ଚଳଚ୍ଚିତ୍ର ଶ୍ରୀଲୋକନାଥର ଏକ ଗୀତ 'ଆଜି ଆକାଶେ କି ରଙ୍ଗ ଲାଗିଲା' ଗାଇବା ସହ ନାଚିଥିଲେ । ତାଙ୍କର ପ୍ରଦର୍ଶନ ଥିଲା ଚମତ୍କାର । ଦର୍ଶକଙ୍କ କରତାଳିରେ ଉତ୍ସବସ୍ଥଳୀ କମ୍ପିଥିଲା ।

ଶାନ୍ତିଲତା ଥିଲେ ନିର୍ଭେଜାଲ ହସର ମଣିଷ, ରହୁଥିଲେ ସଦା ହସ ହସ । ହସ ଥିଲା ତାଙ୍କର ବ୍ରାଣ୍ଡ। ତାଙ୍କ ହସହସ ମୁହଁ ଓ ସରଳପଣ ଥିଲା ଗୋଟେ ସକରାତ୍ମକ ଶକ୍ତିର ଉତ୍ସ । ସାମାଜିକ ସଣ୍ଣାର ମଣିଷ ଥିଲେ ସେ । ଧର୍ମଧାରଣାରେ ପ୍ରଗାଢ଼ ବିଶ୍ୱାସୀ । ଆମ ଧର୍ମ, ପରମ୍ପରା, ସଂସ୍କୃତିର ସେ ଥିଲେ ବଡ଼ ଉପାସକ । କହୁଥିଲେ, ଜଣେ ଓଡ଼ିଆ ଭାବେ ଆମେ ଗର୍ବିତ । ଆମର ବାର ମାସରେ ତେର ପର୍ବ । ଆମେ ଶାନ୍ତିପ୍ରିୟ ଓଡ଼ିଆ। ଏସବୁ ଆମର ପରିଚୟ । ଶାନ୍ତିଲତା ଥିଲେ ଅତୀବ ସ୍ନେହୀ ମଣିଷ । ଅତିଥି ପରାୟଣା। ଅତିଥି ଅଭ୍ୟାଗତଙ୍କୁ ଛ' ତିଅଣ, ନ' ଭଜା କରି ପରଷି ଦେଉଥିଲେ । ଇଂ କ୍ଷୀରୋଦ ଚନ୍ଦ୍ର ରାଉତରାୟଙ୍କର ସେ ଥିଲେ ଧର୍ମପତ୍ନୀ । କନିଷ୍ଠ ଯନ୍ତ୍ରୀ ତଥା ପରବର୍ତ୍ତୀ ସମୟରେ ସହକାରୀ ଯନ୍ତ୍ରୀ ଭାବେ କ୍ଷୀରୋଦ ବାବୁ ଝାରପଡ଼ା, ରେଙ୍ଗାଲି, ରେଙ୍ଗାଲିବେଡ଼ା, ଧାମନଗର, ଜଗନ୍ନାଥପୁର, ପରଜଙ୍ଗ, ତାଳଚେର, କଟକ ଆଦି ସ୍ଥାନରେ ଚାକିରି କରିଥିଲେ। ସେହି ସମୟରେ ସରକାରୀ କାମରେ କ୍ୱାର୍ଟର୍ସକୁ ଆସୁଥିବା ବ୍ୟକ୍ତିବିଶେଷ ଶାନ୍ତିଲତାଙ୍କ ବ୍ୟବହାରରେ ମନ୍ତ୍ରମୁଗ୍ଧ ହେଉଥିଲେ। ଘର ପରିବାରର ଯତ୍ନ, ପିଲାମାନଙ୍କର ଲାଳନପାଳନ, ଶିକ୍ଷାଦୀକ୍ଷା ସବୁକଥା ସେ ବୁଝୁଥିଲେ । ପିଲାମାନଙ୍କୁ ମଣିଷ କରିବାରେ ତାଙ୍କର ବଳିଷ୍ଠ ଭୂମିକା ଥିଲା। ଇତିମଧ୍ୟରେ ସ୍ୱାମୀ ଇଂ କ୍ଷୀରୋଦ ଚନ୍ଦ୍ର ରାଉତରାୟ ୧୯୯୯ ମସିହାରେ ଅବସର ନେଲେ । କଟକ ଜିଲା ଟାଙ୍ଗୀ ବ୍ଲକ୍ ଅନ୍ତର୍ଗତ ସଫା ଗାଁ ଥିଲା ତାଙ୍କ ପୈତୃକ ଗ୍ରାମ । ତେବେ ଅବସର ପରେ କ୍ଷୀରୋଦ ବାବୁ ଧର୍ମପତ୍ନୀ ଶାନ୍ତିଲତା ଓ ପୁତ୍ର ମାନସ, କନ୍ୟା ମନସ୍ୱିନୀଙ୍କୁ ଧରି ମହାନଦୀବିହାରରେ ନିଜର ବାସସ୍ଥାନ କଲେ । ସିଟି ଇଂଜିନିଅର୍ସ କ୍ଲବର ସଦସ୍ୟ ତଥା ମହାନଦୀ ବିହାର ଡେଭଲପମେଣ୍ଟ କମିଟିର ସଦସ୍ୟ ଭାବେ ବିଭିନ୍ନ କାର୍ଯ୍ୟକ୍ରମର ରୂପରେଖ ତାଙ୍କ ଘରେ ପ୍ରସ୍ତୁତ ହୁଏ । ଏଥିପାଇଁ ବିଭିନ୍ନ ସମୟରେ ଆସୁଥିବା ଅତିଥିମାନଙ୍କୁ ଆଦର ଅଭ୍ୟର୍ଥନା ଦେବାରେ ହେଳା କରନ୍ତିନାହିଁ ଶାନ୍ତିଲତା । ପାଖପଡ଼ୋଶୀଙ୍କ ଭଲମନ୍ଦ ବୁଝୁଥିଲେ । ସମସ୍ତଙ୍କୁ ଆପଣାର କରିନେଇଥିଲେ ।

୨୦୧୧ ମସିହାରେ ଇଂ କ୍ଷୀରୋଦ ଚନ୍ଦ୍ର ରାଉତରାୟଙ୍କ ପରଲୋକ ହୋଇଯିବା ପରେ ପରିବାରକୁ ସମ୍ଭାଳି ଥିଲେ ଶାନ୍ତିଲତା । ଦୁର୍ଘଟଣାଜନିତ ଶାରୀରିକ ଅସୁସ୍ଥତା ଓ ଅନ୍ୟାନ୍ୟ ଅସୁସ୍ଥତା ତାଙ୍କୁ କଲବଲ କରିଥିଲା । ତେବେ ସେଇ ଯନ୍ତ୍ରଣା ଭିତରେ ସେ ନିଜକୁ ସମ୍ଭାଳି ଥିଲେ, ଘର ପରିବାରର ଯତ୍ନ ନେଇଥିଲେ। ଶେଷରେ ୨୦୨୬ ଜାନୁଆରୀ ୨ ତାରିଖରେ ସେ ଏ ଧରାଧାମରୁ ବିଦାୟ ନେଲେ । ୧୯୫୧ ଜାନୁଆରୀ ୧ ତାରିଖରେ ଜନ୍ମଗ୍ରହଣ କରିଥିବା ଶାନ୍ତିଲତା ରାଉତରାୟଙ୍କ ୭୪ ବର୍ଷ ବୟସର ଜୀବନପରିଧିର ପରିସମାପ୍ତି ହେଲା । ସେ ବ୍ରହ୍ମଲୀନ ହେଲେ । ଏମିତି ଦେଖିବାକୁ ଗଲେ, ତାଙ୍କ ପରିଚୟ ଥିଲା ଜଣେ ସାଧାରଣ ଗୃହିଣୀର । ତେବେ ସେଇ ସାଧାରଣ ଗୃହିଣୀର ଭୂମିକାରେ ଯେଉଁ ଅସାଧାରଣ ଗୁଣାବଳୀର ପରିପ୍ରକାଶ ହୋଇଥିଲା, ତାହା ତାଙ୍କୁ ଚିର ସ୍ମରଣୀୟ କରି ରଖିବ ।

*ବିଶ୍ୱାତ୍ମା, ଏମ୍-୨୩,*
*ବିଡିଏ କଲୋନୀ, ଖୋର୍ଦ୍ଧା*
*ଶୂନ୍ୟଭାଷ: ୮୨୪୯୬୭୯୦୯୯*

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ






**ଆମ ଦେଶ ଭାରତ, ତା'ର ସଭ୍ୟତା ଅତି ପ୍ରାଚୀନ । ଯାହାର ଉତ୍ତରରେ ହିମାଳୟ, ଦକ୍ଷିଣରେ ଭାରତ ମହାସାଗର, ପୂର୍ବ ଦିଗରେ ବଙ୍ଗୋପ ସାଗର (କଳିଙ୍ଗସାଗର) ପଶ୍ଚିମରେ ଆରବ ସାଗର, ହଜାର ହଜାର ବର୍ଷ ତଳେ ଏକ ସଭ୍ୟତା ମୁଣ୍ଡ ଟେକିଥିଲା । ଭାରତର ସିନ୍ଧୁନଦୀ କୂଳରେ ହଜାର ହଜାର ବର୍ଷ ତଳେ ଦ୍ରାବିଡ଼ ସଭ୍ୟତା ନାମରେ ଏକ ସଭ୍ୟତା ଗଡ଼ି ଉଠିଥିଲା । ଭାରତବର୍ଷର ବୈଭବ, ସଭ୍ୟତା ଓ ସଂକୃତିରେ ଆକୃଷ୍ଟ ହୋଇ ବହୁ ବର୍ଷ ତଳେ ମଧ୍ୟ ଏସିଆରୁ ଦଳ ଦଳ ଆର୍ଯ୍ୟ ଭାରତ ଭିତରକୁ ପଶି ଆସିଲେ । ଉଭୟଙ୍କ ମଧ୍ୟରେ ଯୁଦ୍ଧ ହେଲା ପରେ ମିଳିମିଶି ଚଳିଲେ, ଫଳରେ ଏକ ନୂତନ ସଭ୍ୟତା ଗଡ଼ି ଉଠିଲା ।**

# ଇତିହାସରେ ଆମ ଶାସନ ଓ ସ୍ୱାଧୀନତା




ଭାରତକୁ ଆକ୍ରମଣ କଲେ ପାରସ୍ୟର ରାଜା ସାଇରସ୍ ଓ ତାଙ୍କର ପୁଅ ଡ଼େରାୟସ । ସେମାନେ ଭାରତର ଶାସନ ବେଶି ଦିନ ରଖି ପାରିଲେ ନାହିଁ । କେତେକ ପାରସ୍ୟିକ ଭାରତରେ ରହିଗଲେ । ଏହା ପରେ ଗ୍ରୀକ୍ ବୀର ଆଲେକଜାଣ୍ଡାର ଭାରତ ଆକ୍ରମଣ କଲେ । ଭାରତ କୁ ବେଶିଦିନ ହାତରେ ରଖି ପାରି ନ ଥିଲେ । କିଛି ଗ୍ରୀକ୍ ଭାରତୀୟଙ୍କ ସହିତ ରହି ମିଳିମିଶି ଚଳିଲେ । ତାପରେ ଆମ ଦେଶ କିଛି ଭାରତୀୟ ଓ ବିଦେଶୀ ମାନଙ୍କ ଦ୍ୱାରା ଶାସନ ହେଲା ଯଥା– ଶକ୍, ପଲ୍ଲବ, ଇଉଚି, ହୁଣ, କୃଶାଣ, ଗୁର୍ଜ୍ଜର ଓ ତାତାରମାନଙ୍କ ଦ୍ୱାରା ପରେ ଆରବୀୟମାନେ ଆସିଲେ । ତୁର୍କୀ ଓ ଘୋର ବଂଶଜ ମୁସଲମାନ ମାନେ ଆସି ଭାରତ କୁ ଦଖଲ କରି ଶାସନ କଲେ ଓ ରହିଗଲେ । ତାପରେ କାବୁଲରୁ ମୋଗଲମାନେ ଆସି ଭାରତକୁ ଅଧିକାର କରି ଶାସନ ଚଳାଇଲେ । ସେମାନେ ଭାରତକୁ ଭଲପାଇ ଭାରତରେ ରହିଗଲେ ।


THE REPUBLIC OF INDIA
26th January 1950
WE, THE PEOPLE OF INDIA, having solemnly resolved to constitute India into a SOVEREIGN DEMOCRATIC REPUBLIC and to secure to all its citizens:
JUSTICE, social, economic and political;
LIBERTY of thought, expression, belief, faith and worship;
EQUALITY of status and of opportunity; and to promote among them all
FRATERNITY assuring the dignity of the individual and the unity of the Nation;
IN OUR CONSTITUENT ASSEMBLY DO HEREBY ADOPT, ENACT AND GIVE TO OURSELVES THIS CONSTITUTION.

ଏହାପରେ ଭାରତକୁ ଇଉରୋପରୁ ଆସିଲେ ପର୍ତ୍ତୁଗୀଜ, ଓଲନ୍ଦାଜ, ଦିନାମାର, ଫରାସି ଓ ଇଂରେଜମାନେ, ସେମାନେ ବାଣିଜ୍ୟ କରିବାକୁ ଆସି ନିଜ ନିଜ ଭିତରେ ପ୍ରତିଯୋଗିତା ଆରମ୍ଭ କରି ଦେଲେ । ପର୍ତ୍ତୁଗୀଜମାନଙ୍କ ହାତରେ ରହିଗଲା ଗୋଆ, ଦାମନ ଓ ଡ଼ିଉ । ଫରାସୀମାନଙ୍କ ହାତରେ ରହିଗଲା ପଣ୍ଡିଚେରୀ, ମାହେ ଓ ଚନ୍ଦନ ନଗର, ଇଂରେଜ ମାନଙ୍କ ହାତରେ ରହିଲା ମାନ୍ଦ୍ରାଜ, ବମ୍ବେ ଓ କଲିକଟ୍ ।

ଇଂରେଜମାନେ ଇଷ୍ଟଇଣ୍ଡିଆ କମ୍ପାନୀ ଗଠନ କରି ବାଣିଜ୍ୟ କରୁକରୁ ରାଜନୀତରେ ପଶିଲେ । ସେତେବେଳେ ଭାରତରେ ବହୁତ ରାଜା ଓ ନବାବ୍ ଥିଲେ ।ସେମାନଙ୍କ ମଧ୍ୟରେ ଏକତା ନ ଥିଲା । ଏହି ସୁଯୋଗରେ ଇଂରେଜମାନେ ବଙ୍ଗଳାର କାଳିଘାଟ, ସୁତାନଟୀ ଓ ଗୋବିନ୍ଦପୁର ଠାରେ ବାଣିଜ୍ୟ କୋଠି ତିଆରୀ କଲେ । ସେହି ଗାଆଁ ତିନୋଟିକୁ କଲିକତା ନାମ ଦେଇ ସେଠାରେ ଏକ ଦୁର୍ଗ ତିଆରି କରି ନାମ ଦେଲେ ଫୋର୍ଟ ଇଉଲିୟମ ।

ବଙ୍ଗର ନବାବ ସିରାଜଦ୍ଦୌଲା ଇଂରେଜମାନଙ୍କୁ ତଡ଼ିବାକୁ ଲାଗିଲେ ଫଳରେ ଉଭୟଙ୍କ ମଧ୍ୟରେ ପଲାସୀ ଠାରେ ଯୁଦ୍ଧ ହେଲା । ସେନାପତି ମିରର୍ଜଫରଙ୍କ ବିଶ୍ୱାସଘାତକତା ଯୋଗୁ ବଙ୍ଗର ନବାବ ପରାସ୍ତ ହେଲେ ଓ ମିରର୍ଜାଫରଙ୍କ ପୁଅ ଦ୍ୱାରା ନିହତ ହେଲେ । ଇଂରେଜ ମାନଙ୍କ ସହାୟତାରେ ମିରର୍ଜଫର ବଙ୍ଗର ନବାବ ହେଲେ, ପରେ ଅଧିକ ଧନ ଲୋଭରେ ଇଂରେଜ ମାନେ ମିରର୍ଜାଫରଙ୍କୁ ଗାଦିରୁ ହଟାଇ ମିର୍‌କାଶିମ୍‌କୁ ବଙ୍ଗଳା ର ନବାବ କଲେ । ମିରକାଶିମ୍ ଇଂରେଜ ମାନଙ୍କୁ ମାନିଲେ ନାହିଁ । ଭାରତୀୟ ବଣିକମାନଙ୍କୁ ଇଂରେଜ ମାନଙ୍କ ସହିତ ଅଧିକାର ଦେଲେ । ତେଣୁ ଇଂରେଜମାନେ ମିରକାଶିମ୍‌ଙ୍କୁ ଆକ୍ରମଣ କଲେ । ମିର୍‌କାଶିମ୍ ପଳେଇ ଯାଇଁ ଅଯୋଧ୍ୟାର ନବାବ ସୁଜାଉଦ୍ଦୌଲା ଓ ଦିଲ୍ଲୀ ସମ୍ରାଟ ଶାହା ଆଲମ ଙ୍କ ସାହାର୍ଯ୍ୟ ଲୋଡ଼ିଲେ । ତିନି ଶକ୍ତି ମାନଙ୍କ ବକ୍ସାର ଠାରେ ଇଂରେଜ ମାନଙ୍କ ଦ୍ୱାରା ପ୍ରରାସ୍ତ ହେଲେ ଓ ମିରର୍କାଶିମ୍ ନିହତ ହେଲେ ବଙ୍ଗଳା ଇଂରେଜମାନଙ୍କ ହାତକୁ ଗଲା । ସୁଜାଉଦ୍ଦୌଲା ଓ ଶାହା ଆଲମ ଇଂରେଜମାନଙ୍କ ଶରଣ ପଶିଲେ । ତେଣୁ ଅଯୋଧ୍ୟା ଓ ଦିଲ୍ଲୀରେ ଇଂରେଜମାନଙ୍କ କ୍ଷମତା ବୃଦ୍ଧି ପାଇଲା । ମହୀଶୂରର ନବାବ୍ ହାଇଦର ଅଲ୍ଲି ଓ ତାଙ୍କ ପୁଅ ଟିପୁ ସୁଲତାନ ଇଂରେଜମାନଙ୍କ ସହିତ ଯୁଦ୍ଧ ଚଳାଇଲେ । ଶେଷରେ ଟିପୁ ନିହତ ହେଲେ । ମହୀଶୂର ଇଂରେଜ ମାନଙ୍କ ହାତକୁ ଗଲା ।

ଇଂରେଜ ମାନେ ଗୋଟି ଚାଳନା କରି ଭାରତବର୍ଷର ଗୋଟିଏ ପରେ ଗୋଟିଏ ରାଜ୍ୟ ଅଧିକାର କରି ନେଲେ । ୧୮୦୩ ମସିହାରେ ଇଂରେଜମାନେ ଓଡ଼ିଶା ଅଧିକାର କରି ନେଲେ । ୧୮୧୭ ମସିହାରେ ଆରମ୍ଭ ହେଲା ପାଇକ୍ ବିଦ୍ରୋହ । ପାଇକମାନଙ୍କର ସେନାପତି ଥିଲେ ବକ୍ସି ଜଗବନ୍ଧୁ ବିଦ୍ୟାଧର ମହାପାତ୍ର ଓ ଜୟକୃଷ୍ଣ ରାଜଗୁରୁ । ଏମାନେ ଇଂରେଜ ଶାସନକୁ ଦୂର କରି ଦେଇଥିଲେ । ପରେ ଇଂରେଜମାନେ ପାଇକ ବିଦୋହକୁ ଦମନ କରି ଦେଲେ ।



ଇଂରେଜ ବଡ଼ଲାଟ ଲର୍ଡ଼ ଡ଼େଲହାଉଣ୍ଡାସି ଏକ ନୂଆ ଆଇନ୍ ଘୋଷଣା କଲେ ଫଳରେ କୌଣସି ଭାରତୀୟ ରାଜା ପୋଷ୍ୟପୁତ୍ର ଗ୍ରହଣ କରି ପାରିବେ ନାହିଁ । ତେଣୁ ରାଣୀ ଲକ୍ଷ୍ମୀବାଇ ଅଯୋଧ୍ୟାର ନବାବ୍ ଓ ପୁନାର ପେଶବା ନାନା ସାହେବ ରାଜ୍ୟ ହରା ହେଲେ। ଇଂରେଜ ମାନଙ୍କ ବିରୁଦ୍ଧରେ ଭାରତର ବହୁ ରାଜା ମିଳିତ ହୋଇ ସଂଗ୍ରାମ ଆରମ୍ଭ କରି ଦେଲେ । ଏମାନେ ହେଲେ ପୁନାର ପେଶବା ନାନା ସାହେବ, ରାଜା କନ୍‌ୱାର ସିଂହ, ସମ୍ବଲପୁର ର ବୀର ସୁରେନ୍ଦ୍ର ସାଏ, ରାଣୀ ଲକ୍ଷ୍ମୀବାଇ, ମରହଟ୍ଟା ବୀର ରାଓ ସାହେବ, ତାନ୍ତିଆ ତୋପି ଓ ପୁରୀ ପଣ୍ଡା ଚନ୍ଦନ ହଜୁରୀ ।

ଏହି ସମୟରେ ଏନ୍‌ଫିଲଡ଼ ବନ୍ଧୁକର ଟୋଟାକୁ ଦାନ୍ତରେ ଛିଣ୍ଡାଇ ମାରିବାକୁ ପଡୁଥିଲା । ଏହି ଟୋଟାରେ ଗୋରୁ ଓ ଘୁଷୁରୀ ଚର୍ବି ଲାଗିଥିଲା । ଫଳରେ ଧର୍ମ ଯିବା ଭୟରେ ହିନ୍ଦୁ ଓ ମୁସଲମାନ ସିପାହୀ ମାନେ ବିଦ୍ରୋହ କରି ଉଠିଲେ, ବାରାକପୁର ଠାରେ ସିପାହୀ ମଙ୍ଗଳ ପାଣ୍ଡେ ଗୋରା ଅଫିସରକୁ ଗୁଳି କରି ମାରି ଦେଲେ । ତେଣୁ ମଙ୍ଗଳ ପାଣ୍ଡେଙ୍କୁ ୧୮୫୭ ମସିହା ଅପ୍ରେଲ ମାସ ଆଠ ତାରିକରେ ଇଂରେଜ ମାନେ ମୃତ୍ୟୁଦଣ୍ଡ ଦେଲେ ।

ସେଥିପାଇଁ ସିପାହୀ ମାନେ ବିଦ୍ରୋହ କରି ଦେଲେ । ୧୮୫୭ ମସିହା ମେ ମାସ ଦଶ ତାରିଖରେ ଦିଲ୍ଲୀ ଅଧିକାର କରି ନେଲେ । ବାହାଦୁର ଶାହାଙ୍କୁ ଭାରତର ସ୍ୱାଧୀନ ସମ୍ରାଟ ବୋଲି ଘୋଷଣା କଲେ । ଭାରତର ଚାରିଆଡ଼େ ବିଦ୍ରୋହ ସୂତ୍ରପାତ ହେଲା । ଏହା ଥିଲା ଭାରତର ଏକ ବଡ଼ ବିଦ୍ରୋହ ଯାହାକୁ ଆମେ ସିପାହୀ ବିଦ୍ରୋହ ବୋଲି ନାମିତ କରୁ ।

ରାଣୀ ଲକ୍ଷ୍ମୀବାଇ ଯୁଦ୍ଧ କରୁ କରୁ ସରାଇ ଠାରେ ଗୁଳିବିଦ୍ଧରେ ଟଳି ପଡ଼ିଲେ । ତାନ୍ତିଆଟୋପି ଇଂରେଜ ମାନଙ୍କ ସହ ଗରିଲା ଯୁଦ୍ଧ କରୁଥିଲେ । ମାନସିଂହ ନାମକ ଜଣେ ବ୍ୟକ୍ତି ବିଶ୍ୱାସଘାତକତା କରି ତାନ୍ତିଆଟୋପିଙ୍କୁ ଇଂରେଜମାନଙ୍କ ହାତରେ ଧରାଇ ଦେଲେ । ତେଣୁ ଗୋରାମାନେ ତନ୍ତିଆଟୋପିଙ୍କୁ ଫାଶୀ ଖୁଣ୍ଟରେ ଝୁଲାଇ ଦେଲେ ।

ସିପାହୀ ବିଦ୍ରେହ ପରେ ଇଂରେଜ ସରକାର କମ୍ପାନୀ ହାତରୁ ଭାରତର ଶାସନ ଭାର ଗ୍ରହଣ କରି ଭାରତକୁ ଶାସନ କଲେ । ଅସ୍ତ୍ରଆଇନ୍ ଜାରି କରି ଭାରତୀୟ ମାନଙ୍କ ଠାରୁ ସବୁ ଅସ୍ତ୍ର ଶସ୍ତ୍ର ଇଂରେଜ ସରକାର ନେଇ ଗଲେ । ସେମାନେ ଭାରତକୁ ଅର୍ଥନୈତିକ କ୍ଷେତ୍ରରେ ଶୋଷଣ କରିବାକୁ ଲାଗିଲେ । ସେମାନଙ୍କ ଅତ୍ୟାଚାର ଦିନକୁ ଦିନ ବଢ଼ିଲା । ଆମ ସମାଜରେ ଥିବା କୁସଂସ୍କାରେ ଆମକୁ ଆହୁରୀ ତଳକୁ ନେଇଗଲା । ଏହି ସମୟରେ ଜନ୍ମ ହୋଇଥିବା ଜ୍ଞାନୀ ଓ ଗୁଣୀମାନେ କୁସଂସ୍କାର ବିରୁଦ୍ଧରେ ଆନ୍ଦୋଳନ କରିଲେ । ସେମାନେ ହେଲେ ରାଜା ରାମମୋହନ ରାୟ, ଈଶ୍ୱର ଚନ୍ଦ୍ର ବିଦ୍ୟାସାଗର, ସ୍ୱାମୀ ଦୟାନନ୍ଦ ସରସ୍ୱତୀ, ରାମକୃଷ୍ଣ ପରମହଂସ, ସ୍ୱାମୀ ବିବେକାନନ୍ଦ, ସାଧୁ ସୁନ୍ଦର ଦାସ ଯେଉଁ ମାନଙ୍କ ଉଦ୍ୟମ ଫଳରେ ଇଂରେଜ ସରକାର ନରବଳି, ସତୀଦାହ ପ୍ରଥା, ବାଲ୍ୟ ବିବାହ ଭଳି ଘୃଣ୍ୟପ୍ରଥା ଉଚ୍ଛେଦ କରି ଥିଲେ । ବିଧବା ବିବାହ ପ୍ରଚଳନ କରିଥିଲେ । ସର୍ବ ଶକ୍ତିମାନ ଇଂରେଜ ସରକାରଙ୍କ ଅତ୍ୟାଚାର ଓ ଶୋଷଣକୁ ବାଧା ଦେବା ପାଇଁ ଭାରତର କୌଣସି ରାଜନୈତିକ ଦଳ ବା ନେତା ମୁଣ୍ଡ ଟେକି ନ ଥିଲେ । ଭାରତୀୟ ମାନଙ୍କର ଦୁଃଖ, ଦୁର୍ଦ୍ଦଶା, ଆପତି ଓ ଅଭିଯୋଗ ଇଂରେଜ ସରକାରଙ୍କୁ ଜଣାଇବା ପାଇଁ ଏ.ଓ.ହିଉମ୍ ଙ୍କ ଉଦ୍ୟମରେ ୧୮୮୫ ମସିହାରେ ଗଠିତ ହେଲା ଭାରତୀୟ ଜାତୀୟ କଂଗ୍ରେସ । ବମ୍ବେ ଠାରେ ହୋଇଥିବା ଭାରତୀୟ ଜାତୀୟ କଂଗ୍ରେସର ପ୍ରଥମ ଅଧିବେଶନରେ ସଭାପତି ହୋଇଥିଲେ ବାରିଷ୍ଟର ଉମେଶ ଚନ୍ଦ୍ର ବାନାର୍ଜୀ । କଂଗ୍ରେସର ଉଦ୍ୟମ ଫଳରେ ଇଂରେଜ ସରକାର ୧୮୯୨ ମସିହାରେ ଭାରତୀୟ ବ୍ୟବସ୍ଥା ସଭା ଆଇନ୍ ତିଆରୀ କଲେ । ଏହା ଦ୍ୱାରା ଲୋକ ପ୍ରତିନିଧି ଶାସନର ମୂଳଦୁଆ ଭାରତରେ ପଡ଼ିଲା ।

ବଙ୍ଗ, ବିହାର ଓ ଓଡ଼ିଶା ମିଶି ଗୋଟିଏ ପ୍ରଦେଶ ଥିଲା । ୧୯୦୫ ମସିହାରେ ଲର୍ଡ଼ କର୍ଜନ ପଶ୍ଚିମ ବଙ୍ଗ, ବିହାର, ଓଡ଼ିଶାକୁ ଗୋଟିଏ ପ୍ରଦେଶ ଓ ପୂର୍ବ ବଙ୍ଗ, ଆସାମକୁ ମିଶାଇ ଗୋଟିଏ ପ୍ରଦେଶ କରି ଦେଲେ । ଏହା ଫଳରେ ବଙ୍ଗ ଦୁଇଭାଗରେ ବିଭକ୍ତ ହୋଇଗଲା । ବଙ୍ଗାଳୀ ମାନେ ଇଂରେଜ ସରକାର ବିପକ୍ଷରେ ବିଦ୍ରୋହ ଆରମ୍ଭ କରି ଦେଲେ । ବଙ୍କିମ ଚନ୍ଦ୍ର ଚାଟାର୍ଜୀଙ୍କ ଆନନ୍ଦ ମଠ ଉପନ୍ୟାସରେ ଥିବା 'ବନ୍ଦେ ମାତରମ' ସଙ୍ଗୀତଟିକୁ ଜାତୀୟ ସଙ୍ଗିତ ରୂପେ ଗାନ କରିବାକୁ ଲାଗିଲେ । ଚାରିଆଡ଼େ 'ବନ୍ଦେ ମାତରମ' ନାରାବାଜି ଆରମ୍ଭ ହୋଇଗଲା । 'ବନ୍ଦେ ମାତରମ' ଆନ୍ଦୋଳନର ନେତା ଥିଲେ ସୁରେନ୍ଦ୍ର ନାଥ ବାନାର୍ଜି, ବିପିନ ଚନ୍ଦ୍ର ପାଲ ଓ ଅରବିନ୍ଦ ଘୋଷ । ବିଦେଶୀ ଜିନିଷ ବର୍ଜନ ଓ ସ୍ୱଦେଶୀ ଜିନିଷ ବ୍ୟବହାର 'ସ୍ୱଦେଶୀ ଆନ୍ଦୋଳନ ବା 'ବନ୍ଦେ ମାତରମ'ଆନ୍ଦୋଳନ ପ୍ରବଳ ଭାବରେ



ଚାଲିଲା । ବହୁ ଉଗ୍ରପନ୍ଥି ନେତା ମୁଣ୍ଡଟେକି ଗୋରା ଅଫିସର ମାନଙ୍କୁ ମାରି ପକାଇଲେ । ବାଳକ ଖୁଦିରାମ ବସୁ ଧରାପଡ଼ିବାରୁ ୧୯୦୮ ମସିହାରେ ବଙ୍କଳ ଖୁଦିରାମଙ୍କୁ ଇଂରେଜ ସରକାର ଫାଶୀ ଦେଲେ । ୧୯୦୬ ମସିହାରେ ଢ଼ାକା ନବାବ୍ ସଲିମ୍ ଖାଁ ଙ୍କ ଦ୍ୱାରା ଆରମ୍ଭ ହୋଇଥିବା 'ମୁସଲିମ୍ ଲିଗ୍'ର ପ୍ରଭାବ 'ବନ୍ଦେ ମାତରମ' ଉପରେ ପଡ଼ି ପାରି ନ ଥିଲା । ୧୯୦୯ ମସିହାରେ ଭାରତରେ ମର୍ଲେମିଣ୍ଟେ ଶାସନ ସଂସ୍କାର ପ୍ରଚଳନ କରାଗଲା । ୧୯୧୨ ମସିହାରେ ବଙ୍ଗ ବିଭାଗ ଆଇନ୍‌କୁ ରଦ୍ଧ କରାଗଲା । ବିହାର ଓ ଓଡ଼ିଶାକୁ ଗୋଟିଏ ପ୍ରଦେଶ । ଆସାମକୁ ଗୋଟିଏ ପ୍ରଦେଶ ଓ ବଙ୍ଗଳାକୁ ଗୋଟିଏ ପ୍ରଦେଶ କରାଗଲା । କଂଗ୍ରେସ ଭିତରେ ଚରମପନ୍ଥୀ ଓ ନରମପନ୍ଥି ଭାବରେ ଦୁଇଟି ଦଳ ମୁଣ୍ଡ ଟେକିଲା । ଚରମପନ୍ଥି ନେତା ଥିଲେ ବାଳ ଗଙ୍ଗାଧର ତିଲକ ଓ ଲାଲା ଲଜପତ ରାୟ । ନରମପନ୍ଥୀଙ୍କ ନେତା ଗୋପାଳ କୃଷ୍ଣ ଗୋଖ୍‌ଲେ ଓ ଦାଦା ଭାଇ ନୌରୋଜୀ ।

ଦକ୍ଷିଣ ଆଫ୍ରିକାରେ ମୋହନ ଦାସ କରମଚାନ୍ଦ ଗାନ୍ଧି ଅହିଂସା ଓ ସତ୍ୟାଗ୍ରହ ବଳରେ ଭାରତୀୟ ମାନଙ୍କୁ ଜିତାଇଥିଲେ । ୧୯୧୪ ମସିହାରେ ପ୍ରଥମ ବିଶ୍ୱଯୁଦ୍ଧ ଆରମ୍ଭ ହେଲା । ୧୯୧୫ ମସିହାରେ ଗାନ୍ଧି ଦକ୍ଷିଣ ଆଫ୍ରିକାରୁ ଆସି ଭାରତରେ ପହଞ୍ଚିଲେ । ଏହି ସମୟରେ ଆୟର ଲ୍ୟାଣ୍ଡ ରମଣି ଆନି ବେସାନ୍ତ 'ହୋମ୍ ରୁଲ' ଆନ୍ଦୋଳନ ଚଳାଇ ଇଂରେଜ ସରକାର ଦ୍ୱାରା ଗୃହ ବନ୍ଦିନୀ ହେଲେ । ବିଲାତରେ ଆନ୍ଦୋଳନ ହେବାରୁ ସରକାର ଆନି ବେସାନ୍ତଙ୍କୁ ମୁକ୍ତ କରି ଦେଲେ । ବିହାରର ଚମ୍ପାରଣ ଠାରେ ଇଂରେଜ ଓ ଜମିଦାରମାନେ ନୀଳଚାଷୀ ମାନଙ୍କ ଉପରେ କରୁଥବା ଅତ୍ୟାଚାର ବିରୋଧରେ ଗାନ୍ଧିଜୀ ଆନ୍ଦୋଳନ କରି ସେମାନଙ୍କୁ ଗୋରା ସରକାରଙ୍କ ଅତ୍ୟାଚାର ରୁ ରକ୍ଷା କରିଥିଲେ ।

ପ୍ରଥମ ବିଶ୍ୱଯୁଦ୍ଧରେ ବହୁ ଭାରତୀୟ ଜୀବନ ହରାଇଲେ । କୋଟି କୋଟି ଟଙ୍କା ଭାରତୀୟ ମାନେ ଇଂରେଜ ସରକାରଙ୍କୁ ସାହାଯ୍ୟ ଦେଇଥିଲେ । ହେଲେ 'ମଣ୍ଟେଗୁ ଚେମସ୍ ଫୋର୍ଡ଼ ଶାସନ ସଂସ୍କାର' ଆଇନ ପ୍ରଣୟଣ କରି ଭାରତୀୟ ମାନଙ୍କ ଆଶାକୁ ଚୁରୁମାର କରି ଦେଲେ ଇଂରେଜ ସରକାର । ତାପରେ 'ରାଓଲାଟ ଆଇନ୍'କୁ ଭାରତରେ ବିରୋଧ କରାଗଲା । ପଞ୍ଜାବର ଜାଲିଆନାୱାଲା ବାଗ ଠାରେ ୧୯୧୯ ମସିହା ଅପ୍ରେଲ ମାସରେ ଏକ ସଭା କଲେ । ଏହି ବାଗ୍‌ରେ ଗୋଟିଏ ମାତ୍ର ଦ୍ୱାର ଥିଲା । ଗୋରା ସେନାପତି ଡ଼ାୟାର ସୈନ୍ୟ ନେଇ ଦ୍ୱାର ଦେଶରେ କାହାକୁ ଛାଡ଼ିବାକୁ ନ ଦେଇ ଗୁଳି ଚଳାଇଲେ ଫଳରେ ସ୍ତ୍ରୀ, ପୁରୁଷ ଓ ଶିଶୁ ମିଶି ଦୁଇ ହଜାରରୁ ଅଧିକ ଲୋକ ମରିଗଲେ । ସାରା ଭାରତରେ ଶୋକର ଛାୟା ଖେଳିଗଲା । ବିଶ୍ୱ କବି ରବିନ୍ଦ୍ର ନାଥ ଠାକୁର ଇଂରେଜ ସରକାରଙ୍କୁ ତାଙ୍କର 'ନାଇଟ୍' ଉପାଧି ଫେରାଇ ଦେଲେ । ଭାରତୀୟ ଗାନ୍ଧିଜୀଙ୍କର ଅହିଂସା ନୀତି ଓ ସତ୍ୟାଗ୍ରହ ନିୟମରେ ଆନ୍ଦୋଳନ ଚାଲିଲା । ଉଗ୍ରପନ୍ଥୀ ମାନେ ପୋଡ଼ାଜଳା ଆରମ୍ଭ କରି ଦେଲେ । ଗୁଜରାଟର ଚୌରି ଚୌରା ଠାରେ ଘେରାଉ କରି ବାଇଶ ଜଣ ପୋଲିସ୍‌ଙ୍କୁ ପୋଡ଼ି ଦେଲେ । ଗାନ୍ଧିଙ୍କ ଅସହଯୋଗ ଆନ୍ଦୋଳନ ବନ୍ଦ ହୋଇଗଲା । 'ସ୍ୱରାଜଦଳ' ର ନେତା ମୋତିଲାଲ ନେହେରୁ, ଦେଶବନ୍ଧୁ ଚିତ୍ତରଞ୍ଜନ ଦାସ, ଜାତୀୟ କଂଗ୍ରେସର ଜହାରଲାଲ ନେହେରୁ, ସୁବାଷ ଚନ୍ଦ୍ର ବୋଷ, ବଲ୍ଲଭଭାଇ ପଟେଲ, ଗୋବିନ୍ଦ ବଲ୍ଲଭ ପନ୍ଥ, ରାଜେନ୍ଦ୍ର ପ୍ରସାଦ, ରାଜ ଗୋପାଳ ଚାରୀ, ମୌଲାନା ଆବୁଲ୍‌କାଲମ, ଅବଦୁଲ ଗଫୁର ଖାଁ, ଲାଲା ଲାଜପତ ରାୟ, ଗୋପବନ୍ଧୁ ଦାସ, ନୀଳକଣ୍ଠ ଦାସ, ମହାତ୍ମା ଗାନ୍ଧି ଓ ବହୁ ସ୍ୱାଧିନତା ସଂଗ୍ରାମୀ ମାନଙ୍କ ସହିତ ୩୦ ହଜାର ଆନ୍ଦୋଳନକାରୀ ଜେଲ ବରଣ କଲେ । ସଭରକର ଓ ଅରବିନ୍ଦ ହିଂସାନୀତିରେ ଆନ୍ଦୋଳନ କରୁଥିଲେ । ହିଂସା ନିତିରେ ହିଂସାକାଣ୍ଡ ଖଟାଇ ଭଗତ ସିଂ ଓ ଉଦ୍ଧାମ ସିଂହ ଫାଶୀ ପାଇଗଲେ ।

୧୯୨୮ ମସିହାରେ ବ୍ରିଟିଶ ସରକାର ଏକ ସମିତି ଗଠନ କରି ଭାରତକୁ ପଠାଇଲେ । ସାଇମନ୍ ସାହେବ ଏହାର ସଭାପତି ଥିଲେ । ସାତଜଣ ସଭ୍ୟ ମଧ୍ୟରେ କେହି ଭାରତୀୟ ନ ଥିଲେ । ତେଣୁ ଜାତୀୟ କଂଗ୍ରେସ ଏହାକୁ ବିରୋଧ କଲା । 'ସାଇମନ୍ ଫେରିଯାଅ' । କିନ୍ତୁ ସାଇମନ୍ ବ୍ରିଟିଶ ସରକାରଙ୍କୁ ରିପୋର୍ଟ ଦେଲେ । ତେଣୁ କଂଗ୍ରେସ ୧୯୨୯ ମସିହାରେ ଲାହୋର ଅଧିବେସନରେ ଭାରତୀୟପୂର୍ଣ୍ଣ ସ୍ୱାଧୀନତା ପାଇଁ ଘୋଷଣାକରି ମହାତ୍ମା ଗାନ୍ଧିଙ୍କୁ ସଂଗ୍ରାମ କରିବାର ଦାୟିତ୍ୱ ଦେଲେ । ଗାନ୍ଧିଜୀ ଅଣାଅଶୀ ଜଣ ସତ୍ୟାଗ୍ରହୀଙ୍କୁ ଧରି ଦାଣ୍ଡି ଯାତ୍ରା କଲେ । ସେଠାରେ ସେ ୧୯୩୦ ମସିହା ଅପ୍ରେଲ ନଅ ତାରିଖରେ ଲବଣ ଆଇନ୍ ଭଙ୍ଗ କଲେ । ସାରା ଭାରତରେ ଲବଣ ସତ୍ୟାଗ୍ରହ ଚାଲିଲା । ଦ୍ୱିତୀୟ ଗୋଲ ଟେବୁଲ ବୈଠକରେ ଗାନ୍ଧି ଯୋଗ ଦେଲେ କିନ୍ତୁ କିଛି ଫଳ ହେଲା ନାହିଁ ।

୧୯୩୫ ମସିହାରେ ଭାରତ ଶାସନ ଆଇନ୍‌ରେ ଭାରତୀୟ ମାନଙ୍କୁ ଅଧିକ ଶାସନ କ୍ଷମତା ଦିଆ ଗଲା । ଏହି ଆଇନ୍ ଅନୁସାରେ ୧୯୩୭ ମସିହାରେ ଭାରତରେ ନିର୍ବାଚନ ଆରମ୍ଭ ହେଲା । ଭାରତର ଏଗାରଟି ପ୍ରଦେଶରୁ କଂଗ୍ରେସ ସାତଟି ପ୍ରଦେଶରେ ସଂଖ୍ୟା ଗରିଷ୍ଠତା ହାସଲ କରି ମନ୍ତ୍ରୀ ମଣ୍ଡଳ ଗଠନ କଲା । ସୁଭାଷ ବୋଷ କଂଗ୍ରେସ ଛାଡ଼ି 'ଫରୱାର୍ଡ଼ ବ୍ଲକ୍' ନାମରେ ଏକ ଅଲଗା ଦଳ ଗଠନ କଲେ ।

୧୯୩୯ ମସିହାରେ ଜାତିୟ କଂଗ୍ରେସକୁ ନ ପଚାରି ବଡ଼ଲାଟ୍ ଭାରତକୁ ଦ୍ୱିତୀୟ ବିଶ୍ୱ ଯୁଦ୍ଧରେ ସାମିଲ କରି ଦେଲେ । କଂଗ୍ରେସ ନେତା ମାନେ ଯୁଦ୍ଧ ବିରୋଧୀ ଧ୍ୱନି ଦେଇ ଜେଲ୍ ଗଲେ । ୧୯୪୧ ମସିହାରେ ସୁଭାଷ ବୋଷ ଭାରତରୁ ଜର୍ମାନୀକୁ ପଳାଇ ଯାଇଁ 'ଆଜଦ୍ ହୀନ୍ଦ ଫଉଜ' ଗଠନ କଲେ । ୧୯୪୨ ମସିହାରେ କଂଗ୍ରେସ ଭାରତଛାଡ଼ ଆନ୍ଦୋଳନ ଆରମ୍ଭ କରି ଦେଲା । ସୁଭାଷ ବୋଷ ଜାପାନ୍ ସାହାଯ୍ୟରେ ପୂର୍ବପଟୁ ଭାରତ କୁ ଅଭିଯାନ ଆରମ୍ଭ କଲେ । 'ଆଜଦ୍ ହୀନ୍ଦ ଫଉଜ' କୋହିମା ଅଧିକାର କରି ମଣିପୁର ଘେରାଉ କରି ଦେଲେ, ଦ୍ୱିତୀୟ ବିଶ୍ୱ ଯୁଦ୍ଧରେ ଇଂଲଣ୍ଡ ଜୟ ଲାଭ କଲେ ମଧ୍ୟ ବହୁତ ଦୁର୍ବଳ ହୋଇ ପଡ଼ିଥିଲା । ସେମାନଙ୍କ ପକ୍ଷେ ଭାରତକୁ ଶାସନ କରିବା ଆଉ ସମ୍ଭବ ହୋଇ ନ ଥିଲା । ତେଣୁ ଇଂରେଜ ସରକାର ଭାରତକୁ ସ୍ୱାଧିନତା ଦେବା ପାଇଁ ରାଜି ହୋଇ କଂଗ୍ରେସ ନେତା ମାନଙ୍କୁ ଜେଲରୁ ଖଲାସ କରି ଦେଲେ । ମୁସଲିମ୍ ଲିଗ୍ ନେତା ମହମ୍ମଦ ଅଲ୍ଲୀ ଜିନା ମୁସଲମାନ ଙ୍କ ପାଇଁ ପାକିସ୍ତାନ ଦାବି କଲେ । ହିନ୍ଦୁ ଓ ମୁସଲମାନ ଙ୍କ ମଧ୍ୟରେ ମାରପିଟି ଆରମ୍ଭ ହେଲା । ବହୁ ହିନ୍ଦୁ ଓ ମୁସଲମାନ ବଳି ପଡ଼ିଗଲେ । ଏହି ସମୟରେ ଭାରତୀୟ ନୌବାହିନୀରେ ବିଦ୍ରୋହ ହେଲା । ବ୍ରିଟିଶ ସରକାର ଆଉ କାଳ ବିଳମ୍ବ ନ କରି ଲର୍ଡ଼ ମାଉଣ୍ଟ ବ୍ୟାଟେନ୍ କୁ ଭାରତର ବଡ଼ ଲାଟ କରି ପଠାଇଲେ । ଭାରତ ଓ ପାକିସ୍ଥାନ ଦୁଇ ଭାଗ କରି ଦୁଇଟି ଦେଶକୁ ସ୍ୱାଧୀନତା ଦେଇ ଦେଲେ । ପରିଶେଷରେ ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ଭାରତ ସ୍ୱାଧିନତା ଲାଭ କଲା ।

ଗୋପବନ୍ଧୁ ଙ୍କ ଭାଷାରେ–
'ସ୍ୱାଧୀନତା ମାନବର ଜନ୍ମ ଅଧିକାର
ସ୍ୱାଧୀନ ଭାଷଣ ଆଉ ସ୍ୱାଧୀନ ବିହାର
ସ୍ୱାଧୀନ ଜୀବନ ପୁଣି ସ୍ୱାଧୀନ ସମିତି
ଚାରି ସ୍ତମ୍ଭେ ମାନବର ସମାଜ ସଂସ୍ଥିତି ।

**ଅକ୍ଷୟ କୁମାର ରାଉତ**
ମୋ–୯୯୩୭୬୯୧୪୭୫.





# ଗର୍ବ ଓ ଗୌରବର ପର୍ବ ଗଣତନ୍ତ୍ର ତଥା ଜନରାଜ୍ୟ ଦିବସ

ଅଗଷ୍ଟ ୧୫ ତାରିଖ ୧୯୪୭ ମସିହାରେ ଭାରତ ସ୍ୱାଧୀନ ହୋଇଥିଲା । ୨୬ ଜାନୁଆରୀ ୧୯୫୦ରେ ସମ୍ବିଧାନକୁ ଆତ୍ମସାତ କରାଯାଇଥିଲା । ଏହାପରେ ଭାରତକୁ ଏକ ଲୋକତନ୍ତ୍ର ଗଣତନ୍ତ୍ର ଦେଶ ଘୋଷଣା କରାଗଲା । ସେବେଠାରୁ ପ୍ରତି ବର୍ଷ ୨୬ ଜାନୁଆରୀକୁ ଗଣତନ୍ତ୍ର ଦିବସ ରୂପେ ପାଳନ କରାଯାଇଆସୁଛି । ଭାରତରେ ପ୍ରତିବର୍ଷ ଜାନୁଆରୀ ମାସ ୨୬ ତାରିଖକୁ ଗଣତନ୍ତ୍ର ଦିବସ ଭାବେ ପାଳନ କରାଯାଏ । ଏହି ଦିନ ଲାଗୁ ହୋଇଥିଲା ଭାରତର ସମ୍ବିଧାନ । ଏହି ଦିନକୁ ମନେ ରଖିବା ପାଇଁ ହିଁ ପ୍ରତିବର୍ଷ ଏହାକୁ ଗଣତନ୍ତ୍ର ଦିବସ ଭାବେ ପାଳନ କରାଥାଏ । ଦେଶର ସମସ୍ତ ସ୍କୁଲ, କଲେଜ, ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନ, ସରାକରୀ ଓ ବେସରକାରୀ କାର୍ଯ୍ୟାଳୟରେ ମଧ୍ୟ ଜାତୀୟ ପତାକା ଉତ୍ତୋଳନ କରାଯାଏ । ଦେଶର ପ୍ରଥମ ରାଷ୍ଟ୍ରପତି ଡକ୍ଟର ରାଜେନ୍ଦ୍ର ପ୍ରସାଦ ୨୬ ଜାନୁଆରୀ ୧୯୫୦ରେ ୨୧ ତୋପ ସଲାମୀ ସହିତ ଭାରତର ଧ୍ୱଜାକୁ ଉଡ଼ାଇ ଥିଲେ ଓ ଭାରତକୁ ପୂର୍ଣ୍ଣ ଗଣତନ୍ତ୍ର ଦିବସ ଘୋଷଣା କରିଥିଲେ । ସେବେଠାରୁ ଏହି ଦିନକୁ ଗଣତନ୍ତ୍ର ଦିବସ ରୂପେ ପାଳନ କରାଯାଉଛି ।

ଅନେକ ରାଜ୍ୟକୁ ନେଇ ଆମ ଭାରତ ଗଠିତ ହୋଇଛି । ରାଜ୍ୟମାନଙ୍କର ଏକ ସଙ୍ଘ ହେଉଛି ଭାରତ । ସଂସଦୀୟ ପ୍ରକ୍ରିୟାରେ ବନ୍ଧା ହୋଇଥିବା ଏକ ଗଣରାଜ୍ୟ ହେଉଛି ଭାରତ । ଏହି ଗଣରାଜ୍ୟ ଭାରତ ସମ୍ବିଧାନ ଅନୁଯାୟୀ ଶାସିତ ଅଟେ । ସମ୍ବିଧାନ ସଭାରେ ୨୬ ନଭେମ୍ବର ୧୯୪୯ରେ ଏହି ସମ୍ବିଧାନକୁ ଗ୍ରହଣ କରାଯାଇଥିଲା । ଯାହାପରେ ୨୬ ଜାନୁୟାରୀ ୧୯୫୦ ମସିହାରେ ଏହା ପ୍ରଭାବ ଦେଖାଇଲା । ସ୍ୱାଧୀନତା ପାଇବାର ପ୍ରାୟ ଅଢ଼େଇ ବର୍ଷ ପରେ ଭାରତ ନିଜ ସମ୍ବିଧାନ ପ୍ରଣୟନ କରିବାରେ ସକ୍ଷମ ହୋଇଥିଲା । ପରେ ଭାରତ ଗଣତାନ୍ତ୍ରିକ ଗଣରାଜ୍ୟ ଭାବରେ ନିଜକୁ ଘୋଷଣା କରିଥିଲା । ନୂଆଦିଲ୍ଲୀରେ ଗଣତନ୍ତ୍ର ଦିବସ ସମାରୋହ ପାଇଁ ଏକ ମାସ ପୂର୍ବରୁ ପ୍ରସ୍ତୁତି ଆରମ୍ଭ ହୋଇଥାଏ । ଏହି ସମାରୋହରେ ବିଭିନ୍ନ ରାଜ୍ୟର ସଂସ୍କୃତି ଓ ପରମ୍ପରାର ଝଲକ ଦେଖିବାକୁ ମିଳେ । ପରେ ଜଳ, ସ୍ଥଳ ଓ ବାୟୁ ସେନାର ଯବାନମାନଙ୍କ ପ୍ୟାରେଡ ଏବଂ ବିଭିନ୍ନ ଦୁଃସାହସିକ କୌଶଳ ପ୍ରଦର୍ଶନ କରାଯାଇଥାଏ । ଗଣତନ୍ତ୍ର ଦିବସର ୩ ଦିନ ପରେ ଜାନୁଆରୀ ୨୯ରେ ଜାତୀୟ ପତାକା ଅବତରଣ ଉତ୍ସବ ଅନୁଷ୍ଠିତ ହୋଇଥାଏ । ଚଳିତ ବର୍ଷ ବଦଳିବ ଗଣତନ୍ତ୍ର ଦିବସ ପରମ୍ପରା।୧୯୭୩ ମହିହାରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଇଣ୍ଡିଆଗେଟ ସ୍ଥିତ 'ଅମର ଯବାନ ଜ୍ୟୋତି'ଠାରେ ସହିଦ ସୈନିକଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ପରମ୍ପରା ଆରମ୍ଭ କରିଥିଲେ । ଯାହା ଗତବର୍ଷ ପର୍ଯ୍ୟନ୍ତ ଚାଲୁଥିଲା । 'ଅମର ଯୱାନ ଜ୍ୟୋତି'ଠାରେ ୧୯୭୧ ପାକିସ୍ତାନ ସହ ଯୁଦ୍ଧରେ ସହିଦ ଯୱାନଙ୍କ ଉଦ୍ଦେଶ୍ୟରେ ନିର୍ମାଣ କରାଯାଇଥିଲା ।

ଦେଶର ପ୍ରଥମ ନାଗରିକ ଅର୍ଥାତ ରାଷ୍ଟ୍ରପତି ଗଣତନ୍ତ୍ର ଦିବସ ସମାରୋହରେ ଉପସ୍ଥିତ ରହି ରାଷ୍ଟ୍ରୀୟ ଧ୍ୱଜା ଉଡ଼ନ୍ତି । ଭାରତର ରାଷ୍ଟ୍ରପତି ଭବ୍ୟ ପ୍ୟାରେଡର ସଲାମୀ ନିଅନ୍ତି । ସେ ଭାରତୀୟ ସସସ୍ତ୍ରବଳଙ୍କ କମାଣ୍ଡର ଇନ୍ ଚିଫ୍ ବି ହୁଅନ୍ତି । ବିଟିଂ ରିଟ୍ରିଟର ସମାରୋହ ରାଇସିନା ହିଲସରେ ରାଷ୍ଟ୍ରପତି ଭବନ ସାମ୍ନାରେ ହୁଏ, ଯେଉଁଠି ମୁଖ୍ୟ ଅତିଥି ରାଷ୍ଟ୍ରପତି ହିଁ ରୁହନ୍ତି । ବିଟିଂ ରିଟ୍ରିଟ ଗଣତନ୍ତ୍ର ଦିବସ ସରିବାର ତୃତୀୟ ଦିନ ପାଳନ କରାଯାଏ । ସମାରୋହ ସାରିବା ପରେ ବିଟିଂ ରିଟ୍ରିଟ ସମାରୋହ ପାଳନ ହୁଏ । ବିଟିଂ ରିଟ୍ରିଟରେ ସ୍ଥଳ ସେନା, ବାୟୁ ସେନା ଓ ନୌସେନାଙ୍କ ବ୍ୟାଣ୍ଡ ପାରମ୍ପରିକ ବାଦ୍ୟ ବଜାଇ ମାର୍ଚ୍ଚ କରନ୍ତି । ପ୍ରତିବର୍ଷ ୨୬ ଜାନୁୟାରୀ ପୂର୍ବ ସନ୍ଧ୍ୟାରେ ରାଷ୍ଟ୍ରୀୟ ବୀର ପୁରସ୍କାର ପ୍ରଦାନ କରାଯାଏ । ୧୯୫୭ ମସିହାରୁ ଏହି ପୁରସ୍କାର ଛୋଟ ପିଲାଙ୍କୁ ଦିଆଯାଇ ଆସୁଛି । ଏହିଦିନ ଗୋଟାଏ ପଦକ, ପ୍ରମାଣ ପତ୍ର ଓ ନଗଦ ଟଙ୍କା ପ୍ରଦାନ କରାଯାଏ । ଏହି ସବୁ ପିଲାଙ୍କୁ ସ୍କୁଲ୍ ସାରିବା ପର୍ଯ୍ୟନ୍ତ ପାଠ ପଢ଼ା ଖର୍ଚ୍ଚ ଦିଆଯାଏ । ରାଜ୍ୟର ରାଜଧାନୀରେ ରାଜ୍ୟର ରାଜ୍ୟପାଳ, ଗଣତନ୍ତ୍ର ଦିବସରେ ରାଷ୍ଟ୍ରୀୟ ଧ୍ୱଜା ଉଡ଼ାନ୍ତି । ଭାରତରେ ରାଷ୍ଟ୍ରୀୟ ଧ୍ୱଜ ସମାରୋହ ଦୁଇଥର ହୁଏ । ଗଣତନ୍ତ୍ର ଦିବସ ଏବଂ ସ୍ୱାଧୀନତା ଦିବସରେ । ସ୍ୱାଧୀନତା ଦିବସରେ ପ୍ରଧାନମନ୍ତ୍ରୀ ଦେଶର ରାଜଧାନୀରେ ରାଷ୍ଟ୍ରୀୟ ଧ୍ୱଜା ଉଡ଼ନ୍ତି । ଆଉ ରାଜ୍ୟର ରାଜଧାନୀରେ ମୁଖ୍ୟମନ୍ତ୍ରୀ ।

ପ୍ରତ୍ୟେକ ଦେଶପରି ଆମ ଦେଶରେ ଗୋଟିଏ ସମ୍ବିଧାନ ରହିଛି । ସେହି ସମ୍ବିଧାନକୁ ମାନି ଚଳିବା ପାଇଁ ଦେଶବାସୀ ଏହି ଦିବସରେ ସଂକଳ୍ପବଦ୍ଧ ହୁଅନ୍ତି । ସାଧାରଣତନ୍ତ୍ର ଦିବସ ଭାରତରେ ଏକ ଜାତୀୟ ଦିବସ ରୂପେ ପରିପାଳିତ ହେଉଛି । ଏହା ଦେଶବାସୀଙ୍କର ଆତ୍ମସମୀକ୍ଷା ଓ ସଂକଳ୍ପ ଦିବସ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ଏପରିପ୍ରେକ୍ଷୀରେ ବ୍ୟକ୍ତି ବିଶେଷ ଦେଶର ଜାତୀୟ ସଂହତି ଅକ୍ଷୁଣ୍ଣ ରଖିବାକୁ ସଦାଚେଷ୍ଟିତ ହୋଇଥାଆନ୍ତି । ଦେଶର ବିଭିନ୍ନ ସ୍ଥାନରେ ଦେଖାଦେଇଥିବା ଦୁର୍ନୀତିକୁ ଦେଶରୁ ସମୂଳେ ନଷ୍ଟ କରିବା ନିମନ୍ତେ ସମସ୍ତେ ଆଗେଇ ଆସିବା ଉଚିତ । ଦେଶରୁ ସନ୍ତ୍ରାସବାଦୀ କାର୍ଯ୍ୟକଳାପକୁ ସମ୍ପୂର୍ଣ୍ଣ ଧ୍ୱଂସ କରିବା ନିମନ୍ତେ ସମସ୍ତ ନାଗରିକ ପ୍ରତିଜ୍ଞାବଦ୍ଧ ହେବା ଉଚିତ । ଦେଶରୁ ଦୋଷ ଦୁର୍ବଳତାକୁ ପ୍ରତିହତ କରି ଦେଶକୁ ଉନ୍ନତି ପଥରେ ଆଗେଇ ନେବା ପାଇଁ ସମସ୍ତେ କାର୍ଯ୍ୟ କରିବା ଉଚିତ । ବ୍ୟକ୍ତିର ଉନ୍ନତି ସହିତ ଦେଶର ଉନ୍ନତି ଦେଖିବା ପ୍ରତ୍ୟେକ ନାଗରିକର ଧେୟ ହେବା ଉଚିତ । ତାହାଦ୍ୱାରା ଦେଶର ତଥା ବ୍ୟକ୍ତିର ଉନ୍ନତି ହୋଇପାରିବ ।

**ଡକ୍ଟର ଅମୂଲ୍ୟ କୁମାର ପଣ୍ଡା**
ମୋ. ୮୨୪୯୫୦୨୭୭୬







# କଲେଜରେ ଆତ୍ମ ସୁରକ୍ଷା ତାଲିମ



**ବୁଗୁଡା,୨୫।୧ ଏକ୍ସପ୍ରେସ୍ ନ୍ୟୁଜ୍**

ସ୍ଥାନୀୟ ପିପୁଲ୍ସ କଲେଜରେ +୩ ଛାତ୍ରୀଙ୍କ ପାଇଁ ଆୟୋଜିତ ଅଷ୍ଟଦିବସୀୟ ଆତ୍ମ ସୁରକ୍ଷା ତାଲିମ ଶିବିର ଉଦଘାଟିତ ହୋଇଯାଇଛି। ପ୍ରୋଗ୍ରାମ କୋଅର୍ଡିନେଟର ଅଧାପିକା ଅନୀତା ଦେବୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କଲେଜ ଅଧ୍ୟକ୍ଷ ଡ.ପୁରୁଷୋତ୍ତମ ମିଶ୍ର ଯୋଗ ଦେଇ ଏହାକୁ ଉଦଘାଟନ କରିଥିଲା ବେଳେ ଏଥିରେ ସମ୍ମାନିତ ଅତିଥି ଭାବେ ଅଧାପକ ଡ.ପ୍ରଦୀପ କୁମାର ଦାଶ ଓ ଆତ୍ମ ପ୍ରକାଶ ନାୟକ, କ୍ରୀଡା ଶିକ୍ଷକ କ୍ରିଷ୍ଣା ରାଓ ପାତ୍ର ଯୋଗଦେଇ ଅଂଶ ଗ୍ରହଣକାରୀ +୩ ଛାତ୍ରୀଙ୍କୁ ମାର୍ଗ ଦର୍ଶନ କରିବା ସହ ଆତ୍ମ କୌଶଳ ତାଲିମ୍ ଗ୍ରହଣର ଉପାଦେୟତା ଓ ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଏହି ଶିବିରରେ ମାଷ୍ଟର ଟ୍ରେନର ପୂଜାରାଣୀ ସ୍ୱାଇଁ ପ୍ରଶିକ୍ଷିକା ଭାବେ ଯୋଗ ଦେଇ ଛାତ୍ରୀଙ୍କୁ ପ୍ରଶିକ୍ଷଣ ପ୍ରଦାନର ଆରମ୍ଭ କରିଥିବା ବେଳେ ଏହା ଆସନ୍ତା ୪ ଫେବୃଆରୀ ପର୍ଯ୍ୟନ୍ତ ଚାଲୁ ରହିବା ନେଇ ଜଣାଯାଇଛି।

# ନାବାଳିକା ନିଖୋଜ

**ମାର୍ଶାଘାଇ,୨୫।୧ ଏକ୍ସପ୍ରେସ୍ ନ୍ୟୁଜ୍**

ମାର୍ଶାଘାଇ ଥାନା ଅଞ୍ଚଳ ସୋବଲା ଗ୍ରାମରେ ଜଣେ ନାବାଳିକା ନିଖୋଜ ନେଇ ମାର୍ଶାଘାଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ ନାବାଳିକାଟି ସରସ୍ୱତୀ ପୂଜା କରିବାକୁ ଯାଇ ଆଉ ଘରକୁ ଫେରିନଥିଲେ। ବହୁ ଖୋଜାଖୋଜି ପରେ ନମିଳିବାରୁ ନାବାଳିକାଙ୍କ ପରିବାର ତରଫରୁ ଥାନାରେ ଅଭିଯୋଗ ପରେ ପୋଲିସ (୩୩/ ୨୬)ରେ ମାମଲା ରୁଜୁକରି ତଦନ୍ତ କରୁଥିବା ସୂଚନା ଦେଇଛନ୍ତି।

# ସାଇବର ଠକେଇ ଓ ସଡକ ସୁରକ୍ଷା ଲାଗି ତାଲିମ

**ମାର୍ଶାଘାଇ,୨୫।୧ ଏକ୍ସପ୍ରେସ୍ ନ୍ୟୁଜ୍**

ମାର୍ଶାଘାଇ ଥାନା ପରିସରରେ ମାର୍ଶାଘାଇ ସରକାରୀ ଉଚ୍ଚ ବିଦ୍ୟାଳୟର ୪୦ଜଣ ଛାତ୍ରଛାତ୍ରୀଙ୍କୁ ସାଇବର ଠକେଇ ଓ ସଡକ ସୁରକ୍ଷା ଉପରେ ତାଲିମ ପ୍ରଦାନ କରାଯାଛି। ସରକାରଙ୍କ ନିର୍ଦ୍ଦେଶ ମୁତାବକ ମାର୍ଶାଘାଇ ସରକାରୀ ହାଇସ୍କୁଲର ନବମ ଶ୍ରେଣୀର ୪୪ଜଣ ଛାତ୍ରୀଛାତ୍ରଙ୍କୁ ନେଇ ସ୍ଟୁଡେଣ୍ଟ ପୋଲିସ କାଡେଟ୍ ଗଠନ ହୋଇଛି। ଏହିଟିମକୁ ମାର୍ଶାଘାଇ ପୋଲିସ ଥାନା ପରିସରରେ କିପରି ଲୋକମାନେ ସାଇବର ଠକେଇର ବିଭିନ୍ନ ଦିଗ ଉପରେ ଜାଣି ସାଇବର ଠକେଇ ପ୍ରତି ସତର୍କତା ଅବଲମ୍ବନ କରିପାରିବେ ଏବଂ ସଡକ ସୁରକ୍ଷା ସେଥିନେଇ ସଚେତନତା ରାସ୍ତାରେ ଗାଡି ଚଲାଇବା ବେଳେ କିପରି ସତର୍କ ହେବେ ସଚେତନତା ମୂଳକ ତାଲିମ ପ୍ରଦାନ କରାଯାଇଥିଲା। ମାର୍ଶାଘାଇ ଥାନା ଆଇଆଇସି ତପନ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀମାନଙ୍କୁ ସଚେତନତା ମୂଳକ ତାଲିମ ପ୍ରଦାନ କରାଯାଇ ପ୍ରତି ଗ୍ରାମରେ ସଚେତନତାର ବାର୍ତ୍ତା ପହଞ୍ଚାଇବା ପାଇଁ ପରାମର୍ଶ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଇନ୍ସପେକ୍ଟର ନାରାୟଣ ସାହୁ, ଶୈଳେନ୍ଦ୍ର ପାଣିଗ୍ରାହୀ, ପ୍ରବିଣ କାଣ୍ଡୁଲାନା, ଧରିତ୍ରୀ ଜେନା, ରାଜେଶ ଦାସ, କଲ୍ୟାଣୀ ସାହୁ, ମିନତୀ ଜେନା, ପ୍ରଶାନ୍ତ ମଲିକ, ପ୍ରଭାତ ନାୟକଙ୍କ ସମେତ ମାର୍ଶାଘାଇ ଥାନାର ସମସ୍ତ କର୍ମଚାରୀମାନେ ଉପସ୍ଥିତ ରହିଥିଲେ।

# ଅବଦୁଲ କରିମଖାନ ମେମୋରିଆଲ ଟ୍ରଫି ଫୁଟବଲ୍ ଟୁର୍ଣ୍ଣାମେଣ୍ଟ

**କେନ୍ଦ୍ରାପଡା,୨୫।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଜାତୀୟସ୍ତରୀୟ ଷଷ୍ଠ ଅବଦୁଲ କରିମ ଖାନ ମେମୋରିଆଲ ଟ୍ରଫି ଫୁଟବଲ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଲିଗମ୍ୟାଚ ଶନିବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଫକିରାବାଦ ଲକି ସ୍ପୋଟିଂ କ୍ଲବ ଆନୁକୂଲ୍ୟରେ କେନ୍ଦ୍ରାପଡା ସରକାରୀ ହାଇସ୍କୁଲ ଖେଳପଡିଆରେ କ୍ଲବର ସଭାପତି ମହମ୍ମଦ ସଲିମ ଖାନ୍‌ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ପୌରାଧକ୍ଷା ସରିତା ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ମ୍ୟାଚକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ବିଜେଡି ସଭାପତି ଶିବ ପ୍ରସାଦ ଭଳ, ରାଜ୍ୟ ବିଜେଡି ସମ୍ପାଦକ ରଞ୍ଜିତ କୁମାର ସାହୁ, କାଉନସିଲର ପ୍ରଦୀପ୍ତ ଜେନା, ଚୌଧୁରୀ ସୁକୁମାର ଦାସ, ଉମେଶ ନାୟକ, ରମେଶ ଦାସ, ସେକ ଅସଲମ, ପ୍ରଦୀପ କୁମାର ନାୟକ ଓ ସେକ ନସୁମୁଦ୍ଦିନ ପ୍ରମୁଖ ଯୋଗଦେଇଥିଲେ। ଏଥିସହିତ ଅତିଥିମାନେ ଖେଳପଡିଆକୁ ଯାଇ ଉଭୟ ଦଳର ଖେଳାଳୀମାନଙ୍କ ସହ ହାତମିଳାଇ ସେମାନଙ୍କୁ ଶୁଭେଛା ଜଣାଇଥିଲେ। ଅନୁଷ୍ଠିତ ଦ୍ୱିତୀୟ ଲିଗ୍‌ମ୍ୟାଚରେ ରାଉରକେଲା ରେଡ ୟୁନିଟ ଡିଏମଏସଏଫ ଝାଡଖଣ୍ଡକୁ ସଡନଡେଥ ମାଧମରେ ୧୧-୧୦ ଗୋଲରେ ହରାଇ ଏ-ଗ୍ରୁପ୍‌ର ପ୍ରଥମ ସେମିଫାଇନାଲ ମ୍ୟାଚ ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଛି। ରାଉରକେଲାର ସେକ ଅନିସକୁ ଅତିଥିମାନେ ମ୍ୟାନ ଅଫ୍ ଦି ମ୍ୟାଚ୍ କପ ପ୍ରଦାନ କରିଥିଲେ। ଆଜିର ମ୍ୟାଚ୍‌କୁ ରେଫରୀ ଭାବେ ସୁକାନ୍ତ ସିଂ, ମହମ୍ମଦ ସାକଲିନ, ମହମ୍ମଦ ମୋକିମ ଓ ଯୁଧିଷ୍ଠିର ଲେଙ୍କା ପ୍ରମୁଖ ପରିଚାଳନା କରିଥିଲେ।

# ମା'ଭଗବତୀଙ୍କ ନୂଆ ବିଗ୍ରହ ପ୍ରତିଷ୍ଠା

**ଡେରାବିଶ,୨୫।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଡେରାବିଶ ବ୍ଲକ ଏଣ୍ଡର ପଞ୍ଚାୟତ ନୀଳକଣ୍ଠପୁର-୨ ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା'ଭଗବତୀଙ୍କ ନୁତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଶୁକ୍ରବାର ବିଳମ୍ବିତା ରାତିରେ ଶେଷ ହୋଇଛି। ଏହି ଉପଲକ୍ଷେ ଗୁରୁବାର ମନ୍ଦିର ପରିସରରେ ଅନୁଷ୍ଠିତ ଯଜ୍ଞର ଶୁଭାଧିବାସ ଓ ଶୁକ୍ରବାର ପ୍ରାତଃରୁ ଯଜ୍ଞାନୁଷ୍ଠାନ ଆରମ୍ଭ ହୋଇ ସଂଧ୍ୟାରେ ଶେଷ ହୋଇଥିଲା। ସଂଧ୍ୟା ୫ଟା ପରେ ମନ୍ଦିର ପ୍ରତିଷ୍ଠା କରାଯିବା ସହ ମା'ଙ୍କୁ ମୁର୍ତ୍ତୀକୁ ସିଂହାସନରେ ବିଜେ କରାଯାଇଥିଲା। ଏଥିପାଇଁ ଅନୁଷ୍ଠିତ ନାମ ସକୀର୍ତନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ହାଇସ୍କୁଲରେ ଜାତୀୟ ବାଳିକା ଦିବସ

**ରାଜନଗର,୨୫।୧ ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବ୍ଲକ ଡାଙ୍ଗମାଳସ୍ଥିତ ପିଏମଶ୍ରୀ ନାଗାନାରାୟଣ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅନୁଷ୍ଠାନର ଅଧ୍ୟକ୍ଷ ମାନସରଂଜନ ମିଶ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ଜାତୀୟ ବାଳିକା (କନ୍ୟା) ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସୁସ୍ଥ ସମାଜ ଗଠନ ନିମନ୍ତେ ବାଳିକା (କନ୍ୟା)ମାନଙ୍କୁ ଉପଯୁକ୍ତ ଦିଗଦର୍ଶନ ଦେବା ସହିତ ସେମାନଙ୍କୁ ସଶକ୍ତିକରଣର ଆବଶ୍ୟକତା ରହିଛି ବୋଲି ଆୟୋଜିତ ସଭାରେ ଶିକ୍ଷକ ଶିକ୍ଷୟତ୍ରୀମାନେ ମତବ୍ୟକ୍ତ କରିଥିଲେ। ଛାତ୍ରଛାତ୍ରୀମାନଙ୍କୁ ଏକ ସଚତେନତା ଶୋଭାଯାତ୍ରା ଖମାରସାହି ବଜାର ପରିକ୍ରମା କରି କନ୍ୟା ସନ୍ତାନର ସୁରକ୍ଷା ଆବଶ୍ୟକତା ଅଛି ବୋଲି ବାଳିକାମାନେ ପ୍ଲାକାର୍ଡ ଧରି ସ୍ଲୋଗାନ୍ ମାଧ୍ୟମରେ ଲୋକମାନଙ୍କୁ ସଚେତନ କରିଥିଲେ। ଏହି ଅବସରରେ ଛାତ୍ରୀ ତୃପ୍ତି ପ୍ରିୟଦର୍ଶିନୀ ବାରିକ, ଉଷଶ୍ରୀ ରାଉତ ଓ ପ୍ରିୟାଂଶ ବେହେରାଙ୍କୁ ସେମାନଙ୍କର ସୁନ୍ଦର ବକ୍ତବ୍ୟ ନିମନ୍ତେ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଶିକ୍ଷକ ଶିକ୍ଷୟତ୍ରୀ ଓ କର୍ମଚାରୀମାନେ ପରିଚାଳନାରେ ସହଯୋଗ କରିଥିଲେ।

# ତେଲ ଟ୍ୟାଙ୍କରରେ ଗୋରୁ ଚାଲାଣ: ୩୨ ଗୋରୁ ଉଦ୍ଧାର

**ଭଦ୍ରକ,୨୫।୧ ଏକ୍ସପ୍ରେସ୍ ନ୍ୟୁଜ୍**



ଭଦ୍ରକ ଜିଲ୍ଲା ଗୋରକ୍ଷା ସଂଗଠନର ସୂଚନା ଆଧାରରେ ଧାମନଗର ଥାନା ଅଧୀନ ଏନଏଚ୍-୧୬ ବାରିକପୁର ଛକ ନିକଟରେ ଏକ ଗୋରୁ ବୋଝେଇ ଗାଡ଼ିକୁ ଜବତ କରାଯାଇଛି। ଗାଡ଼ି ଭିତରୁ ମୋଟ ୩୨ଟି ଗୋରୁ ଉଦ୍ଧାର କରାଯାଇଥିବା ବେଳେ, ତାହାମଧ୍ୟରୁ ୨ଟି ଗୋରୁ ମୃତ ଅବସ୍ଥାରେ ମିଳିଛି।

ସୂଚନା ଅନୁସାରେ, ରବିବାର ସକାଳୁ ଯାଜପୁରରୁ ଭଦ୍ରକ ଅଭିମୁଖେ ଯାଉଥିବା ଏକ ଗୋରୁ ବୋଝେଇ ଗାଡ଼ି ସମ୍ପର୍କରେ ଗୋରକ୍ଷା ସଂଗଠନ ପକ୍ଷରୁ ଖବର ମିଳିଥିଲା। ଏହା ପରେ ଭଣ୍ଡାରୀପୋଖରୀ ନିକଟରୁ ଗୋରକ୍ଷକମାନେ ଗାଡ଼ିଟିକୁ ପିଛା କରି ବାରିକପୁର ଛକ ଠାରେ ଅଟକାଇଥିଲେ। ଗାଡ଼ି ଅଟକାଇବା ସମୟରେ ଡ୍ରାଇଭର ଗାଡ଼ିଟିକୁ ଛାଡ଼ି ଫେରାର ହୋଇଯାଇଥିଲେ।

ଗାଡ଼ିଟି ଏକ ଭାରତ ପେଟ୍ରୋଲିୟମ ଟ୍ୟାଙ୍କର ଥିବା ବେଳେ, ତାହାର ଭିତରେ ଅମାନବିକ ଭାବେ ୩୨ଟି ଗୋରୁ ଭର୍ତ୍ତି କରାଯାଇଥିଲା। ଏହା ଫଳରେ କିଛି ସମୟ ପାଇଁ ଘଟଣା ସ୍ଥଳରେ ଉତ୍ତେଜନା ସୃଷ୍ଟି ହୋଇଥିଲା।

ଖବର ପାଇ ଧାମନଗର ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ପରେ ଅଗ୍ନିଶମ ବାହିନୀ ଓ ଗୋସେବକମାନଙ୍କ ସହଯୋଗରେ ସମସ୍ତ ଗୋରୁକୁ ଉଦ୍ଧାର କରି ଗୋସ୍ୱାଳାକୁ ପଠାଯାଇଥିଲା। ଏ ସମ୍ପର୍କରେ ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ କରାଯାଇଛି।

# ଚନ୍ଦ୍ରଭାଗାରେ ବୁଡ ପକାଇଲେ ଶ୍ରଦ୍ଧାଳୁ

**କୋଣାର୍କ,୨୫।୧ ଏକ୍ସପ୍ରେସ୍ ନ୍ୟୁଜ୍**



ପବିତ୍ର ମାଘ ସପ୍ତମୀରେ ଚନ୍ଦ୍ରଭାଗାରେ ବୁଡ ପକାଇଲେ ହଜାର ହଜାର ଶ୍ରଦ୍ଧାଳୁ । ଅର୍କକ୍ଷେତ୍ରର ତୀର୍ଥ ପୁଷ୍କରିଣୀରେ ତିନି ଠାକୁରଙ୍କ ମହାସ୍ନାନ ହୋଇଛି । ମନ୍ଦିରରୁ ପାଟପଟୁଆରେ ଆସିଥିଲେ ତିନି ଠାକୁରଙ୍କ ଚଳନ୍ତି ପ୍ରତିମା। ଚନ୍ଦ୍ରଭାଗା ମହୋଦଧିରେ ଆଳତି ପରେ ତୀର୍ଥ ପୁଷ୍କରିଣୀରେ ମହାସ୍ନାନ ହୋଇଥିଲା, ଏହାପରେ ଅପେକ୍ଷାରତ ସାଧୁସନ୍ଥ ଏବଂ ଶ୍ରଦ୍ଧାଳୁମାନେ ତୀର୍ଥ ଜଳରେ ବୁଡ ପକାଇଛନ୍ତି। ଚନ୍ଦ୍ରଭାଗାରେ ବୁଡ ପକାଇବାକୁ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ ଦେଖିବାକୁ ମିଳିଥିଲା। ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା ମଧ୍ୟ ରବିବାର ଭୋରରୁ କୋଣାର୍କରେ ପହଞ୍ଚି ଠାକୁରଙ୍କ ଦର୍ଶନ କରି ଆଳତି କରିବା ସହ ଆଶିଷ ଲାଭ କରିଛନ୍ତି।

ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ, ଶ୍ରୀଶ୍ରୀ ତ୍ରୀବେଣୀଶ୍ୱର, ଇଶାଣେଶ୍ୱର, ଦକ୍ଷିଣେଶ୍ୱର ଦେବଙ୍କ ଚଳନ୍ତି ପ୍ରତିମାଙ୍କ ମହାସ୍ନାନ ହୋଇଛି। ଏହାପରେ ଅପେକ୍ଷାରତ ଶ୍ରଦ୍ଧାଳୁ ତୀର୍ଥ ଜଳରେ ବୁଡ଼ ପକାଇଥିଲେ। ଶନିବାର ଷଷ୍ଠୀ ରାତି ୯ଟାରେ ତିନି ଠାକୁର ନିଜ ନିଜ ଆସ୍ଥାନରୁ ବାହାରି ବିମାନ ବିଜେ କରିଥିଲେ। ତିନିଠାକୁର ବର୍ଣ୍ଣାଢ଼୍ୟ ଶୋଭାଯାତ୍ରାରେ ବାହାରି ବଜାର ପରିକ୍ରମା ସହ କୋଣାର୍କ ଏନଏସି ମଣ୍ଡପ, ଅତିରିକ୍ତ ତହସିଲ କାର୍ଯ୍ୟାଳୟ, ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ପରିସରରେ ପୂଜାର୍ଚ୍ଚନା କରଯାଇଥିଲା। ରାତି ୩ଟାରେ ଚନ୍ଦ୍ରଭାଗା ତୀର୍ଥ ମଣ୍ଡପରେ ପହଁଚିଥିଲେ ତିନି ଠାକୁର। ପାରମ୍ପରିକ ରୀତିନୀତିରେ ଚଳନ୍ତି ପ୍ରତିମାଙ୍କ ପୂଜାହୋମ କର୍ମ ସମ୍ପାଦନ ଶେଷ ପରେ ସପ୍ତମୀ ତୀଥିରେ ପବିତ୍ର ତୀର୍ଥ ଜଳରେ ତିନିଠାକୁର ମହାସ୍ନାନ ହୋଇଥିଲା।

ଚନ୍ଦ୍ରଭାଗାରେ ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା, ଏସପି ପ୍ରତୀକ ସିଂ, ଉପଜିଲ୍ଲାପାଳ ରାଜକିଶୋର ଜେନା, ଅତିରିକ୍ତ ଜିଲ୍ଲାପାଳ ଶରତ ବେହେରା, କୋଣାର୍କ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦ୍ୟୁମ୍ନ ଜେନା, କୋଣାର୍କ ଏନ୍‌ଏସି ଅଧକ୍ଷା ସଂଯୁକ୍ତା ତ୍ରିପାଠୀ ପ୍ରମୁଖ ବିଭିନ୍ନ ବିଭାଗର ପ୍ରଶାସନିକ ଅଧିକାରୀ ଉପସ୍ଥିତ ରହି ସୁରକ୍ଷା ବ୍ୟବସ୍ଥାକୁ ତଦାରଖ କରିଥିଲେ।

# ଅଗ୍ନିବିପନ୍ନଙ୍କୁ ସହାୟତା

**ଢେଙ୍କାନାଳ: ଏକ୍ସପ୍ରେସ୍ ନ୍ୟୁଜ୍**

ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ବ୍ଲକ ପଙ୍ଗାତିରା ପଂଚାୟତ ଅନ୍ତର୍ଗତ ବ୍ରାହ୍ମଣଧରା ଗ୍ରାମର ଫେଡେଇସିଙ୍ଗି ସାହିରେ ନୀଳମଣି ପଧାନଙ୍କ ତିନି ବଖରା ଚାଳଘର ଅଗ୍ନିକାଣ୍ଡରେ ଜଳିଯାଇଛି। ନିଳମଣି ଜଣେ ଦିନ ମଜୁରିଆ ହୋଇଥିବା ବେଳେ ନିଳମଣିଙ୍କ ସ୍ତ୍ରୀ ଶଶି ୯ ମାସର ଗର୍ଭବତୀ ଅଛନ୍ତି। ପରିବାର ଖୋଲା ଆକାଶ ତଳେ ପଡିରହିଛନ୍ତି ଖାଇବା ପାଇଁ ମୁଠାଏ ଚାଉଳ ନାହିଁ। ଖବର ପାଇ ଅଗ୍ନିବିପନ୍ନ ପରିବାରକୁ ସାହାଯ୍ୟର ହାତ ବଢ଼ାଇଲେ ପିହୁ ଦେବ ରନ ସାମଲ ଓ ସମାଜସେବୀ ଅସହାୟ ପ୍ରେମୀ ଦୁଃଖବନ୍ଧୁ ବିଶ୍ୱାଳ, ଫୋକସପ୍ଲସ ସାମ୍ବାଦିକ ପ୍ରବିଣ ନାଏକ, ଜଶବନ୍ତ ପରିଡ଼ା ଏବଂ ବୈଦ୍ୟାନ୍ୟ ବ୍ୟକ୍ତି ରାସନସାମଗ୍ରୀ ସହିତ ପୋଷାକ, ଆର୍ଥିକ ସହାୟତା ଯୋଗାଇ ଦେଇଥିଲେ।

# ବୀରନରସିଂହପୁରରେ ୩୦ଜଣଙ୍କୁ ପ୍ରତିଭା ସମ୍ମାନ

**ପୁରୀ: ଏକ୍ସପ୍ରେସ୍ ନ୍ୟୁଜ୍**

ଗତକାଲି ବୀରନରସିଂହପୁର ଗ୍ରାମରେ ନାରାୟଣ ରାଧାମଣୀ ସ୍ମୃତି ସ୍ମାରକୀ ପ୍ରତିଷ୍ଠାନ ପକ୍ଷରୁ ପ୍ରତିଭା ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଥିଲା। ଭାର୍ଗବୀ ହାଇସ୍କୁଲର ପୂର୍ବତନ ଶିକ୍ଷକ ନାରାୟଣ ମହାପାତ୍ରଙ୍କ ନାମରେ ନାମିତ ଏହି ଅନୁଷ୍ଠାନର ପଞ୍ଚମ ସମ୍ମାନ ସମାରୋହରେ ପୂର୍ବତନ ଆରଡ଼ିସି ଅନିଲ ସାମଲ, ଆଇଏଏସ ମୁଖ୍ୟ ଅତିଥି, ପୁରୀ ଜିଲ୍ଲାର ପୂର୍ବତନ ଜିଲ୍ଲାପାଳ ଧିରେନ ପଟ୍ଟନାୟକ ଆଇଏସ ବିଶିଷ୍ଟ ଅତିଥି ଓ ଗାଁର ଡାକ୍ତର ଶଙ୍କର୍ଷଣ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଥମେ ପ୍ରଦୀପ ପ୍ରଜ୍ୱଳନ ସହ ଉତ୍ସବାନୁଷ୍ଠାନର ଶୁଭାରମ୍ଭ ହୋଇଥିଲା। ସ୍ୱାଗତ ଅଭିଭାଷଣରେ ମୋ ଗାଁ ବୀରନରସିଂହପୁର କମିଟିର ସଭାପତି ଗିରିଜା ଶଙ୍କର ମିଶ୍ର ସମାରୋହର ଆଭିମୁଖ୍ୟ ତଥା ନାରାୟଣ ସାରଙ୍କ ରଚିତ ଗୀତି ରାମାୟଣ, ଭଜନାମୃତ ଓ ଅନ୍ୟାନ୍ୟ ସାହିତ୍ୟ କୃତି ସମ୍ବନ୍ଧରେ ଆଲୋକପାତ କରିଥିଲେ। ସଭାରେ ପୌରାହିତ୍ୟ କରି ସାରଙ୍କର ପୁତ୍ର ତଥା ଖୋର୍ଦ୍ଧା ଜିଲ୍ଲାର ପୂର୍ବତନ ଜିଲ୍ଲାପାଳ କୃଷ୍ଣଚନ୍ଦ୍ର ମହାପାତ୍ର ସମାଜରେ ବିଭିନ୍ନ କ୍ଷେତ୍ରରେ ନିଜର କୃତିତ୍ୱ ପ୍ରତିପାଦିତ କରିଥିବା ଗ୍ରାମର ତଥା ସନ୍ନିକଟ ଅଂଚଳର ୩୦ ଜଣ ସୁଯୋଗ୍ୟ ବ୍ୟକ୍ତିଙ୍କର ପରିଚୟ ପ୍ରଦାନ କରିବା ପରେ ସମସ୍ତଙ୍କୁ ବରେଣ୍ୟ ଅତିଥି ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଶ୍ରୀ ଜଗନ୍ନାଥ ସଂସ୍କୃତି ବିଶାରଦ ସମ୍ମାନରେ ଡା ପ୍ରଫୁଲ୍ଲ କୁମାର ରଥ, ପ୍ରଶାସକ ରତ୍ନ ଭାବେ



ରୀନା ମହାପାତ୍ର, ଆଇଏଏସ, ବିଜ୍ଞାନ ଜ୍ୟୋତି ଓ ଶିକ୍ଷାବିତ ଭାବେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡା ଉମାବଲ୍ଲଭ ମହାପାତ୍ର, ଧନ୍ୱନ୍ତରୀ ସର୍ବୋତ୍ତମ ସମ୍ମାନରେ ଡା ଶଙ୍କର୍ଷଣ ମିଶ୍ର ତଥା ଧନ୍ୱନ୍ତରୀ ସମ୍ମାନରେ ଡା ସନ୍ତୋଷ କୁମାର ମିଶ୍ର, ଡା ବିରଜା ଶଙ୍କର ରଥ, ଡା ପ୍ରକାଶ ଚନ୍ଦ୍ର ମହାନ୍ତି, ଡା ବାଳକୃଷ୍ଣ କୁଅଁର, ସାହିତ୍ୟ ପାରିଜାତ ସମ୍ମାନରେ ବିଶିଷ୍ଟ ଗାଳ୍ପିକ ଜାନକୀ ବଲ୍ଲଭ ମହାପାତ୍ର, ଜ୍ଞାନ ଜ୍ୟୋତି ସମ୍ମାନରେ ବିଶିଷ୍ଟ ସ୍ତମ୍ଭକାର ଗିରିଜା ଶଙ୍କର ମିଶ୍ର, ବିଜ୍ଞାନ ଭାରତୀ ସମ୍ମାନରେ ସୋଲାପୁର ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ଉପକୁଳପତି ଡା ଦେବେନ୍ଦ୍ର ଚନ୍ଦ୍ର ମିଶ୍ର, ଆଦର୍ଶ ଯନ୍ତ୍ରୀ ସମ୍ମାନରେ ଇଂଜିନିୟର ସତ୍ୟନାରାୟଣ ମହାପାତ୍ର, ବିଶିଷ୍ଟ ଚାଟାର୍ଡ ଆକାଉଣ୍ଟାଣ୍ଟ ଭାବେ ଜୟନ୍ତ କୁମାର ସାହୁ, ସୃଜନ ଶ୍ରୀ ସମ୍ମାନରେ ମାନସ କୁମାର ରଥ, ପ୍ରଯୁକ୍ତି ବିଦ୍ୟା ବିଶାରଦ ସମ୍ମାନରେ ପ୍ରଫେସର ଲୋକନାଥ ତ୍ରିପାଠୀ, ଶିକ୍ଷକ ରତ୍ନ ସମ୍ମାନରେ ମାନସ ମିଶ୍ର, ଛାତ୍ର ରତ୍ନ ଭାବେ ଆରୁଣି ସମ୍ମାନରେ ଭଗବାନ ଦାଶ ଓ କୈଳାସ ଚନ୍ଦ୍ର ମିଶ୍ର, ସଂଗୀତ ସାଧନା ପାଇଁ ଅରବିନ୍ଦ ମିଶ୍ର ଓ ସ୍ୱରୂପ ରଥ, ଗ୍ରାମବନ୍ଧୁ ସମ୍ମାନରେ ଅଶୋକ ମିଶ୍ର ଓ ସନ୍ତୋଷ ମିଶ୍ର, ପ୍ରକୃତି ମିତ୍ର ସମ୍ମାନରେ ପିନାକଧର ଷଡ଼ଙ୍ଗୀ ଓ ସ୍ୱାସ୍ଥ୍ୟ ଶିବିରର ଶ୍ରେଷ୍ଠ ସହାୟିକା ଭାବେ ବନ୍ଦନା ଦାଶ ତଥା ପ୍ରୀତି ଅଞ୍ଜଳି ପଟ୍ଟନାୟକଙ୍କୁ ସମ୍ମାନିତ କରାଯାଇଥିଲା। ସମାରୋହରେ ଯୋଗ ଦେଇପାରିନଥିବା ସାରଙ୍କର ଦୁଇ କୃତି ଛାତ୍ର, ଅବସରପ୍ରାପ୍ତ ମୁଖ୍ୟଯନ୍ତ୍ରୀ ଇଞ୍ଜିନିୟର ସୁରେଶ୍ୱର ମିଶ୍ର, ଝାଡଖଣ୍ଡର ପୂର୍ବତନ ପୋଲିସ ମହା ନିର୍ଦ୍ଦେଶକ ଜଗତବନ୍ଧୁ ମହାପାତ୍ର, ଆଇପିଏସଙ୍କୁ ଯଥାକ୍ରମେ ୨୦୨୪ ଓ ୨୦୨୫ ମସିହା ପାଇଁ ନାରାୟଣ ସର୍ବୋଚ୍ଚ ସମ୍ମାନରେ ତଥା ଲକ୍ଷ୍ମୀନାରାୟଣ ମିଶ୍ର ଆଇଏଏସଙ୍କୁ ୨୦୨୪ର ପ୍ରଶାସକ ରତ୍ନ ଉପାଧିରେ ତଥା ଡା ସତ୍ୟଜିତ ରଥ, ଡା ସୁଜାତା ପ୍ରିୟଦର୍ଶିନୀ, ଡା ଅନ୍ତର୍ଯାମୀ ସାହୁ ତଥା ଡା ବନଲତା ଦେବୀ ସୁସ୍ଥତ ସେବା ସମ୍ମାନ ପାଇବାପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି ବୋଲି ସଭାପତି ଘୋଷଣା କରିଥିଲେ। ଏହି ଅବସରରେ ସ୍ୱର୍ଗତ ଲିଙ୍ଗରାଜ ମହାପାତ୍ରଙ୍କର ପ୍ରତିମୂର୍ତ୍ତି ଅନାବରଣ, ବୃକ୍ଷରୋପଣ କାର୍ଯ୍ୟକ୍ରମ ତଥା ବିଭିନ୍ନ ନାମ ଫଳକକୁ ଗ୍ରାମର ଜନପ୍ରିୟ ରାଜନେତା ତଥା ପୂର୍ବତନ ବିଧାୟକ ଉମାବଲ୍ଲଭ ରଥ ଉନ୍ମୋଚନ କରିଥିଲେ। ପରିଶେଷରେ ସୋଆ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରୋ ଭାଇସ ଚାନସେଲର ଡା ଶିତିକଣ୍ଠ ମିଶ୍ର ଧନ୍ୟବାଦ ଅର୍ପଣ କରିବା ପରେ ସମାରୋହ ସମାପ୍ତ ହୋଇଥିଲା।

ଆପଣଙ୍କ ସେବାରେ ସବୁ ସମୟରେ

SHRI RAM HOSPITAL KENDRAPARA

ଶ୍ରୀରାମ ହସ୍ପିଟାଲ

ହାଡ଼ଭଙ୍ଗା ଚିକିତ୍ସାଳୟ

ଆୟୁଷ୍ମାନ କାର୍ଡ଼ ଦ୍ୱାରା ହାଡ଼ଭଙ୍ଗା ଚିକିତ୍ସା ମାଗଣାରେ ଉପଲବ୍ଧ।



ଦୀନବନ୍ଧୁ ସାହୁ ଲ କଲେଜ ରୋଡ଼, କେନ୍ଦ୍ରାପଡ଼ା

Contact : 7205670140

# ବେଳାଭୂମି ମହୋତ୍ସବକୁ ବିଶ୍ୱସ୍ତରକୁ ନେବା ଲାଗି ବ୍ୟାପକ ପ୍ରସ୍ତୁତି




**ବ୍ରହ୍ମପୁର,୨୫।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଚଳିତ ମାସ ୨୭ରୁ ୩୦ ତାରିଖ ମଧ୍ୟରେ ଅନୁଷ୍ଠିତ ହେବାକୁ ଥିବା ବହୁପ୍ରତିକ୍ଷୀତ ଗୋପାଳପୁର ବେଳାଭୂମି ମହୋତ୍ସବକୁ ମହାସମାରୋହରେ ପାଳିତ କରାଯିବ। ମହୋତ୍ସବ କିପରି ଦେଶ ତଥା ବିଦେଶର ପର୍ଯ୍ୟଟକଙ୍କୁ ଆକର୍ଷିତ କରିବ ସେ ନେଇ ବ୍ୟାପକ ପ୍ରସ୍ତୁତି କରାଯାଇଛି ବୋଲି ବାଣିଜ୍ୟ ଓ ପରିବହନ, ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଗୋପାଳପୁର ସର୍କିଟ ହାଉସରେ ଜିଲ୍ଲା ପ୍ରଶାସନ ଦ୍ୱାରା ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି। ଗୋପାଳପୁର ବେଳାଭୂମି ମହୋତ୍ସବକୁ ସଂସ୍କୃତି, ସାମୂହିକ ଅଂଶଗ୍ରହଣ, ପର୍ଯ୍ୟଟନ ପ୍ରଚାର, କ୍ରୀଡା, ଆଧ୍ୟାତ୍ମିକତା ଏବଂ ପରିବେଶୀୟ ସ୍ଥାୟୀତ୍ୱର ଏକ ବୃହତ୍ ଉତ୍ସବ ଭାବେ ଆୟୋଜନ କରାଯାଉଛି। ଯାହା ଗୋପାଳପୁରକୁ ବିଶ୍ୱସ୍ତରରେ ଏକ ଆକର୍ଷଣୀୟ ସମୁଦ୍ରତଟିୟ ପର୍ଯ୍ୟଟନ ଗନ୍ତବ୍ୟ ଭାବେ ପରିଚିତ କରିବ ବୋଲି ମନ୍ତ୍ରୀ ଶ୍ରୀ ଜେନା ଆଶାବ୍ୟକ୍ତ କରିଛନ୍ତି।

ଚାରି ଦିନର ସାଂସ୍କୃତିକ ମଞ୍ଚ ଗଞ୍ଜାମର ବିଭିନ୍ନ ବରପୁତ୍ରଙ୍କ ନାମରେ ନାମିତ ହେବା ସହ ମହୋତ୍ସବର ଉଦଘାଟନ ରାଜ୍ୟପାଳଙ୍କ ଉପସ୍ଥିତିରେ ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ମହୋତ୍ସବର ଉତ୍ସବମୟ ସମାପନ ହେବ ବୋଲି ସେ ସୂଚନା ଦେଇଛନ୍ତି। ସାମ୍ବାଦିକ ସମ୍ମିଳନୀ ପରେ ମନ୍ତ୍ରୀ ଶ୍ରୀ ଜେନା ବେଳାଭୂମି ପରିଦର୍ଶନରେ ଯାଇ ସମସ୍ତ ପ୍ରସ୍ତୁତି ବିଷୟରେ ଅବଗତ ହୋଇଥିଲେ ଏବଂ ସମସ୍ତ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ମହୋତ୍ସବ ଯେମିତି ସାମାନ୍ୟତମ ତ୍ରୁଟି ଦେଖା ନଯାଏ ସେଥିପ୍ରତି ବିଶେଷ ଧ୍ୟାନ ଦେବାକୁ କହିଛନ୍ତି। ଜିଲ୍ଲାପାଳ ଭି କୀର୍ତ୍ତି ଭାସନ ଜିଲ୍ଲା ପ୍ରଶାସନ ଓ ଅନ୍ୟାନ୍ୟ ସଂଗଠନର ବ୍ୟାପକ ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଇଥିଲେ ସେହିପରି ବ୍ରହ୍ମପୁର ଆରକ୍ଷୀ ଅଧିକ୍ଷକ ଡା ଶର୍ବଣା ବିବେକ ଏମ ଆଇନ ଶୃଙ୍ଖଳା ଓ ଟ୍ରାଫିକ ନିୟନ୍ତ୍ରଣ ପାଇଁ କ'ଣ ସବୁ ପ୍ରସ୍ତୁତି କରାଯାଇଛି ସେ ସମ୍ପର୍କରେ ସୂଚନା ଦେଇଥିଲେ।

ବ୍ରହ୍ମପୁର ମହାନଗର ନିଗମ କମିଶନର ପ୍ରଥମେଶ ଅରବିନ୍ଦ ରାଜସିର୍କେ, ଅତିରିକ୍ତ ଜିଲ୍ଲାପାଳ ଡ଼ଃ ପ୍ରମୋଦ କୁମାର ପୃଷ୍ଟି, ଦେବଦତ୍ତ ପଣ୍ଡା, ସୁନୀଲ କେର୍କେଟା ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର ପ୍ରମୁଖ ଉପସ୍ଥିତଥିଲେ। ଜନସାଧାରଣଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି ଏବଂ ବୃହତ୍ ଅଂଶଗ୍ରହଣ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ବିଭିନ୍ନ ପ୍ରାରମ୍ଭିକ କାର୍ଯ୍ୟକ୍ରମଗୁଡ଼ିକ ଆୟୋଜନ କରାଯାଇଛି। ଗୋପାଳପୁର ଜଙ୍କସନ ଠାରୁ ଗୋପାଳପୁର ବେଳାଭୂମି ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ୧୦ କି.ମି. ରାସ୍ତା ଧାରେ ବୃକ୍ଷରୋପଣ କାର୍ଯ୍ୟକ୍ରମ କରାଯାଇଛି। ଯାହା ହରିତ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବ। ୨୪ ଜାନୁଆରୀ ୨୦୨୬ ତାରିଖରେ ଗଞ୍ଜାମ ଜିଲ୍ଲାର ସମ୍ପୂର୍ଣ୍ଣ ସମୁଦ୍ରତଟ ଅଞ୍ଚଳରେ, ଇନ୍ଦିରା ବେଳାଭୂମି (ଗଞ୍ଜାମ) ଠାରୁ ଚିକିଟି ବ୍ଲକ୍ ଅନ୍ତର୍ଗତ ସୋନାପୁର ବେଳାଭୂମି ପର୍ଯ୍ୟନ୍ତ, ଏକ ବିଶାଳ ସମୁଦ୍ରତଟ ସଫାଇ ଅଭିଯାନ ଚାଲିବ।

# ୟୁରୋକିଡ୍ସ ସ୍କୁଲର ପ୍ରଥମ ବାର୍ଷିକୋତ୍ସବ



**ଭୁବନେଶ୍ୱର,୨୫।୧ ଏକ୍ସପ୍ରେସ୍ ନ୍ୟୁଜ୍**

ୟୁରୋକିଡ୍ସ ଆଇଆରସି ଭିଲେଜ୍, ନୟାପଲ୍ଲୀ ସ୍କୁଲ ସ୍ଥାନୀୟ ସ୍ୱସ୍ତି ଗ୍ରାଣ୍ଡ ଠାରେ ତାର ପ୍ରଥମ ବାର୍ଷିକ ଉତ୍ସବ ଆୟୋଜନ କରି ଶିଶୁ ଶିକ୍ଷାର ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଷ୍ଟୋନ୍‌କୁ ଚିହ୍ନଟ କରିଥିଲା। ଦୀପ ପ୍ରଜ୍ୱଳନ ସହ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା, ପରେ ସ୍କୁଲର ନିର୍ଦ୍ଦେଶିକା ରାଣୀ ଗୋଏଙ୍କାଙ୍କ ଉଦବୋଧନ ଦେଇଥିଲେ। ମୁଖ୍ୟଅତିଥି ଅନିତା ମହାନ୍ତି ଏବଂ ଗରିମାମୟ ଅତିଥି ଦିଲୀପ କୁମାର ଗୋଏଙ୍କା ଉପସ୍ଥିତ ରହି ସ୍କୁଲର ସମଗ୍ର ଏବଂ ଅନୁଭୂତିମୂଳକ ଶିକ୍ଷା ପ୍ରତି ଦୃଢ଼ ପ୍ରତିବଦ୍ଧତାକୁ ପ୍ରଶଂସା କରିଥିଲେ। ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ମଧ୍ୟରେ ହ୍ୟୁରେକା ଲଞ୍ଚ ଓ ହ୍ୟୁରେକା ପାଠ୍ୟକ୍ରମର ପରିଚୟ ଥିଲା, ଯାହା ସ୍କୁଲର ନବୀନ ଶିକ୍ଷା ପଦ୍ଧତିକୁ ପ୍ରତିଫଳିତ କରେ। ଇଜେ, ପିଜି, ଏନୟୁଆର ଓ ଇଏସ ଶ୍ରେଣୀର ଛାତ୍ରଛାତ୍ରୀମାନେ ଉତ୍ସାହଭରା ସାଂସ୍କୃତିକ ପରିବେଷଣ ପ୍ରଦାନ କରିଥିଲେ। ଅଭିଭାବକ-ଶିଶୁ ଆନ୍ତର୍କ୍ରିୟା ଖେଳ ଏବଂ ଅଭିଭାବକମାନଙ୍କ ଦ୍ୱାରା ବିଶେଷ ନୃତ୍ୟ ପରିବେଷଣ କାର୍ଯ୍ୟକ୍ରମକୁ ଅଧିକ ସ୍ନିଗ୍ଧତା ଓ ଉତ୍ସାହ ଯୋଗାଇଥିଲା। ଶିକ୍ଷକମାନଙ୍କୁ ସମ୍ମାନିତ କରାଯାଇଥିଲା, ବିଶେଷ ପୁରସ୍କାର ସହ 'ଷ୍ଟୁଡେଣ୍ଟ ଅଫ୍ ଦି ଇୟର' ପୁରସ୍କାର ମଧ୍ୟ ପ୍ରଦାନ କରାଯାଇଥିଲା। ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଧନ୍ୟବାଦ ଜ୍ଞାପନ ସହ କାର୍ଯ୍ୟକ୍ରମର ସମାପ୍ତି କରିଥିଲେ।



# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ

କେନ୍ଦ୍ରାପଡ଼ା | ପୃଷ୍ଠା : ୭

● ୨୬ ଜାନୁଆରୀ ୨୦୨୬ ● ସୋମବାର


## ୧୫ରେ ଏମସିଏଲର ହାଫ୍ ମାରାଥନ



**ସମ୍ବଲପୁର:ଏକ୍ସପ୍ରେସ୍ ନ୍ୟୁଜ୍**

ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ (ଏମସିଏଲ) ଏବଂ ସମ୍ବଲପୁର ଜିଲ୍ଲା ପ୍ରଶାସନ ଦ୍ୱାରା ମିଳିତ ଭାବରେ ଫେବୃଆରୀ ୧୫ରେ ହୀରାକୁଦ ଆନ୍ତର୍ଜାତୀୟ ଅର୍ଦ୍ଧ ମାରାଥନ ୨୦୨୬ ଆୟୋଜନ କରାଯିବ।

କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏମସିଏଲ ମୁଖ୍ୟାଳୟରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏହି କାର୍ଯ୍ୟକ୍ରମର ଆନୁଷ୍ଠାନିକ ଘୋଷଣା କରିଥିଲେ। ଏହି ଅବସରରେ ଏହି କାର୍ଯ୍ୟକ୍ରମର ସରକାରୀ ଲୋଗୋ ଏବଂ ଟି-ସାର୍ଟ ମଧ୍ୟ ଉନ୍ମୋଚିତ ହୋଇଥିଲା। ମାରାଥନ ଏସିଆର ସର୍ବବୃହତ ଡ୍ୟାମ - ହୀରାକୁଦ ଡ୍ୟାମରେ ଅନୁଷ୍ଠିତ ହେବ। ଭାରତ ଏବଂ ବିଦେଶରୁ ବହୁ ସଂଖ୍ୟକ ବୃତ୍ତିଗତ ଏବଂ ସୌଖିନ ଦୌଡ଼ୁ ମାରାଥନରେ ଅଂଶଗ୍ରହଣ କରିବାର ଆଶା କରାଯାଉଛି।

ରାଜ୍ୟ ଉଚ୍ଚଶିକ୍ଷା, କ୍ରୀଡା ଏବଂ ଯୁବ ସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ; ଆଇଜି (ଉତ୍ତର ବିଭାଗ); ଜିଲ୍ଲା ମାଜିଷ୍ଟ୍ରେଟ୍, ସମ୍ବଲପୁର; ପୋଲିସ ଅଧିକ୍ଷକ, ସମ୍ବଲପୁର; ଏହି ଅବସରରେ ରାଜ୍ୟ ସରକାରଙ୍କ ଅନ୍ୟାନ୍ୟ ଅଧିକାରୀ, ଏମସିଏଲ ଅଧିକାରୀ ଏବଂ ବହୁ ସଂଖ୍ୟକ ସ୍କୁଲ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ଲାଡ୍ଡା-ଜେମାଦେଇପେଣ୍ଠ ଷ୍ଟେସନ ମଧ୍ୟରେ ତୃତୀୟ ଲାଇନର ଯାଞ୍ଚ



**ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**

ଦକ୍ଷିଣ ପୂର୍ବ ସର୍କଲର ରେଳ ସୁରକ୍ଷା କମିଶନର ବ୍ରିଜେଶ କୁମାର ମିଶ୍ର ଲାଡ୍ଡା-ଜେମାଦେଇପେଣ୍ଠ ଷ୍ଟେସନ ମଧ୍ୟରେ ନବନିର୍ମିତ ତୃତୀୟ ଲାଇନର ଏକ ବିସ୍ତୃତ ବୈଧାନିକ ଯାଞ୍ଚ କରିଥିଲେ। ପୂର୍ବତଟ ରେଳପଥର ୱାଲଟେୟାର ମଣ୍ଡଳ ଅନ୍ତର୍ଗତ ୭.୧୮୧ କିଲୋମିଟର ଦୈର୍ଘ୍ୟ ବିଶିଷ୍ଟ ଏହି ଲାଇନ ଟିଟଲାଗଡ଼-ବିଜିଆନଗରମ୍ ତୃତୀୟ ଲାଇନ ପ୍ରକଳ୍ପର ଏକ ଅଂଶ।

ଏହି ସେକ୍ସନଟି ୬୦ କିଲୋଗ୍ରାମ ରେଳରେ ନିର୍ମିତ ଏବଂ ଏହି ସେକ୍ସନରେ ୨୫ଟି ଆକ୍ସଲ୍ ଲୋଡ୍ ମାନଦଣ୍ଡ ଅନୁଯାୟୀ ନିର୍ମିତ ଏକ ପ୍ରମୁଖ ସେତୁ ରହିଛି। ବୈଧାନିକ ଯାଞ୍ଚ ସଫଳତାର ସହ ସମାପ୍ତ ହୋଇଛି, କୌଣସି ସମସ୍ୟା ବିନା ବେଗର ପରୀକ୍ଷଣ ସଫଳତାର ସହିତ ପାସ୍ କରିଛି, ଯାହା ଫଳରେ ଏହି ସେକ୍ସନଟି ପୂର୍ଣ୍ଣ କମିଶନିଂ ପାଇଁ ଅନୁମୋଦନ ମିଳିଛି।

ଏହି ମାଇଲଖୁଣ୍ଟ ନିର୍ମାଣ ସଂଗଠନର ସିଭିଲ୍ ଇଞ୍ଜିନିୟରିଂ, ରେଳ ବିକାଶ ନିଗମ ଲିମିଟେଡ୍, ସଂକେତ ଏବଂ ଦୂରସଂଚାର ଏବଂ ବିଦ୍ୟୁତ ବିଭାଗ ୱାଲଟେୟାର ମଣ୍ଡଳର ପରିଚାଳନା ଏବଂ ଟ୍ରାଫିକ୍ ବିଭାଗ ସହିତ ଘନିଷ୍ଠ ସମନ୍ୱୟର ସମର୍ପିତ ପ୍ରୟାସକୁ ପ୍ରତିଫଳିତ କରୁଛି, ଯାହା ଫଳରେ ଏହି ସଫଳତା ହାସଲ ହୋଇପାରିଛି। ୱାଲ୍‌ଟେୟାର ମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକ ଏବଂ ନିର୍ମାଣ ସଂଗଠନ, ରେଳ ବିକାଶ ନିଗମ ଲିମିଟେଡ୍, ଇଞ୍ଜିନିୟରିଂ ବିଭାଗର ଉଚ୍ଚ ପଦସ୍ଥ ଅଧିକାରୀ ଏବଂ ୱାଲ୍‌ଟେୟାର ମଣ୍ଡଳର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ମଧ୍ୟ ଏହି ଯାଞ୍ଚରେ ଅଂଶଗ୍ରହଣ କରିଥିଲେ।

## ଖାଟୁ ଶ୍ୟାମବାବାଙ୍କ ନିଶାନ ଶୋଭାଯାତ୍ରା



**ଖୋର୍ଦ୍ଧା:ଏକ୍ସପ୍ରେସ୍ ନ୍ୟୁଜ୍**

ପ୍ରତିବର୍ଷ ପରି ଖୋର୍ଦ୍ଧା ସହରରେ ମହିଳା ଏବଂ ପୁରୁଷଙ୍କ ଦ୍ୱାରା ବିରାଟ 'ନିଶାନ୍ ଶୋଭାଯାତ୍ରା' ଖାଟୁ ଶ୍ୟାମବାବାଙ୍କ ଫଟୋକୁ ରଥରେ ସଜାଇ ମାରୁଆଡ଼ି ଧର୍ମଶାଳାଠାରୁ ବାହାରି ସହର ଦେଇ ଲକ୍ଷ୍ମୀନାରାୟଣ କଲ୍ୟାଣ ମଣ୍ଡପ ପର୍ଯ୍ୟନ୍ତ ଯାଇଥିଲା। 'ହରେ କି ସାହାରା ଶ୍ୟାମବାବାଙ୍କ ଜୟ ହୋ' ଧ୍ୱନୀରେ ସହର ପ୍ରକମ୍ପିତ ହୋଇଥିଲା। ଶ୍ୟାମ ପରିବାର ଦ୍ୱାରା ସନ୍ଧ୍ୟା ବେଳେ ଶ୍ୟାମବାବାଙ୍କ ଭଜନ ଏବଂ କୀର୍ତ୍ତନ ଆୟୋଜନ କରାଯାଇଥିଲା। ଏଥିରେ ରାଜସ୍ଥାନର ଭଜନ ସମ୍ରାଟ ଗୌରବ ବଟ୍, ଟାଟାନଗରର ସୋମା ଚୌଧୁରୀଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା। ବାବାଙ୍କ ଭଜନ ଶୁଣିବା ପାଇଁ କଲ୍ୟାଣ ମଣ୍ଡପ ଭରପୂର ହୋଇଥିଲା। ଶେଷରେ ଶ୍ୟାମ ପରିବାର ତରଫରୁ ପ୍ରସାଦ ସେବର ଆୟୋଜନ କରାଯାଇଥିଲା।

## ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସରେ ଯୋଗଦେବେ ମୁଖ୍ୟମନ୍ତ୍ରୀ

**କଟକ:ଏକ୍ସପ୍ରେସ୍ ନ୍ୟୁଜ୍**

ସ୍ଥାନୀୟ ବାରବାଟୀ ଷ୍ଟାଡ଼ିୟମଠାରେ ଆସନ୍ତା କାଲି ଜିଲ୍ଲାସ୍ତରୀୟ ୭୭ତମ ସାଧାରଣତନ୍ତ୍ର ଦିବସ ପାଳିତ ହେବ । ଏହି ଜାତୀୟ ଦିବସରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିବା କାର୍ଯ୍ୟକ୍ରମ ରହିଛି । ପତାକା ଉତ୍ତୋଳନ ସହ ସମ୍ମିଳିତ ପରେଡ଼ରେ ଅଭିବାଦନ ଗ୍ରହଣ ଓ ଉପସ୍ଥିତ ଜନତାଙ୍କୁ ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ କରିବେ । ପରେ ପରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଜିଲ୍ଲାର ବ୍ୟକ୍ତିବିଶେଷ ଏବଂ ଅନୁଷ୍ଠାନ ତଥା ସାଧାରଣତନ୍ତ୍ର ଦିବସ ଅବସରରେ ଆୟୋଜିତ ଜିଲ୍ଲାସ୍ତରୀୟ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବ । ଏହାପରେ ମୁଖ୍ୟମନ୍ତ୍ରୀ ଜବାହାରଲାଲ ନେହେରୁ ଇଣ୍ଡୋର ଷ୍ଟାଡ଼ିୟମଠାରେ ରକ୍ତଦାନ ଶିବିର ଓ କୃଷକ ପ୍ରଦର୍ଶନୀକୁ ଉଦଘାଟନ କରିବା କାର୍ଯ୍ୟକ୍ରମ ରହିଛି । ଏହାପରେ ଏନଡ଼ିଆରଏଫର ଏକ ପ୍ରଦର୍ଶନୀକୁ ମୁଖ୍ୟମନ୍ତ୍ରୀ ବୁଲି ଦେଖିବେ ଏବଂ ବାଲ୍ୟ ବିବାହ ବିରୋଧରେ ୧୦୦ଦିନିଆ ଅଭିଯାନ ଅବସରରେ ଆୟୋଜିତ ସାଇକେଲ ରାଲିର ଉଦଘାଟନ କରିବା କାର୍ଯ୍ୟକ୍ରମ ରହିଛି ।




## ଅବହେଳାରୁ ଆଶ୍ରମ ଛାତ୍ରୀଙ୍କ ମୃତ୍ୟୁ !

**ଜଳେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**

ଜଳେଶ୍ୱର ବ୍ଲକ ଅଧିନ, ରାଇବଣିଆ ଅଞ୍ଚଳର କେନ୍ଦୁ ଖୁଣ୍ଟା ବାଳିକା ଆଶ୍ରମ ସ୍କୁଲର ୪ର୍ଥ ଶ୍ରେଣ ରେ ପଢୁଥିବା ଇନ୍ଦୁ ସିଂ(୧୦)ର ଶନିବାର ମୃତ୍ୟୁ ଘଟିଛି। ସେ ହଷ୍ଟେଲରେ ରହୁଥିବା ବେଳେ ସକାଳଠାରୁ ପ୍ରବଳ ବାନ୍ତି ଲାଗିରହିଥିଲା। ଏ ସଂର୍ପକରେ ସ୍କୁଲ କର୍ତ୍ତୃପକ୍ଷ ଚିକିତ୍ସା ଲାଗି ଡାକ୍ତରଖାନା ନେଇନଥିବା ସଙ୍ଗୀନ ଅଭିଯୋଗ ହୋଇଛି। ବହୁ ବିଳମ୍ବରେ ମଧ୍ୟାହ୍ନ ସମୟରେ ତାର ମା ରାଇମଣି ସିଂ ଝିଅର ଏପରି ଅବସ୍ଥା ଶୁଣି ସ୍କୁଲକୁ ଆସି ଗୁରୁତର ଅବସ୍ଥାରେ ନିଜ ସାଇକେଲରେ ବୋହି ସ୍ଥାନୀୟ କ୍ୱାକ୍ ଦାସରଥି ରଣା ନିକଟରେ ଚିକିତ୍ସା କରାଇ ଚେତାଶୂନ୍ୟ ଅବସ୍ଥାରେ ଖୁଆଡ ସ୍ଥିତ ନିଜ ଘରକୁ ଫେରାଇ ନେଇ ଆସିଥିଲା। ସେ ରାତି ୯ଟାରେ ଆଦୌ ନ ଉଠିବାରୁ ତାକୁ ମୁମୂର୍ଷୁ ଅବସ୍ଥାରେ ହାତୀଗଡ ଡାକ୍ତରଖାନାକୁ ନେବାପରେ ଡାକ୍ତର ମୃତ ଘୋଷଣା କରିଥିଲେ। ଖବର ପାଇ ରାଇବଣିଆ ପୁଲିସ ପହଞ୍ଚି ଶବ ଜବତ୍ କରିଛି। ସୂଚନାଯୋଗ୍ୟ ତାର ବାପା ଲଖିଆ ସିଂ ଗୁଜୁରାଟରେ ଦାଦନ ଖଟିବାକୁ ଯାଇଥିବା ବେଳେ ତାର ମା କାମ କରି ପରିବାର ଚଳାଉଥିବା ଜଣାଯାଇଛି।

## କେନ୍ଦ୍ରାପଡ଼ାରେ ଜାତୀୟ ମତଦାତା ଦିବସ

**କେନ୍ଦ୍ରାପଡ଼ା:ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ୧୬ତମ ଜାତୀୟ ମତଦାତା ଦିବସ ପାଳିତ ହୋଇଯାଇଛି। ବୈଠକରେ ଜିଲ୍ଲାପାଳ ରଘୁରାମ ଆର ଆୟର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଜିଲ୍ଲାପାଳ ଆଜିର ଯୁବପିଢ଼ି କିଭଳି ସୁଦୃଢ ଗଣତନ୍ତ୍ର ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବେ ସେ ଦିଗରେ ଦିଗଦର୍ଶନ ଦେଇଛନ୍ତି। ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ନବକ୍ରିଷ୍ଣ ଜେନା ଭୋଟର ତାଲିକାରେ ନାମ ପଞ୍ଜିକରଣ, ନାମ ବାଦ, ଯୋଗ କରିବା ଉପରେ ବିଭିନ୍ନ ମାର୍ଗଦର୍ଶିକା ଉପସ୍ଥାପନ କରିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁଧାକର ସାହୁ ଉପସ୍ଥିତ ଥିଲେ। ଏହି ଅବସରରେ ଆଜି ସକାଳ ୮.୩୦ ମିନିଟ ସମୟରେ ସ୍ଥାନୀୟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଏକ ସଚେତନତା ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ସଚେତନତା ଉଦ୍ଦେଶ୍ୟରେ ପୂର୍ବରୁ ଅନୁଷ୍ଠିତ ରଚନା, ବକ୍ତୃତା, ଚିତ୍ରାଙ୍କନ ଏବଂ ସ୍ଲୋଗାନ ଲିଖନର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ନିର୍ବାଚନ ମଣ୍ଡଳୀ ସ୍ତରରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ବୁଥ୍ ସ୍ତରୀୟ ଅଧିକାରୀଙ୍କୁ ସମ୍ମାନିତ କରାଯାଇଥିଲା। ପାଟକୁରା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଡେରାବିଶ ଏବଂ ଗରଦପୁର ବ୍ଲକ ପାଇଁ କାଦମ୍ବିନୀ ରାଉତ ଓ ମଧୁସ୍ମିତା ଲେଙ୍କା, କେନ୍ଦ୍ରାପଡ଼ା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କେନ୍ଦ୍ରାପଡ଼ା, ପଟ୍ଟାମୁଣ୍ଡାଇ ଏବଂ କେନ୍ଦ୍ରାପଡ଼ା ମୁନିସିପାଲିଟି ପାଇଁ ଅନିଲ କୁମାର ଦାସ, ବିଶ୍ୱରଞ୍ଜନ ଦାସ ଓ ଏସକେ ସିକନ୍ଦର,ଆଳି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଆଳି ଓ ରାଜକନିକା ପାଇଁ ମଧୁସୂଦନ ସ୍ୱାଇଁ ଓ ମାଳତୀଲତା ନାୟକ, ରାଜନଗର ନିର୍ବାଚନ ଅନ୍ତର୍ଗତ ପଟ୍ଟାମୁଣ୍ଡାଇ ବ୍ଲକ, ରାଜନଗର ଏବଂ ପଟ୍ଟାମୁଣ୍ଡାଇ ମୁନିସିପାଲିଟି ପାଇଁ ପ୍ରେମାନନ୍ଦ ଜୀବନ ଦାସ, ଭାଗ୍ୟଧର ପଦମାଣିକ ଏବଂ ରହିତ କୁମାର ସ୍ୱାଇଁ, ମହାକାଳପଡ଼ା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ମହାକାଳପଡ଼ା ଓ ମାର୍ଶାଘାଇ ବ୍ଲକପାଇଁ ଗଣେଶ ଚନ୍ଦ୍ର ମଣ୍ଡଳ ଏବଂ ଦୀପ୍ତିବାଳା ସ୍ୱାଇଁ ଶ୍ରେଷ୍ଠ ବୁଥ୍ ସ୍ତରୀୟ ଅଧିକାରୀ ଭାବେ ସମ୍ମାନିତ ହୋଇଛନ୍ତି। ପରେ ଅତିଥି ମାନେ ନୂତନ ଭାବେ ଭୋଟର ତାଲିକାରେ ଯୋଡି ହୋଇଥିବା ଭୋଟରଙ୍କୁ ଆଇଡି କାର୍ଡ ପ୍ରଦାନ କରାଯାଇଥିଲା। ଡେପୁଟି କଲେକ୍ଟର ନିର୍ବାଚନ (ନିର୍ବାଚନ) ରମେଶ ପଣ୍ଡା ବୈଠକ ପରିଚାଳନା କରିଥିଲେ।

## ଜୟଦେବ ପୀଠରେ ଯଜ୍ଞମଣ୍ଡପ ଅନୁକୂଳ

**ବାଲିଅନ୍ତା:ଏକ୍ସପ୍ରେସ୍ ନ୍ୟୁଜ୍**

ବାଲିଅନ୍ତା ବ୍ଲକ ଅଧୀନ ଜୟଦେବ ପୀଠ ପରିସରରେ ଥିବା ଯଜ୍ଞ ମଣ୍ଡପ ନିର୍ମାଣ ନେଇ ଆଜି ଶୁଭ ଅନୁକୂଳ ବିଧି ଅନୁଷ୍ଠିତ ହୋଇଯାଇଛି। ଶାରଳାଶ୍ରୀକ୍ଷେତ୍ରର ବାବା ଅଶୋକ, ଅଜୁ ବାବା, କ୍ରିୟାଯୋଗ ଆଶ୍ରମର ସ୍ୱାମୀ ଆନନ୍ଦ ମହାରାଜାଙ୍କ ସମେତ ଅନେକ ମହାନ ସାଧୁସନ୍ଥ ଯୋଗ ଦେଇ ମନ୍ତ୍ର ଉଚ୍ଚାରଣ ସହ ମଣ୍ଡପର ଶୁଭ ଅନୁକୂଳ କରିଥିଲେ। ଏନେଇ ଆୟୋଜିତ ଧର୍ମୀୟ ସମାବେଶରେ ଭାବଗ୍ରାହୀ ଗୋଚ୍ଛାୟତ ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ମନୋଜ ପଟ୍ଟନାୟକଙ୍କ ସମେତ ଶରତ ନାୟକ ଏବଂ ଗ୍ରାମ ମୁରବି ଉପସ୍ଥିତ ଥିଲେ।






ଓଡ଼ିଶା ଏକ୍ସପ୍ରେସ

କେନ୍ଦ୍ରାପଡ଼ା | 26th January, 2026 Monday | RNI Regd. No. ODIODI/2009/28880

## ପିତାଙ୍କ ସ୍ମୃତିରେ




ରାଜା କଏଦୀମାନଙ୍କୁ ଖଲାସ କରିଦେଲେ। ଏମାନଙ୍କ ଭିତରେ ଥିଲେ ଜଣେ ଅଶୀତିପର ବୃଦ୍ଧ। ରାଜା ତାଙ୍କୁ ପଚାରିଲେ- ତମେ କେବେଠୁ ବନ୍ଦୀଶାଳାରେ ଅଛ ?

କଏଦୀ କହିଲେ- ଆପଣଙ୍କ ପିତାଙ୍କ ଅମଳରୁ।

କଏଦୀର କଥା ଶୁଣି ରାଜାଙ୍କ ଆଖିରେ ପାଣି ଜମିଗଲା। ସେ ଲୁହ ପୋଛି ସିପାହୀକୁ କହିଲେ- ତମେ ୟାଙ୍କୁ ପୁଣିଥରେ ଜେଲ୍‌ରେ ରଖ। ମୋ ବାପାଙ୍କ ସ୍ମୃତିକୁ ହାତଛଡ଼ା କରିବାକୁ ମୁଁ ଚାହେଁନାହିଁ।

## ପ୍ରେମ ଶେଷ ହେଲା ପରେ...

ଯୁଦ୍ଧ ଏବଂ ପ୍ରେମରେ ସବୁ କରିହେବ। ତେବେ ଯୁଦ୍ଧ ପ୍ରେମଠାରୁ ଭଲ। ଯୁଦ୍ଧ ଶେଷରେ ତୁମେ ହୁଏତ ବଞ୍ଚିବ ନହେଲେ ମରିବ। କିନ୍ତୁ ପ୍ରେମ ଶେଷ ହେଲା ପରେ ତୁମେ ବଞ୍ଚିବନି କି ମରିବନି।

# ନ୍ୟୁଜିଲାଣ୍ଡର ହ୍ୟାଟ୍ରିକ୍ ପରାଜୟ: ସିରିଜ୍ ହାତେଇଲା ଟିମ୍ ଇଣ୍ଡିଆ

**ଗୁଆହାଟୀ,୨୫।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଗୁଆହାଟୀ ଟି-୨୦କୁ ୧୦ ଓଭର ପୂର୍ବରୁ ୮ ୱିକେଟରେ ଜିତି ନେଇଛି ଭାରତୀୟ କ୍ରିକେଟ୍ ଦଳ। ତା' ସହିତ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଶୃଙ୍ଖଳାରେ ୩-୦ର ଅପରାଜେୟ ଅଗ୍ରଣୀ ଲାଭ କରି ଆଗୁଆ କବଜା କରି ନେଇଛି। ସେହିଭଳି ଘରୋଇ ପରିବେଶରେ ଖେଳାଯିବାକୁ ଥିବା ବିଶ୍ୱକପ୍ ପୂର୍ବରୁ ନିଜ ମନୋବଳକୁ ଆହୁରି ଉଚ୍ଚ କରି ନେଇଛି ଭାରତ। ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଲଗାତାର ଅର୍ଦ୍ଧଶତକ ମାରିବା ଏବଂ ଯୁବ ଓପନର୍ ଅଭିଷେକ ଶର୍ମା ଭାରତ ପକ୍ଷରୁ ଦ୍ୱିତୀୟ ଦ୍ରୁତତମ ଅର୍ଦ୍ଧଶତକ ଅର୍ଜନ କରିବା ରବିବାର ଭାରତୀୟ ପ୍ରଶଂସକଙ୍କ ପାଇଁ ଅତିରିକ୍ତ ଖୁସି ଆଣିଛି। ଶୃଙ୍ଖଳାର ଚତୁର୍ଥ ମ୍ୟାଚ୍ ୨୮ ତାରିଖରେ ବିଶାଖାପାଟଣାରେ ଖେଳାଯିବ। ରବିବାର ନ୍ୟୁଜିଲାଣ୍ଡ ମାତ୍ର ୧୫୪ ରନର ଲକ୍ଷ୍ୟ ଦେଇଥିଲା।

ଖାସ୍ ବିଶ୍ୱକପ୍ ଲକ୍ଷ୍ୟ ନେଇ ପାଳି ଆରମ୍ଭ କରିବାର ପ୍ରତୀକ୍ଷିତ ସୁଯୋଗ ପାଇଥିବା ସଞ୍ଜୁ ସାମସନ୍ କିନ୍ତୁ ପୁଣି ଥରେ ନିରାଶ କରିଥିଲେ। ପ୍ରଥମ ବଲ୍‌ରେ ହିଁ କ୍ଲିନ୍ ବୋଲ୍ଡ ହୋଇଯାଇଥିଲେ ସେ। ତଥାପି ଦୁଇ ଯୁବ ବୀର ଅଭିଷେକ ଓ ଇଶାନ କିଶନ ନିର୍ଭୀକ କ୍ରିକେଟ୍ ଖେଳି ଚୌକା ଛକା ବର୍ଷା କରିଥିଲେ। ଇଶାନ ୨୮ ରନ୍‌ରେ ଆଉଟ୍ ହେବା ପରେ କିନ୍ତୁ ଭାରତ ଆଉ ୱିକେଟ୍ ହରାଇ ନଥିଲା। ସୂର୍ଯ୍ୟକୁମାର ଓ ଅଭିଷେକ ଅବିଭାଜିତ ତୃତୀୟ ୱିକେଟରେ ୧୦୨ ରନର ଭାଗୀଦାରରେ ଭାରତକୁ ଦଶମ ଓଭର ଶେଷ ବଲ୍‌ରେ ହିଁ ବିଜୟୀ କରାଇଥିଲେ। ଏହି ଦୁଇ ଜଣଙ୍କ ବିସ୍ଫୋରକ ରୂପ ଲାଗି ଭାରତ ପାୱାର ପ୍ଲେ'ରେ ନିଜ ଟି-୨୦ ଇତିହାସର ଦ୍ୱିତୀୟ ସର୍ବାଧିକ ସ୍କୋର୍ (୯୪) ହାସଲ କରି ନେଇଥିଲା। ଅଭିଷେକଙ୍କ ୧୪ ବଲ୍ ଅର୍ଦ୍ଧଶତକ ବି ଭାରତର ଦ୍ୱିତୀୟ ଦ୍ରୁତତମ ଅର୍ଦ୍ଧଶତକ ଥିଲା। ଅଭିଷେକ ଏବେ ନିଜ ମାର୍ଗଦର୍ଶକ ତଥା ଗୁରୁ ଯୁବରାଜ ସିଂହଙ୍କ ୧୨ ବଲ୍ ଅର୍ଦ୍ଧଶତକ ପଛକୁ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ସେହିଭଳି ସୂର୍ଯ୍ୟକୁମାର ମଧ ୨୫ ବଲରୁ ଅର୍ଦ୍ଧଶତକ କରି ନିଜ ଚମତ୍କାର ଦକ୍ଷତାର ପୁନର୍ବାର ପ୍ରମାଣ ଦେଇଥିଲେ।

ପୂର୍ବରୁ ଭାରତୀୟ ବୋଲର ନିଜ ଦାୟିତ୍ୱ ଠିକ୍ ଭାବେ ତୁଲାଇଥିଲେ। ଗୁଆହାଟୀ ପିଚ୍ ବଡ ସ୍କୋର୍ ପାଇଁ ପରିଚିତ। ହେଲେ ସୂର୍ଯ୍ୟକୁମାର ଟସ୍ ଜିତି ନ୍ୟୁଜିଲାଣ୍ଡକୁ ବ୍ୟାଟିଂ କରିବା ପରେ ଭାରତୀୟ ବୋଲର୍ ଏହି ଧାରାକୁ ବଦଳାଇ ଦେଇଥିଲେ। ରବିବାର ନିଜ ଶୃଙ୍ଖଳିତ ଓ ଶାଣିତ ବୋଲିଂରେ ନ୍ୟୁଜିଲାଣ୍ଡକୁ ୧୫୩/୯ରେ ଅଟକାଇ ଦେଇଥିଲେ। ହର୍ଷିତ ରାଣା, ଯଶପ୍ରୀତ୍ ବୁମ୍ରା ଓ ହାର୍ଦ୍ଦିକ ପାଣ୍ଡ୍ୟା ତିନିଟି ସଅଳ ୱିକେଟ୍ ନେଇ କିୱି ଦଳକୁ ୩୪/୩ରେ ସଂଘର୍ଷ କରିବାକୁ ବାଧ କରିଥିଲେ। ଲଗାତାର ୱିକେଟ୍ ପତନ ପାଇଁ ନ୍ୟୁଜିଲାଣ୍ଡ ମଧ୍ୟ ପାୱାର ପ୍ଲେ'ରେ ମାତ୍ର ୩୬ ରନ୍ କରି ପାରିଥିଲା। ମଝି ଓଭରଗୁଡିକରେ ରବି ବିଷ୍ଣୋଇ ସଠିକ୍ ଗତି ଓ ସୁରକ୍ଷିତ ଲାଇନ୍‌ରେ ନ୍ୟୁଜିଲାଣ୍ଡର ପରବର୍ତ୍ତୀ ବ୍ୟାଟର୍‌ଙ୍କୁ ହାତ ଖୋଲା ସଟ୍ ଖେଳିବାର ସୁଯୋଗ ଦେଇ ନଥିଲେ। ତା' ସହିତ ବିଶ୍ୱର ଏକ ନମ୍ବର ଟି-୨୦ ବୋଲର୍ ବରୁଣ ଚକ୍ରବର୍ତ୍ତୀଙ୍କ ସ୍ଥାନରେ ଦଳରେ ପାଇଥିବା ଅପ୍ରତ୍ୟାଶିତ ସୁଯୋଗର ଯଥାର୍ଥ ସମ୍ମାନ ରଖିଥିଲେ ସେ। ନ୍ୟୁଜିଲାଣ୍ଡ ପାଇଁ କେବଳ ଗ୍ଲେନ୍ ଫିଲିପ୍ସ ଓ ମାର୍କ ଚାପମ୍ୟାନ୍ ଭାରତୀୟ ବୋଲରଙ୍କୁ କିଛିଟା ଚିନ୍ତାରେ ପକାଇଥିଲେ। ଅଧିନାୟକ ମିଚେଲ ସାଣ୍ଟନର୍ ପୁଣି ଥରେ ୨୭ ରନର ଦ୍ରୁତ ପାଳି ଖେଳିଥିଲେ। ତେବେ ବୁମ୍ରା ତାଙ୍କ ସହ କାଇଲ୍ ଜନସନଙ୍କୁ ଆଉଟ୍ କରି ଭାରତର ସଫଳତମ ବୋଲର (୩/୧୭) ହୋଇଥିଲେ। ହାର୍ଦ୍ଦିକ ଓ ବିଷ୍ଣୋଇ ଦୁଇଟି ଲେଖାଏଁ ଏବଂ ରାଣା ଗୋଟିଏ ୱିକେଟ୍ କରାୟତ୍ତ କରିଥିଲେ।



ସଂକ୍ଷିପ୍ତ ସ୍କୋର୍: ନ୍ୟୁଜିଲାଣ୍ଡ ୨୦ ଓଭରରେ-୧୫୩/୯ (ଗ୍ଲେନ୍ ଫିଲିପ୍ସ ୪୮, ମାର୍କ ଚାପମ୍ୟାନ୍ ୩୨, ମିଚେଲ ସାଣ୍ଟନର୍ ୨୭, ଯଶପ୍ରୀତ୍ ବୁମ୍ରା ୩/୧୭, ରବି ବିଷ୍ଣୋଇ ୨/୧୮, ହାର୍ଦ୍ଦିକ ପାଣ୍ଡ୍ୟା ୨/୨୩)। ଭାରତ ୧୦ ଓଭରରେ-୧୫୫/୨ (ଅଭିଷେକ ଶର୍ମା ୬୮*, ଅଭିଷେକ ଶର୍ମା ୫୭*, ଇଶାନ କିଶନ ୨୮, ମ୍ୟାଟ୍ ହେନରି ୧/୨୮, ଇଶ୍ ସୋଢ଼ୀ ୧/୨୮)।

## ସଲମାନ ଆଗାଙ୍କ ନେତୃତ୍ୱରେ ଟି-୨୦ ବିଶ୍ୱକପ୍ ଖେଳିବ ପାକିସ୍ତାନ

**ନୂଆଦିଲ୍ଲୀ,୨୫।୧: ଏକ୍ସପ୍ରେସ୍ ନ୍ୟୁଜ୍**

ଦୁବାଇ: ବାଂଲାଦେଶକୁ ସମର୍ଥନ କରି 'ଆଇସିସି ପୁରୁଷ ଟି-୨୦ ବିଶ୍ୱକପ୍ ୨୦୨୬'କୁ ବୟକଟ କରିବ ବୋଲି ନାଟକବାଜୀ କରୁଥିବା ପାକିସ୍ତାନ କ୍ରିକେଟ ବୋର୍ଡ ଆଇସିସିର କଡା ଚେତାବନୀ ପରେ ବାଟକୁ ଆସିଛି ଓ ରବିବାର ଦଳ ଘୋଷଣା କରିଛି।

ସଲମାନ ଅଲୀ ଆଗାଙ୍କ ନେତୃତ୍ୱରେ ପାକିସ୍ତାନ ଟି-୨୦ ବିଶ୍ୱକପ୍ରେ ଅଂଶଗ୍ରହଣ କରିବ ବୋଲି ରବିବାର ଘୋଷଣା କରିଛି ପାକିସ୍ତାନ କ୍ରିକେଟ୍ ବୋର୍ଡ। ଆଗାଙ୍କ ନେତୃତ୍ୱରେ ଗଠନ ହୋଇଥିବା ଟିମ୍‌କୁ ଫେରିଛନ୍ତି ବାବର ଆଜମ ଓ ଶାହୀନ ଶାହ ଆଫ୍ରିଦି। ନିକଟରେ ଅନୁଷ୍ଠିତ ଟି-୨୦ ସିରିଜଗୁଡିକରୁ ବାଦ୍ ପଡିଥିବା ଏହି ଦୁଇ ଖେଳାଳିଙ୍କୁ ପୁଣି ଟିମ୍‌ରେ ସାମିଲ କରାଯାଇଛି। ବ୍ୟାଟିଂ ଲାଇନକୁ ଦୃଢ଼ କରିବା ପାଇଁ ବାବରଙ୍କୁ ଡକାଯାଇଛି। ସେହିପରି ନସୀମ ଶାହଙ୍କ ସହିତ ମିଶି ପେସ୍ ଆଟାକର ନେତୃତ୍ୱ ନେବା ପାଇଁ ଶାହୀନଙ୍କୁ ଟିମ୍‌ରେ ସାମିଲ କରିଛନ୍ତି ଚୟନକର୍ତ୍ତା।

ଟି-୨୦ ବିଶ୍ୱକପ୍ ପାଇଁ ପାକିସ୍ତାନ ଘୋଷଣା କରିଥିବା ୧୫ ଜଣିଆ ଟିମ୍‌ରେ ସଲମାନ ଅଲୀ ଆଗା (ଅଧିନାୟକ), ଅବରାର ଅହମଦ, ବାବର ଆଜମ, ଫହୀମ ଅଶରଫ, ଫଖର ଜମାନ, ଖୱାଜା ମହମ୍ମଦ ନଫେ (ୱିକେଟ୍ କିପର), ମହମ୍ମଦ ନୱାଜ, ମହମ୍ମଦ ସଲମାନ ମୀର୍ଜା, ନସୀମ ଶାହ, ସାହିବଜାଦା ଫରହାନ (ୱିକେଟ୍ କିପର), ସୈମ ଅୟୁବ, ଶାହୀନ ଶାହ ଆଫ୍ରିଦି, ଶଦାବ ଖାନ, ଉସମାନ ଖାନ (ୱିକେଟ୍ କିପର) ଓ ଉସମାନ ତାରିକ ଅଛନ୍ତି। ୨୦୨୬ ଟି-୨୦ ବିଶ୍ୱକପରେ ପାକିସ୍ତାନର ପ୍ରଥମ ମ୍ୟାଚ୍ ଫେବ୍ରୁଆରୀ ୭ ତାରିଖରେ ଅଛି। ସେହିଦିନ ଦଳ ନେଦରଲ୍ୟାଣ୍ଡସ ବିପକ୍ଷରେ ଖେଳିବ। ଫେବ୍ରୁଆରୀ ୧୦ରେ ୟୁଏସ୍ଏ, ଫେବ୍ରୁଆରୀ ୧୫ରେ ଭାରତ ଓ ଫେବ୍ରୁଆରୀ ୧୮ରେ ନାମିବ୍ୟା ବିପକ୍ଷରେ ଖେଳିବ। ଏହି ସମସ୍ତ ମ୍ୟାଚ୍ ଶ୍ରୀଲଙ୍କାର କଲମ୍ବୋରେ ଖେଳାଯିବ। ସୁରକ୍ଷା ଦୃଷ୍ଟିକୋଣରୁ ଟି-୨୦ ବିଶ୍ୱକପ୍ ଖେଳିବାକୁ ଭାରତ ଆସିବାକୁ ମନା କରି ଦେଇଥିଲା ବାଂଲାଦେଶ। ଭାରତ ବଦଳରେ ଏହାର ସମସ୍ତ ମ୍ୟାଚ୍ ଶ୍ରୀଲଙ୍କାରେ ଖେଳିବାକୁ ପ୍ରସ୍ତାବ ଦେଇଥିଲା ବାଂଲାଦେଶ କ୍ରିକେଟ୍ ବୋର୍ଡ। କିନ୍ତୁ ଆଇସିସି ବାଂଲାଦେଶର ଦାବିକୁ ପ୍ରତ୍ୟାଖ୍ୟାନ କରି ଦେଇଥିଲା। ଆଇସିସି ବାରମ୍ବାର ବାଂଲାଦେଶକୁ ଏ ପ୍ରସଙ୍ଗରେ ବୁଝାଇବା ସହ ଭାରତରେ ସୁରକ୍ଷା ଗ୍ୟାରେଣ୍ଟିକୁ ନିଶ୍ଚିତ କରିଥିଲା। ତଥାପି ବାଂଲାଦେଶ କ୍ରିକେଟ ବୋର୍ଡ ନିଜ ସରକାର ଓ ପାକିସ୍ତାନ କଥାରେ ପଡି ଭାରତରେ ମ୍ୟାଚ୍ ଖେଳିବାକୁ ରାଜି ହୋଇ ନଥିଲା। ଶେଷରେ ଆଇସିସି ଗତକାଲି ବିଧିବଦ୍ଧ ଭାବେ ବାଂଲାଦେଶକୁ ଟି-୨୦ ବିଶ୍ୱକପରୁ ବାଦ ଦେଇ ସ୍କଟଲ୍ୟାଣ୍ଡକୁ ସାମିଲ କରିଥିଲା।

## ପୋଖରୀରେ ବୁଡ଼ିଗଲା ଶିଶୁକନ୍ୟା

**ରାଜନଗର,୨୫।୧: ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବ୍ଲକ ଗୁପ୍ତି ପଂଚାୟତ କାନଫୁଲିଆ ଗ୍ରାମର ହଳଧର ଦାସଙ୍କ ଝିଅ ତଅପୋଇ ଦାସ ଘରପାଖ ପୋଖରୀରେ ଖସିପଡି ମୃତ୍ୟୁ ବରଣ କରିଛି। ପ୍ରାପ୍ତ ସୂଚନା ଅନୁଯାୟୀ, ରବିବାର ୩ଟା ୩୦ ମିନିଟ ସମୟରେ ଘର ଆଗରେ ତଅପୋଇ ଖେଳୁଥିଲା। ସମସ୍ତଙ୍କ ଅଲକ୍ଷରେ ସେ ଘର ନିକଟ ପୋଖରୀରେ ଖସିପଡ଼ିଥିଲା। ତଅପୋଇକୁ ପରିବାର ଲୋକ ଖୋଜାଖୋଜି କରିଥିଲେ। ପୋଖରୀରେ ଖୋଜା ଖୋଜି କରି ତଅପୋଇକୁ ଉଦ୍ଧାର କରି ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ମାତ୍ର ତାର ମୃତ୍ୟୁ ହୋଇଥିବା ଡାକ୍ତର ଘୋଷଣା କରିଥିଲେ।

## ଗହୀରମଥାରୁ ଟ୍ରଲର ଜବତ

**ରାଜନଗର,୨୫।୧: ଏକ୍ସପ୍ରେସ୍ ନ୍ୟୁଜ୍**

ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟର ବରୁଣେଇ ନିକଟରେ ବେଆଇନ ଭାବେ ମାଛ ଧରୁଥିବା ବେଳେ ବନବିଭାଗର ପାଟ୍ରୋଲିଂ ଦଳ ମା ଜଗତ ଜନନୀ ନାମକ ଟ୍ରଲରକୁ ଜବତ କରିବା ସହ ୧୬ ଜଣ ମତ୍ସ୍ୟଜିବୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଏସିଏଫ ମାନସ କୁମାର ଦାସଙ୍କ ନିର୍ଦ୍ଦେଶରେ ରେଞ୍ଜ ଅଫିସର କପିଳେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଫରେଷ୍ଟର ମହନ୍ତ କୁମାର ମଲ୍ଲିକ ଓ ବନ ବିଭାଗର କର୍ମଚାରୀମାନେ ଟ୍ରଲରଟିକୁ ଜବତ କରିଥିଲେ। ସେଥିରୁ ୨ ଟି ଜିପିଏସ, ୩ଟି ଭିଏଚଏଫ, ଗୋଟିଏ ଫିସଫାଇଣ୍ଡର, କୋଡ଼ ନେଟ ୧ ଟି, ଇଲିସି ନେଟ ୧ ଟି, ଟୋନ ନେଟ ୧ଟି ଓ ୫୦ କିଲୋଗ୍ରାମ ସାମୁଦ୍ରିକ ମାଛକୁ ଜବତ କରିଛନ୍ତି। ଗିରଫ ମତ୍ସ୍ୟଜିବୀମାନେ ହେଲେ ବଳରାମ ଦାସ, ଲକ୍ଷଣ ମଲ୍ଲିକ, କୃଷ୍ଣା ମଲ୍ଲିକ, ବିଜୟ ମଲ୍ଲିକ, ସଂଜୟ ମଲ୍ଲିକ, ବିଦ୍ୟାଧର ମଲ୍ଲିକ, ଜର୍ମାନ ସିଂ, ମୋହନ ସିଂ, କାଳି ଚରଣ ପଧୁରିଆ, ମହେଶ ସିଂ, ଦୀପକ ବେହେରା, ହେମନ୍ତ ମହନ୍ତ, ଧନୁ ଟୁଡୁ, କୁନା ସାହୁ, ଅନିରୁଦ୍ଧ ସିଂ, କର୍ମାନ ସିଂ ପ୍ରମୁଖଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି ବୋଲି ବନ ବିଭାଗ ସୂଚନା ଦେଇଛନ୍ତି। ଗିରଫ ମତ୍ସ୍ୟଜିବୀମାନେ ଭଦ୍ରକ, ବାଲେଶ୍ୱର ଓ ମୟୁରଭଞ୍ଜ ଜିଲ୍ଲାର।

## ମହିଳା ଫୁଟବଲ ଲିଗ ପ୍ରତିଯୋଗିତା: ଓଡ଼ିଶା ଟିମରେ ଆଳିରୁ ୫

**ଆଳି,୨୫।୧ ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡ଼ା ଜିଲ୍ଲା ଆଳି ହାଇସ୍କୁଲ ମିନି ଷ୍ଟାଡିୟମରୁ ଗାଁ ଗହଳିର ବାଳିକାମାନେ ଖେଳ ଆରମ୍ଭ କରି ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ଓଡ଼ିଶା ପାଇଁ ବିଭିନ୍ନ ସମୟରେ ଗୌରବ ଆଣି ଦେଇଛନ୍ତି। ବର୍ତ୍ତମାନ ସରକାରଙ୍କ ଦ୍ୱାରା ନିଯୁକ୍ତ ରାଜ୍ୟ ସ୍ତରର ମହିଳା ଫୁଟବଲ କୋଚ ଆଲୋଚନା ସେନାପତି ଓ ସହଯୋଗୀ ସୁଶ୍ରୀ ସଂଗୀତା ମଲିକଙ୍କ ତତ୍ୱାବଧାନରେ ଖେଳ ଅଭ୍ୟାସ କରୁଥିବା ୧୩ ବର୍ଷରୁ କମ୍ ଶୁଭଶ୍ରୀ ସାହୁ, ଜାନୀ ମଲିକ, ବେବିନା ମଲିକ, ଅଙ୍କିତା ମଲିକ, ସ୍ୱେତାଲିନା ମଲିକ ଆଦି ପାଞ୍ଚ ଜଣ ବାଳିକା କଟକ ବାରବାଟୀ ଷ୍ଟାଡିୟମରେ ହୋଇଥିବା ଚୟନ କାର୍ଯ୍ୟକ୍ରମରେ ଯୋଗଦେଇ ଚୟନ କମିଟି ପକ୍ଷରୁ ଗୁଜରାଟର ଭାବାନଗରରେ ୨୦ ଜାନୁଆରୀ ଠାରୁ ଫେବୃଆରୀ ପର୍ଯ୍ୟନ୍ତ ଚାଲିଥିବା ଅସ୍ମିତା ମହିଳା ଫୁଟବଲ ଲିଗ ପ୍ରତିଯୋଗିତାରେ ଓଡ଼ିଶା ଟିମରେ ଓଡ଼ିଶା ପକ୍ଷରୁ ଖେଳିବେ ବୋଲି ମନୋନୀତ ହୋଇଥିବା ଜଣାଯାଇଛି। ଆଳିର ପୂର୍ବତନ ବିଧାୟକ ତଥା ଆଳି ଅଞ୍ଚଳରେ ମହିଳା ଫୁଟବଲର ପ୍ରଥମ ପ୍ରେରକ ସ୍ୱର୍ଗତ ଦେବେନ୍ଦ୍ର ଶର୍ମାଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିଛନ୍ତି। ଆଳି ଆଥେଲେଟିକ ଆସୋସିଏସନର ସଭାପତି ତଥା ବିଧାୟକ ପ୍ରତାପ କେଶରୀ ଦେବ ଓ ସଂପାଦକ ବିଜୟାନନ୍ଦ ସେନାପତି ପ୍ରମୁଖ ମନୋନୀତ ବାଳିକା ମାନେ ନୂଆ ଖେଳାଳିଙ୍କ ପ୍ରେରଣା ହୋଇପାରିବେ ବୋଲି ଆଶା ପ୍ରକଟ କରିବା ସହିତ ଭଲ ପ୍ରଦର୍ଶନ କରି ଓଡ଼ିଶାକୁ ଗୌରବାନ୍ୱିତ କରିବା ପାଇଁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି। ଏହି ମନୋନୟନ ଖବର ପ୍ରକାଶ ପାଇବା ପରେ ସମଗ୍ର ଆଳି ଅଞ୍ଚଳରେ ଆନନ୍ଦ ପ୍ରକାଶ ପାଇଛି।




## ପ୍ରଥମ ପୃଷ୍ଠାରୁ...

### ସଂଗୀତ ନିର୍ଦ୍ଦେଶକ...

ଦୁନିଆରେ ଅଭିଜିତ ମଜୁମ୍‌ଦାର୍ ପାଦ ଥାପିଥିଲେ। ଯାହା ପରେ ସେ ଆଉ ପଛକୁ ଫେରି ଚାହିଁ ନାହାନ୍ତି। ବର୍ତ୍ତମାନ ସୁଦ୍ଧା ୫୦ରୁ ଅଧିକ ଫିଲ୍ମ ପାଇଁ ଅଭିଜିତ ସଂଗୀତ ନିର୍ଦ୍ଦେଶନା ଦେଇଛନ୍ତି। ଯେଉଁଥିରେ ସେ ଏକାଧିକ ଫିଲ୍ମରେ ଗୀତ ବି ବୋଲିଛନ୍ତି। ସେହିପରି ଅନେକ ଯୁବ କଣ୍ଠଶିଳ୍ପୀଙ୍କୁ ସୁଯୋଗ ଦେବାରେ ଅଭିଜିତଙ୍କ ବିଶେଷ ଭୂମିକା ରହିଥିଲା। ନିଜ କ୍ୟାରିଅରରେ ସେ ୭୦୦ରୁ ଅଧିକ ଗୀତ ନିର୍ମାଣ କରିଥିଲେ। ତାଙ୍କର ୫୦୦ରୁ ଅଧିକ ଗୀତ ହିଟ ହୋଇଥିଲା। ପିଲାଠୁ ବୁଢ଼ା, ଛାତ୍ରଙ୍କଠୁ ଆରମ୍ଭ କରି ଯୁବକ ଯୁବତୀ ପର୍ଯ୍ୟନ୍ତ ସମସ୍ତଙ୍କୁ ଅଭିଜିତ ଦାଦାଙ୍କ ସଂଗୀତ ମତୱାଲା କରୁଥିଲା। 'ତୋର କଞ୍ଚା ହଳଦୀ', 'ତୋ ରିବନଫିତା', ତୋ ହୃଦୟ କିଛି କହିଲା, ଏ ରଂଗବତୀ, ଜଉ ଝିଅର ଅଣ୍ଟା, ବୟସ ତୋ କସମସ, ନାଲି ଆମ୍ବ, ସକାଳର ପହିଲି ଗାଡ଼ି, କୃଷ୍ଣଚୂଡ଼ା ରଂଗର ନାଲି ଓଢ଼ଣି ଭଳି ଅନେକ ହିଟ ଗୀତ ସେ ଶ୍ରୋତାଙ୍କୁ ଦେଇଛନ୍ତି। ଫିଲ୍ମ ଆଲବମ ବ୍ୟାତୀତ ସେ ଦୂରଦର୍ଶନରେ ବି କାମ କରିଥିଲେ। ଅନେକ ଟିଭି ସୋକୁ ମଧ ଅଭିଜିତ ଦାଦା ହୋଷ୍ଟ କରିଥିଲେ। ୨୦୧୧ରେ ସେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପାଇଥିଲେ। ତରଙ୍ଗ ଟିଭିର "ମେଲୋଡ଼ି ନାଇଟସ" ଖୁବ ଲୋକପ୍ରିୟ ହୋଇଥିଲା। ଏହାଛଡ଼ା ଲକଡାଉନ ଅନ୍ତାକ୍ଷରୀ, ବ୍ୟାଣ୍ଡ ବାଜା ବାରାତ ଉଇଥ ଅଭିଜିତ ମଧ ବେଶ ଲୋକପ୍ରିୟ ହୋଇଥିଲା। ଅଭିଜିତ ମଜମୁଦାର ଜଣେ ଅଧ୍ୟାପକ ଥିଲେ। ୧୯୯୬ ରେ ସଂଗୀତ କ୍ଷେତ୍ରରେ କାମ କରିବା ପାଇଁ ସେ ଚାକିରିରୁ ଇସ୍ତଫା ଦେଇଥିଲେ। ଓଡ଼ିଆ ଫିଲ୍ମ, ଆଲବମ ଓ ସିରିଏଲରେ ଅଭିଜିତ ମଜୁମ୍‌ଦାର୍ ଅନେକ ଗୀତ ପ୍ରସ୍ତୁତ କରୁଛନ୍ତି। ଅନେକ ସୁପରହିଟ ଗୀତରେ ସେ ଥିଲେ ସଂଗୀତକାର ଓ କଣ୍ଠଶିଳ୍ପୀ। ଅଭିଜିତଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକ ବ୍ୟକ୍ତ କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କ ଶୋକ ବାର୍ତ୍ତାରେ କହିଛନ୍ତି, "ଅଭିଜିତ ମଜୁମ୍‌ଦାର୍‌ଙ୍କ ବିୟୋଗ ଜାଣି ମୁଁ ଅତ୍ୟନ୍ତ ଦୁଃଖିତ। ତାଙ୍କର ବିୟୋଗ ଆମ ସଂଗୀତ, ସିନେମା ଓ ସଂସ୍କୃତି ପାଇଁ ଅପୂରଣୀୟ କ୍ଷତି। ଶୋକସନ୍ତପ୍ତ ପରିବାର ପ୍ରତି ମୋର ସମବେଦନା ଜଣାଇବା ସହ ଦିବଂଗତ ଆତ୍ମାଙ୍କ ଶାନ୍ତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି" ବୋଲି ମୁଖ୍ୟମନ୍ତ୍ରୀ ତାଙ୍କ ଏକ୍ସରେ ପୋଷ୍ଟ କରିଛନ୍ତି।

ଭୁବନେଶ୍ୱର ଏମସରୁ ଅଭିଜିତ ମଜୁମ୍‌ଦାର୍‌ଙ୍କ ମର ଶରୀରକୁ କଟକ ଅଣାଯାଇଥିଲା। ସ୍ଥାନୀୟ ବାରବାଟୀ ଷ୍ଟାଡ଼ିୟମ ନିକଟରେ ଥିବା ଏମଆରଆର ଷ୍ଟୁଡ଼ିଓରେ ତାଙ୍କ ମରଶରୀରକୁ ରଖା ଯାଇଥିଲା। ଏଠାରେ ହଜାର ହଜାର ଶୁଭେଚ୍ଛୁ ଓ ପ୍ରଶଂସକ ତାଙ୍କ ମର ଶରୀରକୁ ଶେଷ ଦର୍ଶନ କରିବା ସହ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଅନ୍ତିମ ସଂସ୍କାର ସଂପନ୍ନ ହେବ ବୋଲି ଜଣାପଡ଼ିଛି।

### ଔପଚାରିକତାରେ...

ସଂଖ୍ୟାରେ କୌଣସି ପରିବର୍ତ୍ତନ ଘଟୁନାହିଁ। ବରଂ ଅଧିକ ଅବକ୍ଷୟ ଦେଖାଯାଉଛି। ନିର୍ବାଚନରେ ବ୍ୟାପକ କଳା ଟଙ୍କାର ଉପଯୋଗ କାରଣରୁ ଭୋଜିଭାତ,ମଦପାଣି ଓ ନଗଦ ଟଙ୍କା ରେ ସଂଖ୍ୟାଧିକ ମତଦାତା ପ୍ରଭାବିତ ହୋଇ ମତଦାନ କରୁଛନ୍ତି। ଆଉ କିଛି ଦଳୀୟ ଫାଇଦା ମୋହରେ ନିର୍ଦ୍ଦିଷ୍ଟ ଦଳର ପ୍ରାର୍ଥୀଙ୍କୁ ଭୋଟ ଦେବାର ଦେଖାଯାଉଛି। ପରିସ୍ଥିତି ଏପରି ହୋଇଛି ଯେ,ଅନେକ ସଚେତନ ମତଦାତା ଏସବୁ ଦେଖିନିଜକୁ ମତଦାନରୁ ଦୂରେଇ ରଖୁଛନ୍ତି। ଯେଉଁଥିପାଇଁ ରାଜନୈତିକ ନେତା ବା ଦଳଙ୍କର ଆଉ ଜନମତକୁ ଭୟ ନାହିଁ। ଦେଶବାସୀ ସାଧାରଣ ଜନତାଙ୍କ ମଙ୍ଗଳ ଅପେକ୍ଷା ପୁଂଜିପତି ଓ ଶିଳ୍ପପତିଙ୍କ ସ୍ୱାର୍ଥରକ୍ଷା ସହିତ ବିପୁଳ ଟଙ୍କା ରୋଜଗାର କରିବା ଏବଂ ଏହାକୁ ଉପଯୋଗ କରି ପୁଣି ନିର୍ବାଚନ ଜିତିବା ନେତା ଓ ଦଳମାନଙ୍କର ଲକ୍ଷ୍ୟ ହୋଇଛି। ଏହା ଫଳରେ ଦେଶରେ ଧନୀ ଓ ଦରିଦ୍ର ଙ୍କ ମଧ୍ୟରେ ତାରତମ୍ୟ ବୃଦ୍ଧିପାଉଛି। ଦେଶର ଅର୍ଥନୀତି ବଢୁଥିବା କୁହାଯାଉଥିଲେ ହେଁ ଏଥିରେ ସଂଖ୍ୟାଧିକ ସାଧାରଣ ଜନତାଙ୍କର କୌଣସି ଅଂଶ ନାହିଁ। ଏକ ସୁସ୍ଥ ଓ ସମୃଦ୍ଧ ଗଣତନ୍ତ୍ର ତଥା ପ୍ରଜାତନ୍ତ୍ର ବିନା ଦେଶବାସୀ ସାଧାରଣ ଜନତାଙ୍କ ସ୍ୱାର୍ଥ ଯେ ସୁରକ୍ଷିତ ନୁହେଁ ତାହା ଅତି ସ୍ପଷ୍ଟ। ଏଥିପାଇଁ ସାଧାରଣ ଲୋକଙ୍କ ନିରପେକ୍ଷ ମତଦାନର ଗୁରୁତ୍ୱକୁ ଏଡ଼ାଇ ଦେଇହେବ ନାହିଁ। ଜାତୀୟ ମତଦାତା ଦିବସରେ ଶାସନ କଳ ସେହି ସାଧାରଣ ଜନତାଙ୍କୁ ସଚେତନ କରାଇବାର ଯଥେଷ୍ଟ ଆବଶ୍ୟକତା ରହିଛି। ଜାତୀୟ ମତଦାତା ଦିବସରେ ନିର୍ଭୀକ ଓ ନିରପେକ୍ଷ ମତଦାନ ର ଆବଶ୍ୟକତା ସଂପର୍କରେ ପ୍ରତ୍ୟେକ ନାଗରିକଙ୍କୁ ସଚେତନ କରାଇବା ସକାଶେ ଯେଉଁ ବ୍ୟାପକ କାର୍ଯ୍ୟକ୍ରମର ଆବଶ୍ୟକତା ରହିଛି ସେଥିପ୍ରତି କେହି ଧ୍ୟାନ ଦେଉନାହାଁନ୍ତି। ବରଂ ଧର୍ମକୁ ଆଖିଠାର ମାରିବା ଭଳି କିଛି ସରକାରୀ ଅଧିକାରୀ କର୍ମଚାରୀ ଜିଲ୍ଲା ସ୍ତରରେ ସଭାଟିଏ କରି ଏହି ଦିବସ ପାଳନ କରୁଥିବା ଦେଖାଯାଉଛି। ଯାହାର କୌଣସି ପ୍ରଭାବ ନାହିଁ କି ଏମିତି ଚାଲିଲେ ତାହା କୌଣସିମତେ ସାଧାରଣ ନାଗରିକଙ୍କୁ ପ୍ରଭାବିତ କରିବ ନାହିଁ ବୋଲି କୁହାଯାଇଛି।

### ୯୨୮ ଜଣଙ୍କୁ...

କରିଥିବା ସେମାନଙ୍କର ସାହସିକତା କାର୍ଯ୍ୟ ପାଇଁ ପୁରସ୍କୃତ କରାଯାଇଛି। ସାହସିକତା ପଦକ (ଜିଏମ): ମୋଟ ୧୨୫ ସାହସିକତା ପଦକ (ଜିଏମ) ମଧ୍ୟରୁ ଯଥାକ୍ରମେ ୧୨୧ ଜଣ ପୁଲିସ କର୍ମଚାରୀ ଏବଂ ୪ ଜଣ ଅଗ୍ନିଶମ ସେବା କର୍ମଚାରୀଙ୍କୁ ସାହସିକତା ପଦକ (ଜିଏମ) ପ୍ରଦାନ କରାଯାଇଛି।

ସେବା ପଦକ: ବିଶିଷ୍ଟ ସେବା ଲାଗି ରାଷ୍ଟ୍ରପତିଙ୍କ ପଦକ (ପିଏସଏମ) ବିଶେଷ ଭାବେ ବିଶିଷ୍ଟ ରେକର୍ଡ ପାଇଁ ପ୍ରଦାନ କରାଯାଏ ଏବଂ କର୍ତ୍ତବ୍ୟ ପ୍ରତି ନିଷ୍ଠା ଦ୍ୱାରା ଗୁଣାତ୍ମକ ସେବା ନିମନ୍ତେ ପ୍ରଶଂସନୀୟ ସେବା ପଦକ (ଏମଏସଏମ) ପ୍ରଦାନ କରାଯାଏ। ବିଶିଷ୍ଟ ସେବା ପାଇଁ ମୋଟ ୧୦୧ଟି ରାଷ୍ଟ୍ରପତିଙ୍କ ପଦକ (ପିଏସଏମ) ମଧ୍ୟରୁ, ୮୯ଟି ପୁଲିସ ସେବା ପାଇଁ, ୫ଟି ଅଗ୍ନିଶମ ସେବା, ୩ଟି ବେସାମରିକ ପ୍ରତିରକ୍ଷା ଏବଂ ଗୃହରକ୍ଷୀ ସେବାକୁ ଏବଂ ୪ଟି ସଂସ୍କାରମୂଳକ ସେବା ପାଇଁ ପ୍ରଦାନ କରାଯାଇଛି। ସେହିପରି, ମୋଟ ୭୫୬ ଟି ପ୍ରଶଂସନୀୟ ସେବା (ଏମଏସଏମ) ପଦକ ମଧ୍ୟରୁ, ୬୬୪ଟି ପୁଲିସ ସେବାକୁ, ୩୪ଟି ଅଗ୍ନିଶମ ସେବାକୁ, ୩୩ଟି ବେସାମରିକ ପ୍ରତିରକ୍ଷା ଓ ଗୃହରକ୍ଷୀ ସେବା ଏବଂ ୨୫ଟି ସଂସ୍କାରମୂଳକ ସେବା ପାଇଁ ପ୍ରଦାନ କରାଯାଇଛି।

### ୧୭ବର୍ଷ ପୂର୍ବରୁ...

ଅଂଶଗ୍ରହଣ କରିଥିଲେ। ସ୍ୱାଧୀନତା ସଂଗ୍ରାମର ବିଭିନ୍ନ ପର୍ଯ୍ୟାୟରେ କାରାରୁଦ୍ଧ ଥିବା ସତ୍ୟାଗ୍ରହୀମାନେ ଜେଲ ଭିତରେ ପୁଲିସ୍ ଲାଠିକୁ ଭ୍ରୁକ୍ଷେପ ନକରି ତ୍ରିରଙ୍ଗା ଝଣ୍ଡା ଉଡାଇ ସ୍ୱାଧୀନତା ଦିବସ ପାଳନ କରୁଥିଲେ। ଏମିତିକି ନେତାଜୀ ସୁଭାଷ ଚନ୍ଦ୍ର ବୋଷ ମଧ ବର୍ଲିନରେ ଜାନୁଆରୀ ୨୬ ଅବସରରେ ତ୍ରିରଙ୍ଗ ଝଣ୍ଡା ଉତ୍ତୋଳନ କରିଥିଲେ। ବ୍ରିଟିଶ ସଂସଦରେ ଭାରତ ସ୍ୱାଧୀନତା ବିଲ୍ ପାରିତ ହେବାବେଳେ ୧୯୪୮ ଜୁନ୍ ସୁଦ୍ଧା କ୍ଷମତା ହସ୍ତାନ୍ତର କରାଯିବ ବୋଲି କୁହାଯାଇଥିଲା। ଏ ପରିପ୍ରେକ୍ଷୀରେ ସ୍ୱାଧୀନତା ସଂଗ୍ରାମର ଆଗଧାଡିର ନେତାମାନେ ଜାନୁଆରୀ ୨୬ରେ ବ୍ରିଟିଶ ସରକାର ସ୍ୱାଧୀନତା ଦିଅନ୍ତୁ ବୋଲି ଆଶା ରଖିଥିଲେ। ତେବେ ସେତେବେଳର ଭାଇସରାୟ ଲର୍ଡ ମାଉଣ୍ଟବେଟେନ ତାଙ୍କ ସାମରିକ ଜୀବନର ଏକ ଗୌରବାବହ ସ୍ମୃତିକୁ ଉଖାରି ଅଗଷ୍ଟ ୧୫ରେ କ୍ଷମତା ହସ୍ତାନ୍ତର ପାଇଁ ଘୋଷଣା କରିଥିଲେ ଏବଂ ତଦନୁଯାୟୀ ୧୯୪୭ ଅଗଷ୍ଟ ୧୫ରେ ଭାରତ ସ୍ୱାଧୀନ ହୋଇଥିଲା। ତେବେ ୧୯୩୦ରୁ ଜାନୁଆରୀ ୨୬କୁ ସ୍ୱାଧୀନତା ଦିବସ ଭାବେ ପାଳନ କରା ହୋଇଆସୁଥିବା ପରିପ୍ରେକ୍ଷୀରେ ଭାରତର ସମ୍ବିଧାନ ୧୯୪୯ ନଭେମ୍ବର ୨୬ରେ ସମ୍ବିଧାନ ପ୍ରଣୟନ ସଭାରେ ପାରିତ ହୋଇଥିଲେ ମଧ୍ୟ ଏହାକୁ ୧୯୫୦ଜାନୁଆରୀ ୨୬ରୁ ଲାଗୁ କରିବାପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ପ୍ରତିବର୍ଷ ଅଗଷ୍ଟ ୧୫କୁ ସ୍ୱାଧୀନତା ଦିବସ ଭାବରେ ଏବଂ ଜାନୁଆରୀ ୨୬କୁ ସାଧାରଣତନ୍ତ୍ର ଦିବସ ଭାବେ ପାଳନ କରାଯାଉଛି।

### ଜମିବାଡି ବିବାଦ...

ପ୍ରାଣ ବିକଳରେ ପଳାଇ ଯାଇଥିଲେ। ଫଳରେ ସେମାନେ ମୃତ୍ୟୁମୁଖରୁ ବର୍ତ୍ତି ଯାଇଥିଲେ। ଗ୍ରାମବାସୀଙ୍କ ଠାରୁ ସୂଚନା ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦଂପତି ଏବଂ ସେମାନଙ୍କ ଝିଅର ମୃତଦେହ ଜବତ କରି ପୋଷ୍ଟମର୍ଟମ ପାଇଁ ପଠାଇଛି। ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ଗାଁରେ ଏବେ ଶୋକାକୁଳ ପରିବେଶ ଦେଖାଯାଇଛି।

### ଓଡ଼ିଶାର ୪...

କୁମାର ମିଶ୍ରଙ୍କୁ ସାହିତ୍ୟ ଓ ଶିକ୍ଷା କ୍ଷେତ୍ରରେ ଅବଦାନ ପାଇଁ ଏହି ପୁରସ୍କାର ଦିଆଯିବ। ସେହିପରି ଶରତ କୁମାର ପାତ୍ର ଓ ସୀମାଞ୍ଚଳ ପାତ୍ରଙ୍କୁ କଳା କ୍ଷେତ୍ରରେ ଅବଦାନ ପାଇଁ ପଦ୍ମଶ୍ରୀ ପୁରସ୍କାର ପ୍ରଦାନ କରାଯିବ।

Printed & Published by Gyanaranjan Behera on behalf of Radhakrushna Publications Pvt. Ltd. and Printed at Ricky Promotors, Plot No.6709, M.I.E., Rasulgarh, Bhubaneswar-751010 and Published at Janachetana Parisad Bhawan, At-Kajala, P.O/Dist -Kendrapara, Pin-754211, Ph. : 9439698412, 9583706460

Editor : Ambika Prasad Das   ସମ୍ପାଦକ : ଅମ୍ବିକା ପ୍ରସାଦ ଦାସ   Chief Editor : Umapada Bose   ମୁଖ୍ୟ ସମ୍ପାଦକ : ଉମାପଦ ବୋଷ